


ଜୟସ୍ୱାଲଙ୍କ ଶତକ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-353 ◆BHUBANESWAR ◆SATURDAY ◆21 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୫୩ ◆ଭୁବନେଶ୍ୱର ◆ଶନିବାର ◆୨୧ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଓଡ଼ିଶା ହେବ ପେଟ୍ରୋ କେମିକାଲ ହବ୍: ମୋଦୀ

## ଏକବିଂଶ ଶତାବ୍ଦୀରେ ପୂର୍ବ ଭାରତରୁ ମିଳିବ ଦେଶକୁ ବିକାଶ ଗତି

■ **ଭୁବନେଶ୍ୱର, ୨୦।୬ (ସମିସ):** ଏକବିଂଶ ଶତାବ୍ଦୀରେ ଦେଶର ଅଭିବୃଦ୍ଧି ପୂର୍ବ ଭାରତ ଦ୍ୱାରା ପରିଚାଳିତ ହେବ। ଏହି ମନୋଭାବକୁ ନେଇ ସରକାର ସମଗ୍ର ପୂର୍ବ କ୍ଷେତ୍ର ସହିତ ଓଡ଼ିଶାର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଆମେ ସମସ୍ତେ ମିଳିତ ଭାବେ ଓଡ଼ିଶାକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବା। ଆଗାମୀ ଦିନରେ ଓଡ଼ିଶା ଦେଶର ପେଟ୍ରୋ କେମିକାଲ ହବ୍ ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ସ୍ଥାନୀୟ ଜନତା ମଇଦାନରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ବର୍ତ୍ତମାନ ସମୟରେ ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ପାରାଦୀପରେ ଏକ ମେଗା ଡୁଆଲ୍-ଫିଡ୍ କ୍ରାକର୍ ଏବଂ ଡାଉନଷ୍ଟ୍ରିମ୍ ୟୁନିଟ୍ ପ୍ରତିଷ୍ଠା, ଚଣ୍ଡିଖୋଲରେ ଏକ ଅଶୋଧିତ ତୈଳ ଭଣ୍ଡାରଣ କେନ୍ଦ୍ର ଏବଂ ଗୋପାଳପୁରରେ ଏକ ଏଲଏନଜି ଟର୍ମିନାଲ ଭଳି ପ୍ରକଳ୍ପଗୁଡ଼ିକ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ରାଜ୍ୟ ଭାବରେ ପ୍ରତିଷ୍ଠା କରିବ। ଏହି ବିକାଶ ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ, ବୟନଶିଳ୍ପ ଏବଂ ପ୍ଲାଷ୍ଟିକ୍ ସହିତ ଜଡିତ ଶିଳ୍ପକୁ ପ୍ରୋତ୍ସାହିତ କରିବ। ଏହା ମଧ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଏକ ବିଶାଳ ନେଟୱର୍କ ସୃଷ୍ଟି କରିବ। ଯାହା ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ନିବେଶ ହୋଇସାରିଛି। ଓଡ଼ିଶା ଭାରତର ପେଟ୍ରୋକେମିକାଲ୍ସ ହବ୍ ହେବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଭୟ ଏକତ୍ର ରାଜ୍ୟରେ ଲାଗୁ ହୋଇଛି। ଏହା ଦ୍ୱାରା ଓଡ଼ିଶାର ପ୍ରାୟ ୩ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁନିଶ୍ଚିତ ହୋଇଛି। ଏହି ସୁବିଧା କେବଳ ଓଡ଼ିଶାର ଡାକ୍ତରଖାନାରେ ନୁହେଁ ବରଂ ଦେଶର ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ମଧ୍ୟ ଉପଲବ୍ଧ। ଏହି ଯୋଜନାରେ ଏପର୍ଯ୍ୟନ୍ତ ଓଡ଼ିଶାର ୨ ଲକ୍ଷ ଲୋକ ମାଗଣା ଚିକିତ୍ସା ପାଇଛନ୍ତି। ବର୍ଷକ ପୂର୍ବରୁ ଏପରି ଚିକିତ୍ସା ସୁବିଧା ଅକଳ୍ପନୀୟ ଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି।




**ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ଉନ୍ମୋଚିତ**

**୧୮,୬୦୦ କୋଟିର ପ୍ରକଳ୍ପ ଉଦଘାଟନ ଏବଂ ଶିଳାନ୍ୟାସ**

**ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ: ମୁଖ୍ୟମନ୍ତ୍ରୀ**

ସେ ପୁଣି କହିଛନ୍ତି ଯେ ସମାଜର ଦୁର୍ବଳ ବର୍ଗକୁ ସଶକ୍ତ କରିବା ଆମ ସରକାରର ବଡ଼ ଉପଲବ୍ଧି। ଓଡ଼ିଶାରେ ବହୁ ସଂଖ୍ୟାରେ ଆଦିବାସୀ ଭାଇଭଉଣୀ ଅଛନ୍ତି। ଯେଉଁ ଦଳ ଦେଶରେ ଦୀର୍ଘ ସମୟ ଧରି ଶାସନ କରି ଆସୁଥିଲା, ସେହି ଦଳ ହିଁ ଆଦିବାସୀଙ୍କୁ ନିଜ ରାଜନୈତିକ ସ୍ୱାର୍ଥ ଚରିତାର୍ଥ ପାଇଁ ବ୍ୟବହାର କରି ଆସୁଥିଲା। ବିକାଶ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରିବା, ବାଧା ସୃଷ୍ଟି କରିବା ଓ ଦିଗହରା କରିବା ଏବଂ ବ୍ୟାପକ ଦୁର୍ନୀତି କଂଗ୍ରେସର ବିକାଶ ମଡେଲ ପରିଚୟ ଥିଲା। ମାତ୍ର ଆମର ସରକାର କେବଳ ଗୋଟିଏ ବର୍ଷର ସଫଳତା କିମ୍ବା ପାଞ୍ଚ ବର୍ଷର ଲକ୍ଷ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଆଗାମୀ ଦଶନ୍ଧି ପାଇଁ ଏକ ରୋଡମ୍ୟାପ୍ ନିର୍ମାଣ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮ ୬୫୩ କୋଟି ଟଙ୍କାର ୧୦୫ଟି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର ଉନ୍ମୋଚନ, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି କରିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ବୌଦ୍ଧ-ସମ୍ବଲପୁର ଓ ବୌଦ୍ଧ-ଭୁବନେଶ୍ୱର ନୂଆ ଟ୍ରେନ, କଟକରେ ୧୦୦ଟି ବୈଦ୍ୟୁତିକ ବସର ଶୁଭାରମ୍ଭ କରିଛନ୍ତି। ଅନୁରୂପ ଭାବରେ ୧୦୦ ଲକ୍ଷପତି ଦିଦିଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୧ ବର୍ଷ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ ▶ପୃଷ୍ଠା-୭



# ଘମାଘୋଟ ଲଢ଼େଇ

## ଇସ୍ରାଏଲର ୪ ସହରରେ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼କଲା ଇରାନ

## ଇରାନର ୩ ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍ର ପ୍ରଚଣ୍ଡ ପ୍ରହାର

■ **ତେଲ ଆଭିଭ, ୨୦।୬ (ଏଜେନ୍ସି):** ଇସ୍ରାଏଲ-ଇରାନ ସଂଘର୍ଷ ଥମିବାର ନା ଧରୁନି। ଏହି ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଛନ୍ତି। ଘମାଘୋଟ ଲଢ଼େଇ ଜାରି ରହିଥିବାବେଳେ ଆମେରିକା ଯୁଦ୍ଧରେ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ୨ ସପ୍ତାହ ମଧ୍ୟରେ ଏହି ଯୁଦ୍ଧରେ ସାମିଲ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏହା ମଧ୍ୟରେ ଇରାନ ଭାରତୀୟ ନାଗରିକଙ୍କ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି।

ଯୁଦ୍ଧ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ସନ୍ଧ୍ୟାରେ ଇସ୍ରାଏଲର ତେଲ ଆଭିଭ, ବିର୍ସେବା, ହାଇଫା ସହିତ ଅନେକ ସହ ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ହାଇଫାରେ କ୍ଷେପଣାସ୍ତ୍ର ପଡ଼ିବାରୁ ୧୭ ଜଣ ଆହତ ହୋଇଛନ୍ତି। ଜଣେ ନାବାଳକଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେବେ ବର୍ସେବା ସହିତ ୪ ସହର ଉପରେ ଇରାନ ପ୍ରଥମ ଥର ପାଇଁ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼ କରିଛି। ଏହାର ଅନେକ ଭିଡିଓ ସାମ୍ନାକୁ ଆସିଛି। ବାଲିଷ୍ଟିକ ମିସାଇଲରେ କ୍ଲଷ୍ଟର ବୋମା ଲଗାଇ ମାଡ଼ କରିଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନର କ୍ଷୁଦ୍ର ବୋମା ପଡୁଥିବା ଦେଖି ଯାଉଛି। ଅସ୍ତ୍ରବିରତିର ସମ୍ଭାବନା କମ୍ ଥିବାବେଳେ ଏହି ଅସ୍ତ୍ର ବ୍ୟବହାର କରି ଇରାନ ସଂଘର୍ଷକୁ ଅଧିକ ଘନୀଭୂତ କରିଦେଇଛି। ଏହି ଆକ୍ରମଣରେ ଇସ୍ରାଏଲ ହସ୍ପିଟାଲ କ୍ଷତିଗ୍ରସ୍ତ ହେଇଛି। ଏଥିରେ ୭୧ ଜଣ ଆହତ ହୋଇଛନ୍ତି। ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ଇରାନ ନେତୃତ୍ୱକୁ ବହୁମୂଲ୍ୟ ▶ପୃଷ୍ଠା-୭

# ‘ଆୟୁଷ୍ମାନ’ରେ ମିଳୁନି ଔଷଧ

## ରାଜ୍ୟ ବାହାରୁ ଫେରୁଛନ୍ତି ରୋଗୀ

■ **ଜୟପୁର, ୨୦।୬ (ସମିସ):** ନବୀନ ସରକାର ଅମଳରେ ବିଏସ୍‌କେୱାଇ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। ବିଶେଷକରି ଗରିବ ଶ୍ରେଣୀର ରୋଗୀ ଏଥିରୁ ବହୁ ଉପକୃତ ହୋଇପାରୁଥିଲେ। କିନ୍ତୁ ବିଜେପି ସରକାରଙ୍କ ଦ୍ୱାରା ପ୍ରଚଳିତ ଆୟୁଷ୍ମାନ କାର୍ଡ ଏବେ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିରାଶ କରୁଛି। ଏପରିକି, ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ବାହାରର ହସ୍ପିଟାଲକୁ ଯାଉଥିବା ରୋଗୀମାନେ ଏହି କାର୍ଡରେ ସ୍ୱାସ୍ଥ୍ୟସେବା ପାଇ ନପାରି ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ଗୋଟିଏ କି’ ଦୁଇଟି ଘଟଣା ନୁହେଁ, ଏମିତି ଗଣ୍ଡାଗଣ୍ଡା ଘଟଣା ଏବେ ପଦାକୁ ଆସିବାରେ ଲାଗିଛି। ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି, ଜୟପୁର ସହରର ପ୍ରସାଦ ରାଓ ପେଟାର ବାସିନ୍ଦା ଏମ୍. ରମେଶଙ୍କୁ ଉଦାହରଣସ୍ୱରୂପ ନିଆଯାଇପାରେ।

୨୦୨୧ ମସିହାରୁ ବିଏସକେୱାଇ ଯୋଜନାରେ ସାମିଲ ହୋଇ ଶ୍ରୀ ରମେଶ ନିଜର ଫୁସ୍‌ଫୁସ୍ କର୍କଟ ରୋଗର ଚିକିତ୍ସା କରାଉଥିଲେ। ସେ ପଡ଼ୋଶୀ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଏହି ଯୋଜାନାରେ ତାଙ୍କୁ



ସମସ୍ତ ଚିକିତ୍ସା କାର୍ଡ ମାଧ୍ୟମରେ ମିଳୁଥିଲା। ଔଷଧ ମଧ୍ୟ ମାଗଣାରେ ମିଳୁଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପ୍ରଦାନ କେବଳ କେମୋ ଏବଂ ଅସ୍ତ୍ରୋପଚାର ପାଇଁ ବ୍ୟବହୃତ ହେଉଥିବା ବେଳେ ମାଗଣା ଔଷଧ ପ୍ରଦାନ କରାଯାଉନାହିଁ। ଶ୍ରୀ ରମେଶଙ୍କୁ ଦୈନିକ ୩ଟି ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏକ ଷ୍ଟ୍ରିପ୍‌ରେ ଥିବା ୧୦ଟି ଔଷଧ ପାଇଁ ଦାମ ୫ ହଜାର ଟଙ୍କା ରହିଥିବା ବେଳେ ମାସିକ ୪୫ରୁ ୫୦ ହଜାର ଟଙ୍କା କେବଳ ଔଷଧ ବାବଦକୁ ତାଙ୍କର ଖର୍ଚ୍ଚ ହେଉଛି। ରମେଶ ଜଣେ ଗରିବ ଶ୍ରେଣୀର ଲୋକ ▶ପୃଷ୍ଠା-୭

# ରକେଟ୍ ନିର୍ମାଣ କରିବ ହାଲ୍

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ଲଢୁଆ ବିମାନ ନିର୍ମାଣ କରୁଥିବା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ) ଏବେ ଛୋଟ ଛୋଟ ରକେଟ୍ ସଞ୍ଚାଳନ କରିବାକୁ ଯାଉଛି। ଏଥିପାଇଁ ସ୍ପେଶ୍ ରେଗୁଲେଟର ଇଣ୍ଡିଆନ୍ ନ୍ୟାସନାଲ ସ୍ପେଶ୍ ପ୍ରମୋସନ ଆଣ୍ଡ ଅଥରାଇଜେସନ ସେଣ୍ଟର (ଆଇଏନ୍-ଏସ୍‌ପିଏସିଇ) ହାଲ୍‌କୁ ସ୍ମଲ ସାଟେଲାଇଟ୍ ଲଞ୍ଚ୍ ଭେଇକଲ (ଏସ୍‌ଏସ୍‌ଏଲ୍‌ଭି)ର ବୈଷୟିକ ଜ୍ଞାନ କୌଶଳ ଦେବାକୁ ଘୋଷଣା କରିଛି। ଏଥିସହ ଭାରତୀୟ ମହାକାଶ କ୍ଷେତ୍ର ଏକ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛି। ଏନେଇ ଆଇଏନ୍-ଏସ୍‌ପିଏସିଇ ନିର୍ଦ୍ଦେଶକ ଡ. ପବନ କେ ଗୋଏଙ୍କା ଶୁକ୍ରବାର ଘୋଷଣା କରିଛନ୍ତି। ହାଲ ଏହି କ୍ରମରେ ଆଲଫା ଡିଜାଇନ୍ ଟେକ୍ନୋଲୋଜି ଲିମିଟେଡ, ଭାରତ ଡାଇନାମିକ୍ସ ଲିମିଟେଡ ଭଳି କମ୍ପାନୀକୁ ପଛରେ ପକାଇ ୫୧୧ କୋଟି ଟଙ୍କା ବିନିମୟରେ ଏହି ବୈଷୟିକ ଜ୍ଞାନକୌଶଳ ପାଇବାର ଅଧିକାର ହାସଲ କରିଛି। ଏବେ ହାଲ୍ ଗୋଟିଏ ବର୍ଷରେ ୬ରୁ ୧୦ଟି ସ୍ମଲ ସାଟ୍‌ଲାଇଟ୍ ଲଞ୍ଚ୍ ଭେଇକଲ (ଏସ୍‌ଏସ୍‌ଏଲ୍‌ଭି) ତିଆରି କରିବାକୁ ଲକ୍ଷ୍ୟ ରଖିଛି। ଏସ୍‌ଏସ୍‌ଏଲ୍‌ଭି ବୈଷୟିକ ଜ୍ଞାନ କୌଶଳ ହାସଲ କରିବାରେ ଏକମାତ୍ର ଅଧିକାରୀ ସାବ୍ୟସ୍ତ ହୋଇଛି।

# ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ

## ନବୀନ ନିବାସରୁ ବିମାନବନ୍ଦର ଲୋକାରଣ୍ୟ

■ **ଭୁବନେଶ୍ୱର, ୨୦।୬ (ସମିସ):** ହଜାର ହଜାର ଲୋକଙ୍କ ଶୁଭେଚ୍ଛା ଓ ମଙ୍ଗଳକାମନା ସାଥୀରେ ନେଇ ଚିକିତ୍ସା ନିମନ୍ତେ ମୁମ୍ବାଇ ଯାଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୨୨ ତାରିଖରେ ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆଥ୍ରାଇଟିସ ଅପରେସନ ହେବ। ଆଜି ମୁମ୍ବାଇ ଗସ୍ତ ପୂର୍ବରୁ ନବୀନ ନିବାସଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ହଜାର ହଜାର ଲୋକ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ହଜାର ହଜାର ବରିଷ୍ଠ ନାଗରିକ, ମହିଳାମାନେ ନବୀନଙ୍କ ଶୁଭ ମନାସିବା ସହ ହୁଳହୁଳି ଦେଇ ତାଙ୍କ ପ୍ରିୟ ନେତାଙ୍କ ଉତ୍ତମ ଚିକିତ୍ସା ସହ ଶୀଘ୍ର ସୁସ୍ଥ ହେବାକୁ ପ୍ରାର୍ଥନା କରିଛନ୍ତି।

ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ଓ ତାଙ୍କର ସୁସ୍ଥତା କାମନା ନିମନ୍ତେ ଶୁକ୍ରବାର ସକାଳୁ ନବୀନ ନିବାସ ସମ୍ମୁଖରେ ଗହଳି ଆରମ୍ଭ ହୋଇ ଯାଇଥିଲା। ଦଳର ବିଧାୟକ, ସାଂସଦ ଓ କର୍ମୀଙ୍କ ସହ ବହୁ ସାଧାରଣ ଜନତା

**ମା’ ମାନେ ଅଜାଡ଼ିଲେ ଆଶିଷ, କଲେ ମଙ୍ଗଳକାମନା**

ପହଞ୍ଚିଥିଲେ। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନବୀନ ନିବାସ ସମ୍ମୁଖରେ ମହିଳା ବିଜେଡି କର୍ମୀ ଓ ସାଧାରଣ ଲୋକେ ପୂଜାର୍ଚ୍ଚନା କରିଥିଲେ। ନବୀନ ନିବାସରୁ ବିମାନ ବନ୍ଦର ଅଭିମୁଖେ ନବୀନ ବାହାରିବା ପରେ ରାସ୍ତାରେ ଉଭୟ ପାର୍ଶ୍ୱରେ ଲୋକେ ଛିଡ଼ା ହୋଇ ନବୀନଙ୍କ ସୁସ୍ଥ ଜୀବନ କାମନା କରି ହୁଳହୁଳି ପକାଇଥିଲେ। ▶ପୃଷ୍ଠା-୭



**ଖରିଫକୁ ଟପିଲା ରବି କଷ୍ଟ**

# ଟୋକନ ମିଳୁଛି, ଧାନ ଉଠୁନି

## ଅବଧି ସରିବାକୁ ବସିଲାଣି, ଅଧା ହୋଇନାହିଁ ଧାର୍ଯ୍ୟ ଲକ୍ଷ୍ୟ

■ **ଭୁବନେଶ୍ୱର, ୨୦।୬ (ସମିସ):** ଚାଷୀମାନେ ଖରିଫ ଧାନ ବିକ୍ରିରେ କଷ୍ଟର ସମ୍ମୁଖୀନ ହୋଇଥିଲେ; ମିଲରମାନେ କ୍ୱିଣ୍ଟାଲ ପିଛା ୮ କେଜି ପର୍ଯ୍ୟନ୍ତ ଧାନ କାଟି ରଖୁଥିବା ନେଇ ଚାଷୀ ଅଭିଯୋଗ କରିଥିଲେ। ଏହାକୁ ନେଇ ରାଜ୍ୟ ତମାମ୍ ଅସନ୍ତୋଷ ବଢ଼ିଥିଲା, ବିଧାନସଭା କମ୍ପିଥିଲା, ଚାଷୀମାନେ ରାସ୍ତାରେ ଧାରଣା ଦେଇଥିଲେ। ଆଶା କରାଯାଉଥିଲା ଯେ ରବି ଧାନ କିଣା ବେଳକୁ ହୁଏତ ଏହି ସମସ୍ୟା ଦେଖା ଦେବ ନାହିଁ। ମାତ୍ର ବର୍ତ୍ତମାନ ରବି ଧାନ ବିକ୍ରି ସମୟରେ ଚାଷୀଙ୍କ କଷ୍ଟ ଖରିଫକୁ ବଳି ଯାଇଛି। ସେତେବେଳେ ମିଲର ୮ କିଲୋ କଟନିଛଟନି କରୁଥିଲେ, ଏବେ ତାହା ୧୨ କିଲୋରେ ପହଞ୍ଚିଛି। ୧୨ କିଲୋ ନ କାଟିଲେ ମିଲର ଧାନ କିଣୁ ନାହାନ୍ତି। ଫଳରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ରବିଧାନ ପଡ଼ି ରହିଛି। ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଥିବା ଯୋଗୁଁ ଅନେକ ମଣ୍ଡିରେ ପଡ଼ିଥିବା ଧାନରୁ ଗଜା ହେବା ବି ଦେଖା ଗଲାଣି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ରବି ଧାନ ବିକ୍ରି ଅବଧି ଆଉ ମାତ୍ର ୧୦ ଦିନ ରହିଛି। ହେଲେ ଅଧାରୁ ଅଧିକ ଜିଲ୍ଲାରୁ ଏପର୍ଯ୍ୟନ୍ତ ଅଧା ଧାନ ବି ଉଠିନି। ତେଣୁ ଓଦାଧାନକୁ ଚାଷୀ ଶୁଖାଇ ବାଧ ହୋଇ ଶାଗ-ମାଛ ଦରରେ ଏବେ ଦଲାଲ୍‌କୁ ବିକ୍ରି କରିବାକୁ ବାଧ ହେଉଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ କଳାହାଣ୍ଡି, ସମ୍ବଲପୁର, ବରଗଡ଼ ଆଦି ଜିଲ୍ଲାରେ ଏଭଳି ସ୍ଥିତି ଦେଖାଦେଇଛି। ଏହା ଉପରେ ସରକାର ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ ବର୍ଷ ପୂର୍ତ୍ତି ଉତ୍ସବ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ମାତିଛନ୍ତି।

**ଶାଗ-ମାଛ ଦରରେ ବେପାରୀଙ୍କୁ ଧାନ ବିକୁଛନ୍ତି ଚାଷୀ**

ରବି ଧାନ କ୍ରୟ ପାଇଁ ରାଜ୍ୟରେ ମଣ୍ଡି ବ୍ୟବସ୍ଥା ଚାଲୁ ହୋଇଥିବାବେଳେ ଧାନ କିଣାବିକା ଆରମ୍ଭରୁ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏହି କାରଣରୁ ଅନ୍ୟ କୌଣସି ଉପାୟ ନପାଇ ଚାଷୀ ଏବେ ଖୋଲା ବଜାରରେ କ୍ୱିଣ୍ଟାଲ ପିଛା ମାତ୍ର ୧୫୦୦ରୁ ୨୦୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛି। ରାଜ୍ୟ ସରକାର ଯେତେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଯୋଗାଇ ଦେଇଥିଲେ, ସେଥିରୁ ପାଖାପାଖି ୧୦ ରୁ ୨୦ ପ୍ରତିଶତ ଚାଷୀଙ୍କ ଟୋକନ୍ ବାତିଲ ହୋଇ ସାରିଲାଣି। ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନଥିବାରୁ ମିଲର୍ସମାନେ ନିଜ ଇଚ୍ଛା ମୁତାବକ ▶ପୃଷ୍ଠା-୭

## ସ୍ୱିସ୍ ବ୍ୟାଙ୍କରେ ହୁ ହୁ ହୋଇ ବଢ଼ୁଛି ଭାରତୀୟଙ୍କ ଧନ

# ୨୦୨୪ରେ ଜମାରାଶି ବଢ଼ିଛି ୩ ଗୁଣ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ସ୍ୱିସ୍ ବ୍ୟାଙ୍କରେ ବଢ଼ିବାରେ ଲାଗିଛି ଭାରତୀୟଙ୍କ ସମ୍ପତ୍ତି। ୨୦୨୩ ତୁଳନାରେ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ପରିମାଣରେ ତିନି ଗୁଣ ବୃଦ୍ଧି ଘଟି ଏହା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କ ହୋଇଛି। ଏହି ପରିମାଣ ଭାରତୀୟ ଟଙ୍କାରେ ପ୍ରାୟ ୩୭,୬୦୦ କୋଟି ଟଙ୍କା। ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ (ଏସ୍‌ଏନ୍‌ବି) ଜୁନ୍ ୧୯ରେ ଏହି ତଥ୍ୟ ପ୍ରକାଶ କରିଛି। କେବଳ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଟଙ୍କା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କକୁ ବୃଦ୍ଧି ପାଇଛି। ଏହା ୨୦୨୩ ତୁଳନାରେ ତିନି ଗୁଣ ଅଧିକ। ସେତେବେଳେ ଏହି ପରିମାଣ ମାତ୍ର ୧.୦୪ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୧୧,୦୦୦ କୋଟି ଟଙ୍କା) ଥିଲା। ୨୦୨୧ ପରେ ଏହା ସର୍ବାଧିକ ଜମା ରାଶି, କାରଣ ସେତେବେଳେ ଏହା ୩.୮୩ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୪୧




ହଜାର କୋଟି) ଥିଲା। ଏହି ଟଙ୍କା ଭାରତୀୟ ବ୍ୟକ୍ତି ବିଶେଷ ଏବଂ କମ୍ପାନୀଗୁଡ଼ିକ ଦ୍ୱାରା ସ୍ୱିସ୍ ବ୍ୟାଙ୍କରେ ଜମା କରାଯାଇଛି, କିନ୍ତୁ ଜମା ରାଶିରେ ଅଧିକାଂଶ ବୃଦ୍ଧି ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ଆସୁଥିବା ପାଣ୍ଠି ଯୋଗୁଁ ହୋଇଛି।

ବ୍ୟକ୍ତିଗତ ଗ୍ରାହକଙ୍କ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥ ପରିମାଣରେ କେବଳ ୧୧% ବୃଦ୍ଧି ପାଇଛି, ଯାହା ପ୍ରାୟ ୩୪୬ ନିୟୁତ ସ୍ୱିସ୍ ଫ୍ରାଙ୍କ, ଅର୍ଥାତ୍ ପ୍ରାୟ ୩୬୭୫ କୋଟି ଟଙ୍କା। ଅର୍ଥାତ୍, ମୋଟ ଜମା

**କେବଳ ବର୍ଷକରେ ୩୭,୬୦୦ କୋଟି ଜମା**

ପରିମାଣର କେବଳ ୧୦ ଭାଗ ବ୍ୟକ୍ତିଗତ ଆକାଉଣ୍ଟରୁ ଆସିଛି। ଅବଶିଷ୍ଟ ଟଙ୍କା ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ବଣ୍ଡ ଏବଂ ସିକ୍ୟୁରିଟି ଭଳି ରୁଟ୍‌ରୁ ଆସିଛି। ସ୍ୱିସ୍ କର୍ତ୍ତୃପକ୍ଷ ଏବଂ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ସ୍ୱିସ୍ ବ୍ୟାଙ୍କରେ ଜମା ହୋଇଥିବା ସମସ୍ତ ଟଙ୍କାକୁ କଳାଧନ ଭାବରେ ବିବେଚନା କରାଯାଇପାରିବନାହିଁ। ଏହି ସଂଖ୍ୟାଗୁଡ଼ିକ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କର ସରକାରୀ ରେକର୍ଡରୁ ଆସିଛି। ଏଥିରେ ଭାରତୀୟ ଏନ୍‌ଆର୍‌ଆଇ କିମ୍ବା ଅନ୍ୟ ଲୋକମାନେ ତୃତୀୟ ଦେଶର କମ୍ପାନୀ ନାମରେ ଜମା କରିଥିବା ଟଙ୍କା ଅନ୍ତର୍ଭୁକ୍ତ ହୋଇନାହିଁ। ସ୍ୱିସ୍ କର୍ତ୍ତୃପକ୍ଷ କୁହନ୍ତି ଯେ ସେମାନେ ଟିକସ ଫାଙ୍କି ଏବଂ ଠକେଇ ବିରୁଦ୍ଧରେ ଲଢ଼େଇରେ ଭାରତକୁ ସହଯୋଗ କରୁଛନ୍ତି। ଭାରତ ଏବଂ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ୨୦୧୮ ମସିହାରୁ ଆର୍ଥିକ ସୂଚନା ବାଣ୍ଟିବା ପାଇଁ ଏକ ଚୁକ୍ତି ହୋଇଛି। ଏହା ଅଧୀନରେ, ପ୍ରତିବର୍ଷ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଆକାଉଣ୍ଟ ବିଷୟରେ ସୂଚନା ଭାରତକୁ ପ୍ରଦାନ କରାଯାଏ। ୨୦୧୯ ଏବଂ ୨୦୨୦ ମସିହାରେ ମଧ୍ୟ ବ୍ୟାଙ୍କ ଭାରତକୁ ଏପରି ସୂଚନା ଦେଇଥିଲା।

## ଚୀନ୍ ଗସ୍ତରେ ଯିବେ ରାଜନାଥ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାଂଘାଇ କୋଅପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ। ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଏହି ବୈଠକରେ ମିଳିତ ହେବେ। ଏହି ସମ୍ମଳନୀ ଚୀନ୍‌ର କିଙ୍ଗଡ଼ାଓରେ ଜୁନ୍ ୨୫ରୁ ୨୭ ତାରିଖ ମଧ୍ୟରେ ଆୟୋଜନ ହେବ। ଅପରେସନ ସିନ୍ଦୁର ପରେ ରାଜନାଥ ପ୍ରଥମଥର ପାଇଁ ଏହି ସମ୍ମଳନୀରେ ଯୋଗ ଦେବେ। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ମଧ୍ୟ ଏଥିରେ ଯୋଗ ଦେବେ। ଦୀର୍ଘ ୭ ବର୍ଷ ପରେ କୌଣସି ଭରାତୀୟ ମନ୍ତ୍ରୀ ଚୀନ୍ ଯାତ୍ରା କରିବେ।

## ୨୦୨୪ ନିର୍ବାଚନରେ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବିଜେପି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଗତ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସର୍ବାଧିକ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବୋଲି ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ମୋଟ ନିର୍ବାଚନ ଖର୍ଚ୍ଚର ଏହା ୪୪.୫୬ ପ୍ରତିଶତ ବୋଲି କୁହାଯାଇଛି। ସେହିପରି କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହା ମୋଟ୍ ନିର୍ବାଚନ ଖର୍ଚ୍ଚର ୧୮.୫ ପ୍ରତିଶତ। ଦେଶରୁ ୩୨ଟି ଜାତୀୟ ତଥା ଆଞ୍ଚଳିକ ଦଳଗୁଡିକ ନିର୍ବାଚନରେ ଖର୍ଚ୍ଚ କରିଥିବା ଅର୍ଥର ପରିମାଣକୁ ନେଇ ତାଲିକା ପ୍ରକାଶ କରିଛି। ରାଜନୈତିକ ଦଳଗୁଡିକ ଲୋକସଭା ସହିତ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ନିର୍ବାଚନରେ ମୋଟ୍ ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୪ ମାର୍ଚ୍ଚ ୧୬ରୁ ଜୁନ୍ ୬ ମଧ୍ୟରେ ଏହି ନିର୍ବାଚନଗୁଡିକ ଅନୁଷ୍ଠିତ ହୋଇଥିଲା। ଜାତୀୟ ଦଳଗୁଡିକ ମୋଟ୍ ଉପରେ ନିର୍ବାଚନରେ ୨, ୨୦୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

## ପୁଣି ଘୁଞ୍ଚିଲା ଶୁଭାଂଶୁଙ୍କ ମହାକାଶ ଯାତ୍ରା

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ପୁଣି ଘୁଞ୍ଚିଛି। ଶୁଭାଂଶୁ ଓ ତାଙ୍କ ସାଥିମାନେ ଅକ୍ସିଅମ-୪ ମିସନରେ ଇଣ୍ଟରନ୍ୟାସନାଲ ସ୍ପେଶ୍ ଷ୍ଟେସନ (ଆଇଏସ୍‌ଏସ୍)କୁ ୨୨ ତାରିଖରେ ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। ଆଇଏସ୍‌ଏସ୍‌ର ସୁରକ୍ଷା ଯାଞ୍ଚ୍ କରାଯିବାକୁ ଦୃଷ୍ଟିରେ ରଖି ଏହି ମିସନ ତଥା ଯାତ୍ରାକୁ ୫ମଥର ପାଇଁ ଘୁଞ୍ଚିଯାଇଛି। ପୂର୍ବରୁ ଏହାକୁ ଜୁନ୍ ୧୧ ତାରିଖରେ ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଲଞ୍ଚ୍ କରାଯିବାର କାର୍ଯ୍ୟକ୍ରମ ଥିଲା।

## 'ପ୍ରତିଭା ସେତୁ' ଲଞ୍ଚ୍ କଲା ୟୁପିଏସ୍‌ସି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) 'ପ୍ରତିଭା ସେତୁ' ନାମକ ଏକ ନୂଆ ସ୍କିମ୍ ତଥା ଯୋଜନା ଆରମ୍ଭ କରିଛି। ଏହା ପୂର୍ବରୁ ପବ୍ଲିକ ଡିସ୍‌କ୍ଲୋଜର ସ୍କିମ (ପିଡିଏସ୍) ନାମରେ ପରିଚିତ ଥିଲା। ଦେଶର ଶ୍ରେଷ୍ଠ ପ୍ରତିଭାସମ୍ପର୍ଣ୍ଣର ଛାତ୍ରଛାତ୍ରୀଙ୍କୁ ଚାକିରି ଦେବାରେ ଏହା ସହାୟ ହେବ ବୋଲି କୁହାଯାଉଛି। ୟୁପିଏସ୍‌ସି ଫାଇନାଲ ରାଉଣ୍ଡର ପହଞ୍ଚି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁ ନ ଥିବା ଆଶାୟୀଙ୍କୁ ଏହି ଯୋଜନା ଦ୍ୱାରା ବିଭିନ୍ନ ଘରୋଇ ଓ ସରକାରୀ ସଂସ୍ଥାଗୁଡିକରେ ଚାକିରି ସୁଯୋଗ ପାଇ ପାରିବେ।

## ପତ୍ନୀକୁ ହତ୍ୟା କରି ପୋତିଦେଲା ସ୍ୱାମୀ

ଚଣ୍ଡିଗଡ଼, ୨୦।୬ (ଏଜେନ୍ସି): ହରିୟାଣା ଫରିଦାବାଦର ଜଣେ ପୋଷାକ ବ୍ୟବସାୟୀ ନିଜ ପତ୍ନୀଙ୍କୁ ହତ୍ୟା କରିଦେଇଛି। ପରେ ବାପା ସହ ମିଶି ରାତିରେ ଘର ବାହାରେ ଥିବା ରାସ୍ତାରେ ସ୍ୱରେଜ ଖୋଳି ପୋତି ଦେଇଛି। କାହାକୁ ସନ୍ଦେହ ନ ହେବା ପାଇଁ ଥାନାକୁ ଯାଇ ପତ୍ନୀ ନିଖୋଜ ଥିବା ଅଭିଯୋଗ କରିଛି। ତେବେ ଉତ୍ତର ପ୍ରଦେଶ ଫିରୋଜାବାଦର ଏହି ମହିଳାଙ୍କ ବାପା ଝିଅକୁ ଖୋଜିବା ଜାରି ରଖିଥିଲେ। ଆଖପାଖର ଲୋକଙ୍କୁ କଥାକୁ ଆଧାର କରି ସନ୍ଦେହ ହେବାରୁ ପୁଲିସ ଡାକି ଘାର ଆଗ ଖୋଲିଥିଲେ। ସେଥିରେ ଝିଅର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଅଭିଯୁକ୍ତ ବାପପୁଅକୁ ଗିରଫ କରିଛି। ଯୌତୁକ ଉତ୍ପୀଡ଼ନ ପାଇଁ ଏପରି କରିଥିବା ମହିଳାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତେବେ ହତ୍ୟାକାଣ୍ଡକୁ ଦେଖି ଏହା ପଛରେ ଅନ୍ୟ କିଛି କାରଣ ରହିଛି ବୋଲି ପୁଲିସ ସନ୍ଦେହ କରୁଛି।

## ୨୧୨୦ କୋଟିର ଲଟେରି ଜିତିଲେ ଆୟାରଲାଣ୍ଡ ବ୍ୟକ୍ତି

ଡବ୍‌ଲିନ, ୨୦।୬ (ଏଜେନ୍ସି): କାହାର କେତେବେଳେ ଭାଗ୍ୟ ବଦଳି ଯିବ ତାହା କେହି ଜାଣି ନାହାନ୍ତି। ଭାଗ୍ୟ ଖୋଲିଗଲେ ମଣିଷ ରାତାରାତି ମାଲାମାଲ୍ ହୋଇଯାଏ। ଏବେ ଆୟରଲାଣ୍ଡରୁ ଏଭଳି ଏକ ଚାଞ୍ଚଲ୍ୟକର ଖବର ସାମନାକୁ ଆସିଛି। ୟୁରୋପର ସବୁଠାରୁ ବଡ ୟୁରୋମିଲିୟନ୍ସ ଲଟେରି ଜିତି ଜଣେ ବ୍ୟକ୍ତିଙ୍କ ଭାଗ୍ୟ ବଦଳି ଯାଇଛି। ସେ ନିମିଷକେ ମଧ୍ୟରେ ୨୧୨୦ କୋଟି ଟଙ୍କାର ମାଲିକ ହୋଇଯାଇଛନ୍ତି। ଏହି ଧନ ସହିତ ଉକ୍ତ ବ୍ୟକ୍ତି 'ଦ ସଣ୍ଡେ ଟାଇମ୍ସ ରିଚ୍ ଲିଷ୍ଟ-୨୦୨୫'ରେ ସାମିଲ ହୋଇଛନ୍ତି। ସେ ଲଟେରି ମାଧ୍ୟମରେ ଯେଉଁ ୨୧୨୦ କୋଟି ଟଙ୍କା ଜିତିଛନ୍ତି ତାହା ଭାରତୀୟ କ୍ରିକେଟ ବିରାଟ କୋହଲି ଏବଂ ଏମଏସ୍ ଧୋନୀଙ୍କ ଭଳି ସେଲିବ୍ରିଟିଙ୍କ ବାର୍ଷିକ ଆୟଠାରୁ ବି ଅଧିକ।

ଇରିଶ ନ୍ୟାସନାଲ ଲଟେରି ପକ୍ଷରୁ କୁହାଯାଇଛି ଯେ ଲଟେରି ନମ୍ବର ୧୩, ୨୨, ୨୩, ୪୪, ୪୯ ଏବଂ ଲକି ଷ୍ଟାର ୦୩ ଓ ୦୫ ରଖିଥିବା ବ୍ୟକ୍ତି ବିଜୟୀ ହୋଇଛନ୍ତି। ଜ୍ୟାକ୍‌ପଟ୍ ପାଇଥିବା ଆୟରଲାଣ୍ଡ ବ୍ୟକ୍ତି ଏ ପର୍ଯ୍ୟନ୍ତ ଅଫିସ ସହ ଯୋଗାଯୋଗ କରିନାହାନ୍ତି। ପ୍ରାୟ ୨ ସପ୍ତାହ ହେଲା ଏହି ଅର୍ଥ ପଡ଼ି ରହିଛି।

ଭାରତର ଚିନ୍ତା ବଢ଼ିଲା

# ପାକିସ୍ତାନକୁ ୪୦ଟି ଜେ-୩୫ ଲଢୁଆ ଜେଟ୍ ଦେବ ଚୀନ୍

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଖୁବଶୀଘ୍ର ଚୀନ୍ ୪୦ଟି ଶେନୟାଙ୍ଗ୍ ଜେ-୩୫ ଫିଫ୍‌ଥ ଜେନେରେସନ ଷ୍ଟିଲ୍‌ଥ ଲଢୁଆ ବିମାନ ପାକିସ୍ତାନକୁ ଦେବାକୁ ଯାଉଛି। ଏଥିସହ ପାକିସ୍ତାନର ବାୟୁ ସେନା ଆହୁରି ଶକ୍ତିଶାଳୀ ହେବ। ଏହି ଷ୍ଟିଲ୍‌ଥ ଟେକ୍ନୋଲୋଜି ସହ ପାକିସ୍ତାନ ଅଳ୍ପ କେତୋଟି ଦେଶଗୁଡିକ ସହ ଏକ ନୂଆ କ୍ଲବରେ ସାମିଲ ହେବ। କେବଳ ସେତିକି ନୁହଁ ଚୀନ୍ ପାକିସ୍ତାନକୁ ୫୦୦-କେଜେ ଆୱାକ୍ସ ଓ ଏଚ୍‌କ୍ୟୁ-୧୯ ଲଙ୍ଗ-ରେଞ୍ଜ ଆଣ୍ଟି ବାଲାଷ୍ଟିକ୍ ଏୟାର ଡିଫେନ୍ସ ପ୍ରଣାଳୀ ମଧ୍ୟ ଦେବ। ଏହା ଭାରତ ପାଇଁ ଚିନ୍ତାର ବିଷୟ। ପୁଣି ପାକିସ୍ତାନ ତୁର୍କୀଠାରୁ ମଧ୍ୟ ପଞ୍ଚମ ପୀଢ଼ିର ଷ୍ଟିଲ୍‌ଥ ଲଢୁଆ ବିମାନ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରିଛି। ଏହା ମିଳିଲେ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବ ବୋଲି କୁହାଯାଉଛି।

ବର୍ତ୍ତମାନ ଭାରତୀୟ ବାୟୁସେନା ପାଖରେ ଷ୍ଟିଲ୍‌ଥ ଫାଇଟର ଜେଟ୍‌ର ଅଭାବ ରହିଛି। ନିଜସ୍ୱ ଜ୍ଞାନ କୌଶଳରେ ପଞ୍ଚମ ପୀଢ଼ିର ଷ୍ଟିଲଥ ଲଢୁଆ ବିମାନ ବା ଆଡଭାନ୍ସଡ ମିଡିଅମ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ତିଆରି କରିବାକୁ ଭାରତକୁ ଏବେ ଆହୁରି ଗୋଟିଏ ଦଶନ୍ଧି ଲାଗିବ। ୨୦୩୫ରେ ଭାରତ ବାୟୁସେନାରେ ଏଏମ୍‌ସିଏ ସାମିଲ ହେବ ବୋଲି ଅନୁମାନ କରାଯାଉଛି। ଭାରତ ଏବେ କେବଳ ଏଫ୍-୩୫ ଓ ଏସ୍‌ୟୁ-୫୭ ବିମାନ ଉପରେ ନିର୍ଭରଶୀଳ। ଗତ ୬ ମାସ ହେବ ପାକିସ୍ତାନର ଫାଇଟର ପାଇଲଟମାନେ ଚୀନ୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ତେଣୁ ପାକିସ୍ତାନକୁ ଚୀନ୍ ଏହି ଲଢୁଆ ବିମାନ ଦେବା ଆଦୌ ଆଶ୍ଚର୍ଯ୍ୟଜନକ ମନେ ହେଉ ନାହିଁ ବୋଲି ଗ୍ରୁପ୍ କ୍ୟାପଟେନ ଅଜୟ ଅହ୍ଲାୱତ କହିଛନ୍ତି। ପୂର୍ବରୁ ଭାରତୀୟ ବାୟୁସେନା ପାକିସ୍ତାନଠାରୁ ଯଥେଷ୍ଟ ଉନ୍ନତ ବୋଲି ସମସ୍ତେ ସ୍ୱୀକାର କରନ୍ତି। ତେବେ ଏହି ଲଢୁଆ ବିମାନ ପାକିସ୍ତାନ ହାସଲ କରିବା ପରେ ଭାରତୀୟ ବାୟୁସେନାର ଆଧିପତ୍ୟ ନିଶ୍ଚିତ ଭାବେ କମ୍ ହେବ ବୋଲି ବିଶେଷଜ୍ଞମାନେ କୁହନ୍ତି।




# ବୋହୂ ଦେଖିବାକୁ ଯାଇ ବାହା ହୋଇଗଲେ ୬ ପିଲାଙ୍କ ବାପା

ରାମପୁର, ୨୦।୬ (ଏଜେନ୍ସି): ପୁଅ ପାଇଁ ବୋହୂ ଦେଖିବାକୁ ଯାଇ ବାପା ନିଜେ ବୋହୂ ପ୍ରେମରେ ପଡ଼ିଯାଇଛି। ମାନ ମହତକୁ ତଳେ ପକାଇ, ସାମାଜିକ ବ୍ୟବସ୍ଥାକୁ ଲଜ୍ଜିତ କରି ଭାବି ବୋହୂକୁ ୬ ସନ୍ତାନର ବାପା ବାହା ହୋଇଯାଇଛି। ଆଉ ଏହି ବିବାହକୁ ବିରୋଧ କରିବାରୁ ପତ୍ନୀକୁ ମାଡ଼ ମାରିଛି। ଉତ୍ତର ପ୍ରଦେଶ ରାମପୁରରୁ ବିଚଳିତ କରିବା ଭଳି ଏହି ମାମଲା ସାମ୍‌ନାକୁ ଆସିଛି। ସୂଚନା ଅନୁଯାୟୀ ରାମପୁରର ସକିଲ ଜଣେ ମହିଳାଙ୍କ ସହ ନିଜ ନାବାଳକ ପୁଅର ବାହାଘର ଠିକ୍ କରିଥିଲା। ଏଥିପାଇଁ ବାରମ୍ବାର ଭାବି ବୋହୂଙ୍କ ଘରକୁ ଯାଉଥିଲା। ଧିରେ ଧିରେ ସକିଲ ଭାବି ବୋହୂକୁ ହୃଦୟ ଦେଇ ବସିଥିଲା। ପୁଅକୁ ସେହି ମହିଳାଙ୍କ ସହ ବାହାଘର କରାଇବାକୁ ଘରେ ଜିଦ୍ ଧରିଥିଲା। କିନ୍ତୁ ପୁଅ ଏବଂ ପତ୍ନୀ ସବ୍‌ନମ ଏହାକୁ ବିରୋଧ କରିଥିଲେ। ତେଣୁ ସେ ପତ୍ନୀଙ୍କୁ ମାଡ଼ ମଧ୍ୟ ମାରିଥିଲା। ଏହା ପରେ ଭାବି ବୋହୂ ସହ ସକିଲ ଫୋନ୍‌ରେ ଗପିବା ଆରମ୍ଭ କରିଦେଇଥିଲା।



୬ ସନ୍ତାନ ଥିବା ସତ୍ତ୍ୱେ ସେ ଦିନରାତି ଭିଡିଓ କଲ୍‌ରେ ଭାବି ବୋହୂ ସହ ଗପୁଥିଲା। ପତ୍ନୀ ମଧ୍ୟ ଦୁଇ ଥର ସ୍ୱାମୀକୁ ସେହି ମହିଳାଙ୍କ ସହ ଧରିଥିଲେ। ବାପାର ପ୍ରେମ ସମ୍ବନ୍ଧ ବିଷୟରେ ପ୍ରମାଣ ମିଳିବା ପରେ ୧୫ ବର୍ଷୀୟ ପୁଅ ସେହି ମହିଳାଙ୍କୁ ବାହା ହେବାକୁ ମନା କରିଦେଇଥିଲା। କିନ୍ତୁ ଜେଜେବାପା ଏବଂ ଜେଜେମା ପୁଅ ପୁଣି ବାହା ହେଉ ବୋଲି ଚାହୁଁଥିଲେ। ଶେଷରେ ସକିଲ ୨ ଲକ୍ଷ ଟଙ୍କା ଏବଂ ୧୭ ଗ୍ରାମ ସୁନା ନେଇ ଘରୁ ଫେରାର ହୋଇଯାଇଥିଲା। ପରେ ପୁଅ ପାଇଁ ବିବାହ ଠିକ୍ କରିଥିବା ସେହି ମହିଳାଙ୍କୁ ବାହା ହୋଇଯାଇଥିଲା।

# ୭.୪ କୋଟି ଠକେଇ; ଆଇପିଏସ୍‌ଙ୍କ ସ୍ୱାମୀ ଗିରଫ




ମୁମ୍ବାଇ, ୨୦।୬ (ଏଜେନ୍ସି): ପତ୍ନୀ ଆଇପିଏସ ଅଧିକାରୀ। ଆଉ ତାଙ୍କ ସ୍ୱାମୀ ଜଣେ ବ୍ୟବସାୟୀ। ପତ୍ନୀଙ୍କ କ୍ଷମତା ଆଢୁଆଳରେ ରହି ପତି ଚଳାଇ ଥିଲେ କଳାକାରନାମା। କାହାକୁ ଫ୍ଲାଟ ଦେବାକୁ କହି ଠକୁଥିଲେ ତ ଆଉ କାହାକୁ ପୁଲିସ ଏକାଡେମୀକୁ ଟି-ସାର୍ଟ ଯୋଗାଣ କରିବାର ଠିକା କରାଇଦେବାକୁ କହି କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ଏହି ମାମଲାରେ ମୁମ୍ବାଇ ପୁଲିସର ଆର୍ଥିକ ଶାଖା (ଇଓଡବ୍ଲ୍ୟୁ) ବୁଧବାର ସୁରଟ ବ୍ୟବସାୟୀ ପୁରୁଷୋତ୍ତମ ଚଭନଙ୍କୁ ଗିରଫ କରିଛି। ୭.୪୨ କୋଟି ଟଙ୍କାର ଠକେଇ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚଭନଙ୍କ ପତ୍ନୀ ରଶ୍ମି କରନ୍ଦିକର ଜଣେ ଆଇପିଏସ ଅଧିକାରୀ। ପୁରୁଷୋତ୍ତମ ପତ୍ନୀଙ୍କ ପଦବୀର ଲାଭ ଉଠାଇ ଚାଲିଥିଲେ। ପୂର୍ବରୁ ମଧ୍ୟ ତାଙ୍କୁ ଆଉ ଏକ ମାମଲାର ଗିରଫ କରାଯାଇଥିଲା। ଏବେ ତାଙ୍କୁ ହେପାଜତକୁ ପଠାଇ ଦିଆଯାଇଛି। ମୁମ୍ବାଇ, ଥାନେ ଏବଂ ପୁନରେ ରିଆତି ଦରରେ ଫ୍ଲାଟ ଯୋଗାଇ ଦେବାକୁ କହି ଅନେକ ଲୋକଙ୍କଠାରୁ ୨୪.୭୮ କୋଟି ଟଙ୍କା ନେଇଥିଲେ। ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ମାସରେ ତାଙ୍କୁ ଗିରଫ କରିଥିଲା।

# ଯୁଦ୍ଧରେ ଦିନକୁ ୬ ହଜାର କୋଟି ଖର୍ଚ୍ଚ କରୁଛି ଇସ୍ରାଏଲ

ତେଲ ଆଭିଭ, ୨୦।୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘମାଘୋଟ ସଂଘର୍ଷ ଜାରି ରହିଛି। ଉଭୟ ଦେଶ ପରସ୍ପର ବିରୋଧରେ ଆକ୍ରମଣ ଜାରି ରଖିଥିବାବେଳେ ସଂଘର୍ଷ ଥମିବାର ନା ଧରୁନାହିଁ। ଏଣେ ଆମେରିକା ଏହି ଯୁଦ୍ଧକୁ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ତେବେ ଏହି ଯୁଦ୍ଧ ଆର୍ଥିକ ସଙ୍କଟରେ ବଦଳିବାରେ ଲାଗିଛି। ଏଥିପାଇଁ ଇସ୍ରାଏଲର ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ଏହି ଯୁଦ୍ଧ ପାଇଁ ଇସ୍ରାଏଲର ଦିନକୁ ୭୨୫ ମିଲିୟନ ଡଲାର (ପ୍ରାୟ ୬ ହଜାର କୋଟି ଟଙ୍କା) ଖର୍ଚ୍ଚ ହେଉଛି। ଏଥିରେ କେବଳ କ୍ଷେପଣାସ୍ତ୍ର, ଜେଟ୍ ଇନ୍ଧନ, ବୋମାମାଡ଼ ଏବଂ ସୈନିକ ମୁତୟନ ଭଳି ପ୍ରତ୍ୟକ୍ଷ ଖର୍ଚ୍ଚ ସାମିଲ ରହିଛି। ଯଦି ସାର୍ବଜନୀନ ଭିତ୍ତିଭୂମିରେ ହୋଇଥିବା କ୍ଷତି ଏବଂ ଉତ୍ପାଦନ ହ୍ରାସକୁ ଯୋଡ଼ି ଦିଆଯାଏ

**ପ୍ରଥମ ଦୁଇ ଦିନରେ ୧୨,୫୦୦ କୋଟି**

ତେବେ ଖର୍ଚ୍ଚ ଢେର ଅଧିକ ହେବ ବୋଲି ଇସ୍ରାଏଲର ପୂର୍ବତନ ପ୍ରତିରକ୍ଷା ପରାମର୍ଶଦାତା ବ୍ରିଗେଡିୟର ଜେନେରାଲ ରିମ ଏମିନାକ କହିଛନ୍ତି।

ଏହା ମଧ୍ୟରେ ଇସ୍ରାଏଲ ଅର୍ଥ ମନ୍ତ୍ରାଳୟ ୨୦୨୫ ପାଇଁ ଜିଡିପି ଅଭିବୃଦ୍ଧି ଅନୁମାନକୁ ୪.୩%ରୁ ହ୍ରାସ କରି ୩.୬ ପ୍ରତିଶତ କରିଦେଇଛି। ସେହିପରି ୨୦୨୫ରେ ପୂର୍ବରୁ ଧାର୍ଯ୍ୟ ବଜେଟ କ୍ଷତି ସୀମା ମଧ୍ୟ ୪.୯%ରୁ ଅଧିକ ବୃଦ୍ଧି ପାଇପାରେ। ସେହିପରି ଇରାନରେ ଆକ୍ରମଣର ପ୍ରଥମ ଦୁଇ ଦିନରେ ଇସ୍ରାଏଲର ୧.୪୫ ବିଲିୟନ ଡଲାର (ପ୍ରାୟ ୧୨, ୫୦୦ କୋଟି ଟଙ୍କା) ଖର୍ଚ୍ଚ ହୋଇଥିଲା। ଏଥିରେ ୫୯୩ ମିଲିୟନ ଡଲାର (ପ୍ରାୟ ୫ ହଜାର କୋଟି ଟଙ୍କା)ର ବୋମା, ଜେଟ୍ ଇନ୍ଧନ ଖର୍ଚ୍ଚ ସାମିଲ ରହିଛି।

# ଆତଙ୍କବାଦୀ ଠିକଣା ସଜାଡୁଛି ପାକିସ୍ତାନ

ଇସଲାମାବାଦ, ୨୦।୬ (ଏଜେନ୍ସି): 'ଅପରେସନ ସିନ୍ଦୂର' ଅଧିନରେ ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ କରି ଭାରତ ଅନେକ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରି ଦେଇଥିଲା। ଏଥିରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଏବଂ ଜୈସ-ଇ-ମହମ୍ମଦ (ଜେଇଏମ) ଠିକଣା ସାମିଲ ଥିଲା। ଜାତିସଂଘରେ ଆତଙ୍କବାଦୀ ବିରୋଧୀ ଆକ୍ସନ କମିଟିର ଉପାଧ୍ୟକ୍ଷ ହୋଇଥିବା ପାକିସ୍ତାନ ଏବେ ପୁଣି ସେହି ଆତଙ୍କବାଦୀ ଠିକଣାକୁ ମରାମତି ଆରମ୍ଭ କରିଦେଇଛି। ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ନିଜେ ଏହି ମାମଲାରେ ଦଖଲ ଦେଇଛନ୍ତି। ଆତଙ୍କବାଦୀ ଠିକଣାକୁ ପୁଣିଥରେ ସଜାଡିବା ପାଇଁ ସରକାରୀ ପାଣ୍ଠିରୁ ୪୦ କୋଟି ଟଙ୍କା ଦେଇଛନ୍ତି। ଲସ୍କର ଏବଂ ଜୈସ ଭଳି ଆତଙ୍କବାଦୀ ସଂଗଠନ ସହ ସମ୍ବନ୍ଧ ଥିବା ମଦ୍ରାସା ଏବଂ ମସ୍‌ଜିଦକୁ ମଧ୍ୟ ଏହି ପାଣ୍ଠି ପହଞ୍ଚିଛି। ମରକଜ ସୁବାନ ଅଲ୍ଲାହ ପରିସର, ବିଲାଲ ମସ୍‌ଜିଦ, ଉମୁଲ କୁର୍‌ରା, ଜାମିଆ ଦାୱା ଇସଲାମି ମଦ୍ରାସା ସହିତ ଭାରତ ଆକ୍ରମଣରେ ଧ୍ୱଂସ ହୋଇଥିବା ଅନ୍ୟ ଆତଙ୍କବାଦୀ ଠିକଣାକୁ ପୁଣିଥରେ ଛିଡ଼ା କରିବା ପାଇଁ ମୁନିର ୩୧ ତାରିଖ ପର୍ଯ୍ୟନ୍ତ କଣ୍ଟ ଦେଇଛନ୍ତି।

# ବୁର୍ଖା ପିନ୍ଧି ହଜାର କିମି ଯାତ୍ରା କରିଥିଲା ସୋନମ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମକୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ହତ୍ୟା କରିବା ପରେ ସେ ବୁର୍ଖା ପିନ୍ଧି ୧୦୦୦ କିମି ଯାତ୍ରା କରି ଉତ୍ତରପ୍ରଦେଶ ଯାଇଥିଲା ବୋଲି ପୁଲିସ୍ କହିଛି। ଜଣେ ଡ୍ରାଇଭରଙ୍କୁ ପ୍ରଶ୍ନ କରିବା ପରେ ପୁଲିସ ଏହା ଜାଣିବାକୁ ପାଇଛି। ପ୍ରେମିକ ତଥା ଅନ୍ୟତମ ଅଭିଯୁକ୍ତ ରାଜ କୁଶୱାହ ସହ ସୋନମ ଏବେ ଶିଲଂ ପୁଲିସ ହେପାଜତ୍‌ରେ ଅଛି। ବୁର୍ଖା ବିନ୍ଧିଥିବା ସୋନମ ରାସ୍ତାର କୌଣସି ସ୍ଥାନରେ ରହିବାକୁ ମନା କରୁଥିଲା ବୋଲି ଡ୍ରାଇଭର କହିଛନ୍ତି।

ସୋନମକୁ ନେଇ ଆଉ ଏକ ରୋଚକ ତଥ୍ୟ ଦେଇଛନ୍ତି ସ୍ୱାମୀ ରାଜାଙ୍କ ଜ୍ୟୋତିଷ ଅଜୟ ଦୁବେ। ଜ୍ୟୋତିଷଙ୍କ କହିବା ଅନୁଯାୟୀ ସୋନମ ସମଲିଙ୍ଗୀ ଥିଲା ଓ ତାର କାହା ସହିତ ସମଲିଙ୍ଗୀ ସମ୍ପର୍କ ରହିଥିବ। ବିବାହ ପୂର୍ବରୁ ସୋନମ ଓ ରାଜାର ଜାତକ ମିଳାଇଥିଲେ ଅଜୟ। ଅଜୟଙ୍କ ଭବିଷ୍ୟବାଣୀ କେତେକାଂଶରେ ସତ ହୋଇଥାଏ। ତେଣୁ ତାଙ୍କର ଏହି କଥାକୁ ଅଣଦେଖା କରିହେବ ନାହିଁ ବୋଲି ରାଜାଙ୍କ ପରିବାର ତରଫରୁ କୁହାଯାଇଛି।

ବଢୁଛି ବିମାନ ସୁରକ୍ଷା ଚିନ୍ତା

# ସୁରକ୍ଷା ପାଇଁ ମିଳୁଛି ମାତ୍ର ୩୫ କୋଟି

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ଏହି ଅବଧି ମଧ୍ୟରେ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଜନିତ କାରଣରୁ କେବଳ ଏୟାର ଇଣ୍ଡିଆର ୮୫ରୁ ଅଧିକ ଉଡ଼ାଣ ବାତିଲ କରାଗଲାଣି। ଏହା ମଧ୍ୟରେ ସଂସଦୀୟ କମିଟି ପକ୍ଷରୁ ଉପସ୍ଥାପିତ ରିପୋର୍ଟକୁ ନେଇ ଭୟ ବଢ଼ି ଚାଲିଛି। ମାର୍ଚ୍ଚରେ ରାଜ୍ୟସଭାରେ ଉପସ୍ଥାପିତ ଏହି ରିପୋର୍ଟରେ ଚିନ୍ତାଜନକ ତଥ୍ୟ ଦିଆଯାଇଥିଲା। ବିମାନ ଦୁର୍ଘଟଣାର ଯାଞ୍ଚ ଏବଂ ଆଭିଏସନ ସୁରକ୍ଷା ପାଇଁ ପାଣ୍ଠିରେ ଅନିୟମିତତା ଥିବା କୁହାଯାଇଥିଲା। ପର୍ଯ୍ୟଟନ, ପରିବହନ ଏବଂ ସଂସ୍କୃତି ମନ୍ତ୍ରାଳୟର ସଂସଦୀୟ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଥିଲା ଯେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଆଭିଏସନ ବଜାର। କିନ୍ତୁ ସୁରକ୍ଷା ଭିତ୍ତିଭୂମି ଏବଂ ବିମାନ ଦୁର୍ଘଟଣାର ଯାଞ୍ଚ ପାଇଁ କେବଳ ୩୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ମାତ୍ର ଏହା ଯଥେଷ୍ଟ ନୁହେଁ। ପାଣ୍ଠି ନ ମିଳିଲେ ସୁରକ୍ଷା ଏବଂ ଯାଞ୍ଚ କେମିତି ହେବ ବୋଲି ପ୍ରଶ୍ନ ଉଠାଯାଇଛି।




ରିପୋର୍ଟରେ କୁହାଯାଇଛି ଯେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ), ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟି (ବିସିଏଏସ)କୁ ଯେଉଁ ବଜେଟ ମିଳୁଛି ତାହା ବହୁତ କମ୍। ଏହି ପାଣ୍ଠି ଆବଣ୍ଟନରେ ବି ସମସ୍ୟା ରହିଛି। ରିପୋର୍ଟ ଅନୁଯାୟୀ ୨୦୨୫-୨୬ ପାଇଁ ଡିଜିସିଏକୁ ୩୦ କୋଟି ଟଙ୍କା ଦିଆଯାଇଛି। ସେହିପରି ଏଏଆଇବିକୁ କେବଳ ୨୦ କୋଟି ଏବଂ ବିସିଏଏସ୍‌କୁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାରତରେ ବିମାନବନ୍ଦର ଏବଂ ଯାତ୍ରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ଏଏଆଇବି ଏବଂ ବିସିଏଏସକୁ ଅଧିକ ବଜେଟ ଦେବାକୁ କମିଟି ପରାମର୍ଶ ଦେଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫-୨୬ର ବଜେଟ ଖର୍ଚ୍ଚରେ ପ୍ରମୁଖ ଆଭିଏସନ ଏଜେନ୍ସି ମଧ୍ୟରେ ପାଣ୍ଠି ବଣ୍ଟନକୁ ନେଇ ଯଥେଷ୍ଟ ତଫାତ ରହିଛି। ଆଭିଏସନ ନିୟମ ପାଳନ କରୁଥିବା ଏବଂ ଏୟାରଲାଇନ୍ସ ଉପରେ ନଜର ରଖୁଥିବା ଡିଜିସିଏକୁ ମୋଟ ବଜେଟର ପ୍ରାୟ ଅଧା ଅର୍ଥାତ୍ ୩୦ କୋଟି ଟଙ୍କା ଦିଆଯାଇଛି। ଏହି ପାଣ୍ଠିର ସମୀକ୍ଷା କରିବାକୁ କମିଟି ପରାମର୍ଶ ଦେଇଛି। ନିୟମର ସଠିକ୍ ଅନୁପାଳନ ପାଇଁ ଅଧିକ ପାଣ୍ଠି ଦେବା ଜରୁରୀ। ଏହା ମଧ୍ୟ ଧ୍ୟାନ ରଖିବା ଜରୁରୀ ଯେ ବେସାମରିକ ବିମାନ ପରିଚାଳନା ଭିତ୍ତିଭୂମି ଦ୍ରୁତଗତିରେ ସମ୍ପ୍ରସାରିତ ହେଉଛି। ୨୦୧୪ରେ ୭୪ ବିମାନବନ୍ଦର ଥିବାବେଳେ ୨୦୨୨ରେ ଏହା ୧୪୭ରେ ପହଞ୍ଚି ଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ୨୨୦ରେ ପହଞ୍ଚିଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଭଳି ସ୍ଥିତିରେ ସୁରକ୍ଷା ଏବଂ ଯାଞ୍ଚ ଜନିତ ସମ୍ବଳକୁ ବୃଦ୍ଧି କରିବା ଜରୁରୀ।

# ପୁଣି ଏୟାର ଇଣ୍ଡିଆର ୯ ବିମାନ ରଦ୍ଦ


**୯ ଦିନରେ ୮୫ ବିମାନର ଉଡ଼ାଣ ବାତିଲ**

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। କ୍ରମାଗତ ଭାବେ ବିମାନ ଉଡ଼ାଣ ରଦ୍ଦ ହେବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ଏୟାର ଇଣ୍ଡିଆର ୯ଟି ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଏଥିରେ ୪ଟି ଅନ୍ତର୍ଜାତୀୟ ଏବଂ ୫ଟି ଘରୋଇ ଉଡ଼ାଣ ସାମିଲ ରହିଛି। ବିମାନବନ୍ଦରରେ ରକ୍ଷଣାବେକ୍ଷଣ ଏବଂ ଅପରେସନାଲ କାର୍ଯ୍ୟ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଘରୋଇ ବିମାନଗୁଡିକ ମଧ୍ୟରେ ପୁନେରୁ ଦିଲ୍ଲୀ ଯାଉଥିବା ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଯାଉଥିବା ଏଆଇ୪୫୬, ହାଇଦରାବାଦରୁ ମୁମ୍ବାଇ ଯାଉଥିବା ଏଆଇ୨୮୭୨ ଏବଂ ଚେନ୍ନଇରୁ ମୁମ୍ବାଇ ବିମାନ ଏଆଇ୫୭୧ ସାମିଲ ରହିଛି। ସେହିପରି ଅନ୍ତର୍ଜାତୀୟ ଉଡ଼ାଣରେ ଦୁବାଇରୁ ଚେନ୍ନଇ ଆସୁଥିବା ଏଆଇ୯୦୬, ଦିଲ୍ଲୀରୁ ମେଲବର୍ଣ୍ଣ ଯିବାକୁ ଥିବା ଏଆଇ୩୦୮, ମେଲବର୍ଣ୍ଣରୁ ଦିଲ୍ଲୀ ଆସୁଥିବା ଏଆଇ୩୦୯ ଏବଂ ଦୁବାଇରୁ ହାଇଦରାବାଦ ଆସୁଥିବା ଏଆଇ୨୨୦୪ ବିମାନକୁ ବାତିଲ କରିଦିଆଯାଇଛି। ଏଭଳି ଭାବେ ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ଏ ପର୍ଯ୍ୟନ୍ତ ୯ ଦିନରେ ଅଲଗା ଅଲଗା କାରଣ ପାଇଁ ୮୫ ଉଡ଼ାଣ ରଦ୍ଦ କରାଗଲାଣି।

ଗତ ୧୨ ତାରିଖରେ ହୋଇଥିବା ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପ୍ରତ୍ୟେକ ବିମାନବନ୍ଦରରେ ବିମାନର ଅପରେସନାଲ ଚେକିଂକୁ କଡ଼ାକଡ଼ି କରିଦିଆଯାଇଥିଲା। ତେବେ ଗତ ୧୨ ତାରିଖରେ ୫ଟି, ୧୩ରେ ୧୧ଟି, ୧୪ରେ ୧୨ଟି, ୧୫ରେ ୧୪ଟି, ୧୬ରେ ୧୧ଟି, ୧୭ରେ ୧୬ଟି, ୧୮ରେ ୩ଟି ଏବଂ ୧୯ରେ ୯ଟି ବିମାନ ବାତିଲ କରାଯାଇଛି।

# ବ୍ଲାକ ବକ୍ସ ବିଦେଶ ପଠାଇବାକୁ କୌଣସି ନିଷ୍ପତ୍ତି ହୋଇନି: କେନ୍ଦ୍ର

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନର ବ୍ଲାକ୍ ବକ୍ସକୁ ଯାଞ୍ଚ ପାଇଁ ବିଦେଶ ପଠାଇବାକୁ ଏବେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏବେ ମାମଲାର ତଦନ୍ତ ଜାରି ରହିଛି। କେନ୍ଦ୍ର ପକ୍ଷରୁ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ବିମାନର ବ୍ଲାକ ବକ୍ସ କେଉଁଠିକୁ ପଠାଯିବ ତାହାର ନିଷ୍ପତ୍ତି ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସ ବ୍ୟୁରୋ (ଏଏଆଇବି) ନେବ। ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଗୋପନୀୟ ଦୃଷ୍ଟିକୋଣକୁ ଧ୍ୟାନରେ ରଖି ଏ ନେଇ ନିଷ୍ପତ୍ତି ନିଆଯିବ। ଏବେ ଏଏଆଇବି ଏହି ମାମଲାର ଯାଞ୍ଚ କରୁଛି। ଏହା ବ୍ୟତୀତ ସ୍ୱରାଷ୍ଟ୍ର ସଚିବଙ୍କ ନେତୃତ୍ୱାଧୀନ ଉଚ୍ଚସ୍ତରୀୟ କମିଟି ମଧ୍ୟ ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଜାରି ରଖିଛି। ଏହି କମିଟି ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ।




କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବିମାନର ଦୁଇଟି ବ୍ଲାକ ବକ୍ସ ସିଭିଆର ଏବଂ ଡିଏଫଡିଆର ମିଳିଛି। ପ୍ରଥମଟି ଗତ ୧୩ ତାରିଖରେ ଏବଂ ଦ୍ୱିତୀୟଟି ୧୬ ତାରିଖରେ ଉଦ୍ଧାର କରାଯାଇଥିଲା।





ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବାବେଳେ ତାଙ୍କ ଶୁଭ ମନାସି ବିମାନବନ୍ଦରରେ ସାଧାରଣ ଲୋକ ଓ ଦଳୀୟ ନେତାଙ୍କ ଭିଡ଼

# ଯୁକ୍ତ ୩ ପଢ଼ିବାକୁ ଅମଙ୍ଗ ଛାତ୍ରଛାତ୍ରୀ

**ପ୍ରଥମ ରାଉଣ୍ଡରେ ସାମିଲ୍ ହେଲେନି ୪୦ ହଜାର ଛାତ୍ରଛାତ୍ରୀ**

**୨ ଦିନ ବଢ଼ିଲା ନାମଲେଖା ଅବଧି; ୫୦ହଜାର ସିଟ୍ ଫାଙ୍କା ପଡ଼ିବା ଆଶଙ୍କା**

**ଭୁବନେଶ୍ୱର, ୨୦।୬(ସମିସ):** ଆରମ୍ଭରୁ ବାଟବଣା ହୋଇଛି +୩ ନାମଲେଖା। ପ୍ରଥମ ରାଉଣ୍ଡ ନାମଲେଖା ଗତ ୧୭ ତାରିଖରେ ସରିଥିଲେ ମଧ ଆଶାଜନକ ନାମଲେଖା ହୋଇନାହିଁ। ପ୍ରାୟ ୪୦ହଜାରରୁ ଅଧିକ ଛାତ୍ରଛାତ୍ରୀ ଫ୍ରିଜ୍ ବା ସ୍ଲାଇଡ୍ ଅପସନ୍ ନ ଦେବା ସହ ନାମଲେଖା ପାଇଁ ଫି' ମଧ ଦାଖଲ କରିନାହାନ୍ତି। ଅର୍ଥାତ୍ ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି। ତେଣୁ, ନାମଲେଖା ଅବଧିକୁ ଆଉ ୨ ଦିନ ବଢ଼ାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅର୍ଥାତ୍ ୨୧ ତାରିଖ ଅପରାହ୍ଣ ୩ଟା ମଧ୍ୟରେ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଅପରପକ୍ଷେ, ପ୍ରାୟ ୪୦ ହଜାରରୁ ଅଧିକ ପିଲା ନାମଲେଖା ପ୍ରକ୍ରିୟାରେ ସାମିଲ ନହେବା ପରେ ଉଚ୍ଚଶିକ୍ଷା ବିଭାଗର ନିଦ ହଜିଛି। ସ୍ନାତକ ପଢ଼ିବାକୁ ଛାତ୍ରଛାତ୍ରୀମାନେ କାହିଁକି ଆଗ୍ରହ ଦେଖାଉନାହାନ୍ତି, ସେନେଇ ବିଭାଗୀୟସ୍ତରରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ଏପରିକି, ପ୍ରତି ପିଲାଙ୍କୁ ଫୋନ୍ ଓ ଏସ୍ଏମ୍ଏସ୍ ମାଧ୍ୟମରେ ଏକାଧିକବାର ଅବଗତ କରିବାକୁ ବିଭାଗୀୟ ସଚିବ ଅଧିକାରୀମାନଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ତତ୍କ୍ଷଣାତ୍ କିଛି ପିଲାଙ୍କୁ ଫୋନ୍ କରି କାରଣ ସମ୍ପର୍କରେ ମଧ ପଚରାଯାଇଥିଲା। ହେଲେ ପିଲାଙ୍କ ଉତ୍ତର ଅଧିକାରୀଙ୍କୁ ଅଧିକ ବିବ୍ରତ କରିଛି। ଜଣେ ପିଲା ଫୋନ୍ ଉଠାଇ ସେ ପଢ଼ିବାକୁ ଅନାଗ୍ରହୀ ବୋଲି କହିଥିବା ବେଳେ ଆଉ ଜଣେ ଡିପ୍ଲୋମା ପଢ଼ିବେ ବୋଲି କହିଥିଲେ। ଏହା ସତ୍ତ୍ୱେ ଆଉ ୨ଦିନ ଆବେଦନ ଅବଧି ବଢ଼ାଇବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ତେବେ ଏପରି ହେଲେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ବିଳମ୍ବ ହେବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୨ଲକ୍ଷ ୭୪ହଜାର ୫୦୯ଟି ସିଟ୍ ଉପଲବ୍ଧ ରହିଥିବା ବେଳେ ମୋଟ୍ ୨ଲକ୍ଷ ୬୫ ହଜାର ୫୯୦ ପିଲା ଆବେଦନ କରିଛନ୍ତି। ଅର୍ଥାତ୍ ପ୍ରାୟ ୯ହଜାର ସିଟ୍ ଖାଲି ପଡ଼ିବ। ସେହିପରି ପ୍ରଥମ ରାଉଣ୍ଡ ପାଇଁ ମୋଟ୍ ୧ଲକ୍ଷ ୭୫ହଜାର ୭୨୨ ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ପ୍ରାୟ ୪୦ହଜାର ପିଲା ନାମଲେଖାରେ ଅଂଶଗ୍ରହଣ କରିନାହାନ୍ତି। ଅର୍ଥାତ୍ ପ୍ରାୟ ୫୦ହଜାରରୁ ଅଧିକ ସିଟ୍ ଫାଙ୍କା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

# ଭାଗ ଚାଷୀଙ୍କ ଭାଗ୍ୟ ଫିଟୁନି

**ଜମି ମାଲିକ ନେଉଛି ଇନ୍‌ପୁଟ ସହାୟତା ● ଭାଗ ଚାଷୀ ପାଉଛି ଧାନ ମୂଲ୍ୟର ଅଧା**

**ଭୁବନେଶ୍ୱର, ୨୦।୬(ସମିସ):** ରାଜ୍ୟରେ ୭୦ ପ୍ରତିଶତ ଚାଷ ଜମିକୁ ଭାଗଚାଷୀମାନେ ଚାଷ କରୁଛନ୍ତି। ଯେତେବେଳେ ପାଗ ଭଲ ରହୁଛି ଓ ଚାଷ ଭଲ ହେଉଛି, ସେମାନେ କିଛି ପାରିଶ୍ରମିକ ପାଉଛନ୍ତି; କିନ୍ତୁ ପ୍ରାକୃତିକ ଦୁର୍ବିପାକ ହେଲେ ତାଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭୁଷୁଡ଼ି ପଡୁଛି। ପ୍ରାକୃତିକ ବିପର୍ଯ୍ୟୟରେ ମିଳୁଥିବା ସହାୟତା ଜମି ମାଲିକ ନେଇ ଯାଉଥିବାବେଳେ ଭାଗଚାଷୀମାନେ ଟଙ୍କାଟିଏ ବି ପାଉନାହାନ୍ତି। ସେହିଭଳି ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୨୩୬୯ଟଙ୍କା ମିଳୁଥିବାବେଳେ ରାଜ୍ୟ ସରକାର ଅତିରିକ୍ତ ଭାବେ ୮୦୦ ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। ହେଲେ ଭାଗଚାଷୀ କୁଇଣ୍ଟାଲ୍ ପିଛା ୨୩୬୯ ଟଙ୍କାରୁ ନିଜ ଭାଗ ଅଧେ ବା ୧୧୮୪ ଟଙ୍କାରେ ସନ୍ତୁଷ୍ଟ ରହୁଛି। ପୁନଶ୍ଚ ଏହି ଚାଷୀମାନଙ୍କୁ କୌଣସି ବ୍ୟାଙ୍କ୍ ଋଣ ଦେଉନି। ଏମାନେ ଧାର୍, କରଜ କରି ଚାଷ କରି ବଡ଼ ହୀନସ୍ତା ହେଉଥିଲେ ସୁଦ୍ଧା ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ତେଣୁ ଧୀରେ ଧୀରେ ଏହି ଚାଷୀମାନେ ଚାଷରୁ ମୁହଁ ଫେରାଉଛନ୍ତି।

ଭାଗଚାଷୀଙ୍କୁ ସ୍ୱୀକୃତି ଦେବା ପାଇଁ ବହୁ ବର୍ଷ ହେଲା ନୂଆ ଆଇନ ଆଣିବାକୁ ଦାବି ହେଉଛି। ଏହା ଉପରେ ସରକାର ବିଚାର କରି ଭାଗ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ କରିବା ପାଇଁ କୁହାଯାଉଛି। ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟରେ ସଂଶୋଧନ କରାଯାଇ ଭାଗ ଚାଷୀଙ୍କୁ ସ୍ୱୀକୃତି ଦିଆଯାଉ ବୋଲି ଚାଷୀ ସଂଗଠନମାନେ ଦାବି କରୁଛନ୍ତି। ପୂର୍ବରୁ ବି ଏହା ଉପରେ ବହୁ ଆଲୋଚନା ହୋଇଛି। ହେଲେ ସେଭଳି କିଛି ନିଷ୍କର୍ଷ ବାହାରିପାରିନି। ତେଣୁ ସରକାର ଏବେ ଭାଗଚାଷୀଙ୍କ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ବ୍ୟବସ୍ଥା ଆଣିବା ଜରୁରୀ ବୋଲି କୁହାଯାଉଛି। ସେହି ଆଇନରେ ଜମି ମାଲିକ ଓ ଭାଗ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯୋଜନା କରାଯିବାକୁ କୃଷକ ସଂଗଠନମାନେ କହୁଛନ୍ତି। ପାରମ୍ପରିକ ଭାବେ ଜମିରୁ ଯେଉଁ ଫସଲ ଉତ୍ପାଦନ ହେଉଛି ଗୋଟିଏ ଭାଗ ଜମି ମାଲିକ ନେଉଥିଲା ବେଳେ ଅନ୍ୟ ଏକ ଭାଗ ଚାଷୀଙ୍କୁ ଦିଆଯାଉଛି। କିଛି ସ୍ଥାନରେ ମୋଟ ଉତ୍ପାଦନକୁ ତିନି ଭାଗରେ ବିଭକ୍ତ କରାଯାଉଥିବାବେଳେ ଜମି ମାଲିକ ଗୋଟିଏ ଭାଗ ପାଉଥିବାବେଳେ ଭାଗ ଚାଷୀ ଦୁଇଟି ଭାଗ ପାଉଛନ୍ତି। ତେଣୁ ଏସବୁ ବିଚାରବିମର୍ଶ କରି ଆଇନ ପ୍ରଣୟନ କରାଯାଇ ଆଇନଗତ ସ୍ୱୀକୃତି ଦେବା ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତି କରାଯାଉ ବୋଲି ଦାବି ହୋଇଛି।



ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ପୂର୍ବରୁ 'ଓଡ଼ିଶା ଏଗ୍ରିକଲ୍‌ଚରାଲ୍ ଲ୍ୟାଣ୍ଡ ଲିଜିଂ ଆକ୍ଟ' ପ୍ରସ୍ତୁତ ହୋଇଥିଲା। ୨୦୨୦ ମାର୍ଚ୍ଚ ମାସରେ ଏହି ଚିଠା ଆଇନ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇ ସର୍ବସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲା। ଭାଗଚାଷୀମାନେ ହଇରାଣ ହେଉଛନ୍ତି ବୋଲି ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି। ରାଜ୍ୟର ଅର୍ଦ୍ଧାଧିକ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ନୂଆ ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଛି। ତେଣୁ ସରକାର ଏବେ ଏହା ଉପରେ ତର୍ଜମା କରି ତୁରନ୍ତ କାର୍ଯ୍ୟନ୍ୱୟନ କରନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ପ୍ରସଙ୍ଗରେ ଆଲୋଚନା ଓ ବିଚାରବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ମନ୍ତ୍ରୀସ୍ତରୀୟ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

**ଆଜି ଲାଗି ହେବେ ମହାପ୍ରଭୁ**

**ପୁରୀ୨୦।୬(ସମିସ):** ଅଣସର ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକ ମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଗବଥୁ, ଲବଙ୍ଗ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହିସବୁ କାମ ଶୁଦ୍ଧପୁତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥା'ନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଆଷାଢ଼ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।



# ବିଷ୍ଣୁପଦଙ୍କ ଆବେଦନ ହାଇକୋର୍ଟରେ ଖାରଜ

**ଗିରଫଦାରୀ ଏଡ଼ାଇବା ପାଇଁ ଆଗୁଆ ଜାମିନ ଆବେଦନ**

**କଟକ, ୨୦।୬ (ସମିସ):** ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ଘଟଣାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ତଥା ତଦନ୍ତକୁ ବିରୋଧ କରି ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଶ୍ରୀ ସେଠୀ, ତାଙ୍କ ପତ୍ନୀ ଓ ଝିଅଙ୍କ ପକ୍ଷରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ପୂର୍ବରୁ ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଥିବା ବେଳେ ଆଜି ଏହି ରାୟ ପ୍ରକାଶ ପାଇଛି। ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗତ ଫେବୃଆରୀ ୨୫ରେ ହାଇକୋର୍ଟ ପ୍ରଦାନ କରିଥିବା ଅନ୍ତରୀଣ ସୁରକ୍ଷାକୁ ମଧ ହାଇକୋର୍ଟ ହଟାଇ ଦେଇଛନ୍ତି। ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଗିରଫଦାରୀ ଏଡ଼ାଇବା ପାଇଁ ଆଜି ବିଷ୍ଣୁପଦଙ୍କ ପକ୍ଷରୁ ଆଗୁଆ ଜାମିନ ପାଇଁ ଆବେଦନ କରାଯାଇଥିବା ଜଣାପଡ଼ିଛି। ମାମଲାର ତଦନ୍ତ ଜାରି ରହିଥିବା ହେତୁ ଏଭଳି ସ୍ଥିତିରେ ଉକ୍ତ ଆବେଦନ ଗ୍ରହଣୀୟ ନୁହେଁ ଓ ସିବିଆଇ ଆଇନ ଅନୁସାରେ ତଦନ୍ତ ଜାରି ରଖିପାରିବ ବୋଲି ହାଇକୋର୍ଟ କହିଛନ୍ତି। ଆଇଏଏସ୍ ବିଷ୍ଣୁପଦଙ୍କ ବାସଭବନରେ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲାରେ ସିବିଆଇ ଚଢ଼ଉ କରିଥିଲା। ତାଙ୍କ ବିରୋଧରେ କୌଣସି ଏତଲା ନ ଥିବା ବେଳେ ସିବିଆଇ ପକ୍ଷରୁ ତାଙ୍କ ଘରେ ବେଆଇନ ଭାବେ ଚଢ଼ଉ କରାଯିବାକୁ ବିରୋଧ କରି ଶ୍ରୀ ସେଠୀ ଓ ପରିବାର ସଦସ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଜାମିନ ପାଇଁ ଧୀମାନ ହାଇକୋର୍ଟଙ୍କ ଦ୍ୱାରସ୍ଥ

**କଟକ, ୨୦।୬(ସମିସ):** ଲାଞ୍ଚ ଗ୍ରହଣ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା ହାଇକୋର୍ଟରେ ନିୟମିତ ଜାମିନ୍ ପାଇଁ ଆବେଦନ କରିଛନ୍ତି। ଭବାନୀପାଟଣା ଭିଜିଲାନ୍ସ ଅଦାଲତ ଜାମିନ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକ୍‌ମା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶ୍ରୀ ଚକମା ଜଣେ କ୍ରସର ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଭିଜିଲାନ୍ସ ତାଙ୍କ ବାସଭବନରୁ ୪୭ଲକ୍ଷ ୪୭ ହଜାର ୬ଶହ ଟଙ୍କା ଜବତ କରିଥିଲା।

# ଘରୁ ଡାକିନେଇ ସାଙ୍ଗକୁ ହତ୍ୟା

**କବିସୂର୍ଯ୍ୟନଗର, ୨୦।୬(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ତାଲିଆମାପଲ୍ଲୀରେ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ, କବିସୂର୍ଯ୍ୟନଗର ଆଠଗଡ଼ପାଟଣା ବାଉରୀ ସାହିର ସାଗର ନାହାକ (୨୨)। ସାଙ୍ଗର ଜନ୍ମ ଦିନ ପାଳିବାକୁ ଡାକି ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି।

ସୂଚନାନୁସାରେ, ଜଣେ ସାଙ୍ଗର ଜନ୍ମଦିନ ପାଳିବାକୁ ସାଗରକୁ ତା' ୨ ସାଙ୍ଗ ଚନ୍ଦନ ନାହାକ ଓ କାହ୍ନା ନାହାକ ଗୁରୁବାର ଅପରାହ୍ଣରେ ଘରୁ ଡାକି ନେଇଥିଲେ। ରାତିରେ ତାଲିଆମାପଲ୍ଲୀଠାରେ ଜନ୍ମଦିନ ଉତ୍ସବ ପାଳନ ହୋଇଥିଲା। ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା କୁହାଯାଉଛି। ସାଗର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜରଡ଼ ଛକ ବରଗଛ ମୂଳେ ପଡ଼ିଥିବା ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ କେହି ଯୁବକ ତାଙ୍କ ଘରଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାରଲୋକେ ସାଗରଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଗରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡକୁ ପଥରରେ ଛେଚା ଯାଇଥିଲା। ପୁଲିସ୍ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କ ବାପା ଉପେନ୍ଦ୍ର ନାହାକଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ମୋଦୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ
# କଂଗ୍ରେସ ନେତାଙ୍କ ଅନଶନ

**ଶବ ଉପରେ ଉତ୍ସବ ପାଳନ କରୁଛନ୍ତି ଓଡ଼ିଶା ସରକାର: ଭକ୍ତ**

**ଭୁବନେଶ୍ୱର, ୨୦।୬(ସମିସ):** ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବାର ୧ବର୍ଷ ଭିତରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମ ସୀମାରେ ପହଞ୍ଚିଛି। ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଆଗମନକୁ କଂଗ୍ରେସ ବିରୋଧ କରିଛି। ପ୍ରତିବାଦ ସ୍ୱରୂପ, ଶୁକ୍ରବାର କଂଗ୍ରେସର ବରିଷ୍ଠ ନେତାମାନେ ଦିନ ତମାମ ଶାନ୍ତିପୂର୍ଣ୍ଣ ଅନଶନ କରିଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟରେ ବସିଥିଲେ।



ଏହି ଅବସରରେ ପିସିସି ସଭାପତି କହଛନ୍ତି ଯେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଘଟିଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ସାଧାରଣ ଜନତାଙ୍କ ମନରେ ସରକାରଙ୍କ ପ୍ରତି ଗଭୀର ଅସନ୍ତୋଷ ଓ ଅବିଶ୍ୱାସ ସୃଷ୍ଟି କରିଛି। ସମାନ ଭାବେ ବାରିପଦାଠାରେ ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଉଠାଇନେଇ ଦୁଷ୍କର୍ମ କରିଛନ୍ତି। ଗତକାଲି କେନ୍ଦ୍ରାପଡ଼ାଠାରେ ଜଣେ ଯୋଗ ଶିକ୍ଷକଙ୍କୁ ଦୁଷ୍କର୍ମ କରାଯିବା ଘଟଣା ଆମ ସମସ୍ତଙ୍କୁ ଲଜ୍ଜିତ କରିଛି। ୨୦୨୫ ମସିହାରେ ଓଡ଼ିଶାର ଯାଜପୁର ସମେତ ୪ଟି ଜିଲ୍ଲାରେ ହଇଜା ମହାମାରୀ ବ୍ୟାପି ୨୪ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଏବଂ ୫ ହଜାରରୁ ଅଧିକ ଲୋକ ଏ ମହାମାରୀର ଶିକାର ହୋଇଛନ୍ତି। ହେଲେ ବିଜେପି ସରକାର ବର୍ଷ ପୂର୍ତ୍ତି ପାଇଁ ଏତେ ପାଗଳ ଯେ ମା' ମାନଙ୍କର ସୁରକ୍ଷା ଏବଂ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଶବ ଉପରେ ଉତ୍ସବ ପାଳନ କରୁଛି ବୋଲି ଶ୍ରୀ ଦାସ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



**ଭୁବନେଶ୍ୱର, ୨୦।୬ (ସମିସ):** ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ଯୁବ କଂଗ୍ରେସ ଜୋରଦାର୍ ବିରୋଧ କରିଛି। ଶୁକ୍ରବାର ଦିନ ୧୧ଟାରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଶାନ୍ତିପୂର୍ଣ୍ଣ ଅନଶନରେ ଯୋଗଦେବା ପାଇଁ ରାମ ମନ୍ଦିର ଛକରୁ ବାହାରିବା ସମୟରେ ପୁଲିସ୍ ସମସ୍ତଙ୍କୁ ଗିରଫ କରିଛି। ଏହା ପୂର୍ବରୁ ଅର୍ଥାତ୍ ଗୁରୁବାର ରାତିରୁ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ଯୁବନେତା ନୀହାର ବେହେରା, ମହମ୍ମଦ ଗୁଲଫାମ ପ୍ରମୁଖଙ୍କୁ ସେମାନଙ୍କ ଘରୁ ପୁଲିସ ଗିରଫ କରିଛି। କାର୍ଯ୍ୟକ୍ରମକୁ ଯିବା ସମୟରେ ପୁଲିସ୍ ଶ୍ରୀ ପାତ୍ରଙ୍କ ସହ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ମହମ୍ମଦ ଇମଦାଦ୍, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦୀପ ସାମଲଙ୍କ ସମେତ ବହୁ ନେତାଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

# 'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାରେ ଶାସନ ଶ୍ରୀରାମଚନ୍ଦ୍ରପୁର

**ସାକ୍ଷୀଗୋପାଳ, ୨୦।୬(ସମିସ)**



ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟସ୍ତରୀୟ ଉତ୍ସବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହାମଧ୍ୟରେ ବରପୁତ୍ର ସମ୍ମାନ ଯୋଜନାରେ ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଯୋଡ଼ି ହୋଇଛି। ଏହି ଅବସରରେ ସତ୍ୟବାଦୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉକ୍ତ ଆଭାସୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ମହାପୁରୁଷ ପଣ୍ଡିତ ନୀଳକଣ୍ଠ ଦାସ ଜନ୍ମ ଗ୍ରହଣ କରିଥିବା ତାଙ୍କର ଏହି ପବିତ୍ର ଜନ୍ମ ମାଟିକୁ ଉକ୍ତ ଯୋଜନାରେ ଯୋଡ଼ି ଏହାକୁ ଐତିହ୍ୟ ଗ୍ରାମରେ ରୂପାନ୍ତରିତ ହେବ ବୋଲି ପୁରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତଚନ୍ଦ୍ର ମହାପାତ୍ର ପ୍ରକାଶ କରିଥିଲେ। ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ପରିଚାଳନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସରପଞ୍ଚ ଜିତେନ୍ଦ୍ର ବେହେରା, ସମିତିସଭ୍ୟା ଅମିତା ବେହେରାଙ୍କ ସମେତ ଗ୍ରାମ କୋଠ ପକ୍ଷରୁ ମାନସ ପ୍ରସାଦ ତ୍ରିପାଠୀ , ଆଚାର୍ଯ୍ୟ ଯୁବ ପରିଷଦ ସଭାପତି ଆଜିତ ନନ୍ଦ, ବୁଦ୍ଧିଜୀବୀ ଉମାଶଙ୍କର ନନ୍ଦ, ବୈଦ୍ୟନାଥ ନନ୍ଦ, ରାମକୃଷ୍ଣ ଦାଶ, ପୂର୍ବତନ ସରପଞ୍ଚ ଅଶୋକ ରାଉତରାୟ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ବୁଦ୍ଧିଜୀବୀ ବିଶ୍ୱମ୍ବର ଦାଶ ଗ୍ରାମ ଐତିହ୍ୟ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ସେହିଭଳି ସରପଞ୍ଚ ଜିତେନ୍ଦ୍ର ବେହେରା ଉକ୍ତ ଶାସନ ଗ୍ରାମରେ ଥିବା ଅନେକ ସମସ୍ୟାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମାଧାନ ନିମନ୍ତେ ଅନୁରୋଧ କରିଥିଲେ। ସେହିପରି ସତ୍ୟବାଦୀ ବ୍ଲକ ଜୟପୁର ପଞ୍ଚାୟତ ସେବକସାହିର ଏକ ମଣ୍ଡପରେ ରାଜ୍ୟ ସରକାର ତଥା ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତ ଅଭାସି କାର୍ଯ୍ୟକ୍ରମକୁ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ପ୍ର ଦର୍ଶିତ କରାଯାଇଥିଲା। ପୁରୀ ଉପଜିଲ୍ଲାପାଳ ନୀଳମାଧବ ଭୋଇ, ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ସତ୍ୟବାଦୀ ମହିଳା ଓ ଶିଶୁବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

● ମୃତ୍ତିକା ସଂରକ୍ଷଣ ବିଭାଗରେ ଦୁର୍ନୀତି

## କାମ ନ ହୋଇ ହେଉଛି ବିଲ୍; ଭିଜିଲାନ୍ସ ତଦନ୍ତ ଦାବି

**ଗୋପ,୨୦।୬(ସମିସ):** ଗୋପ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ଗ୍ରାମପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ହୋଇଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। କାର୍ଯ୍ୟ ନହୋଇ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନା ମୁତାବକ, ଗାଡ଼ିଆ ଖୋଳା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଆଦୌ ଜମି ନଥିବା ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ମଷ୍ଟରରୋଲ ମାଧ୍ୟମରେ ଲକ୍ଷାଧିକ ଟଙ୍କା ବିଲ୍ କରାଯାଇଛି। ଜଣେ ଡାଟା ଏଣ୍ଟ୍ରି ଅପରେଟର ସଂପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିବାବେଳେ କାର୍ଯ୍ୟ କରିବା ପୂର୍ବରୁ ସଂପୃକ୍ତ କର୍ମଚାରୀ ଅର୍ଥ ଦାବି କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଗୋପ ବ୍ଲକ୍‌କୁ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ ଓ ଅଧିକାରୀମାନେ ଆସୁ ନଥିବାବେଳେ କେତେକ ଅସାଧୁ ବ୍ୟକ୍ତିଙ୍କ ଜରିଆରେ ଏଭଳି ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ମୃତ୍ତିକା ସଂରକ୍ଷଣ ଅଧିକାରୀ ମିଳନ ମହାନ୍ତି କହନ୍ତି, କୌଣସି ଅନିୟମିତତା ଓ ଦୁର୍ନୀତି ତାଙ୍କ ନଜରକୁ ଆସିନାହିଁ। ଯଦି କୌଣସି କର୍ମଚାରୀ ସଂପୃକ୍ତ ଥା'ନ୍ତି ତେବେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବିପର୍ଯ୍ୟୟ ପରିଚାଳନା ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ



**କୋଣାର୍କ,୨୦।୬(ସମିସ):** କୋଣାର୍କ ଏନଏସି ୮ନଂ ୱାର୍ଡ ଚନ୍ଦ୍ରଭାଗା ନୋଳିଆ ସାହିସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି ପକ୍ଷରୁ ବାତ୍ୟା ଓ ବନ୍ୟା ସମ୍ପର୍କିତ ଆଶ୍ରୟସ୍ଥଳୀସ୍ତରୀୟ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ସୋଲାରର କାର୍ଯ୍ୟକ୍ରମ ଅଧିକାରୀ ଚିତ୍ତରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ବାତ୍ୟା ଆଶ୍ରୟସ୍ଥଳୀ ସଂପାଦକ ସି.ଏଫ ଜଗା, କାଉନସିଲର ଦିଲ୍ଲୀପ କୁମାର ଦାସ, ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ସେଠୀ ଓ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ତୁଷାର ରଂଜନ ଦେଓ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଚିତ୍ତରଞ୍ଜନ ପରିଡା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନଜୀବନ ସୁରକ୍ଷା, ପୂର୍ବ ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା, ବାତ୍ୟା ସମୟରେ ଜିରୋ କାଜୁଆଲଟି, ବିପର୍ଯ୍ୟୟ ପରିଚାଳନାର ବହୁମୁଖୀ କାର୍ଯ୍ୟପନ୍ଥା ଓ ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ। ସୋଲାର ପକ୍ଷରୁ ସଂପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଗୋପ ବ୍ଲକର ୧୮ଟି ବାତ୍ୟା ଆଶ୍ରୟସ୍ଥଳୀ, କୋଣାର୍କ ଏନଏସିର ଗୋଟିଏ ଆଶ୍ରୟସ୍ଥଳୀ ଓ କଣାସ ବ୍ଲକର ୨୪ ଟି ଆଶ୍ରୟସ୍ଥଳୀ ସମେତ ପୁରୀ ଜିଲ୍ଲାରେ ୪୩ଟି ଆଶ୍ରୟ ସ୍ଥଳୀରେ ବାତ୍ୟା, ବନ୍ୟା ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟିର ସଦସ୍ୟଙ୍କ ସମେତ ଚନ୍ଦ୍ରଭାଗା ନୋଳିଆ ସାହିର ଜନସାଧାରଣ ଯୋଗ ଦେଇଥିଲେ।

# ବିଜେଡିର ବ୍ଲକ୍‌ସ୍ତରୀୟ କର୍ମୀ ସମାବେଶ ଓ ପଞ୍ଚାୟତ ସଭାପତି ଚୟନ




**ଡେଲାଙ୍ଗ,୨୦।୬(ସମିସ):** ଡେଲାଙ୍ଗ ବ୍ଲକରେ ବିଜୁଜନତା ଦଳର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅରିଶଳସ୍ଥିତ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀ ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଜେଡି ଜିଲ୍ଲା ସଭାପତି ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି, ଡେଲାଙ୍ଗ ପଞ୍ଚାୟତସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ବ୍ଲକ ନିର୍ବାଚନ ଅଧିକାରୀ ରବିନାରାୟଣ ତାଡ, ପୂର୍ବତନ ସରପଞ୍ଚ ଭାଗୀରଥି ପ୍ରଧାନ, ବାଲୁଙ୍କେଶ୍ୱର ମହାପାତ୍ର, ନରେନ୍ଦ୍ର ପରିଡା, ବରିଷ୍ଠ ସଦସ୍ୟ ପ୍ରଦୀପ୍ତ ସ୍ୱାଇଁ, ପ୍ରଭାକର ଜେନା, ଯୁବନେତା ସୌମ୍ୟରଞ୍ଜନ ରାଉତ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିକିତ୍ସା ନିମନ୍ତେ ଦିଲ୍ଲୀ ଯାଇଥିବା ବେଳେ ଉପସ୍ଥିତ ଅତିଥିମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମିଛ ପ୍ରତିଶ୍ରୁତି ଦେଇ ବିଜେପି ଭୋଟ ହାତେଇ ଲୋକଙ୍କ ବିକାଶ ପାଇଁ କାମ କରିବାରେ ବିଫଳ ହୋଇଛି। ବିଜେଡି ସମୟରେ କରାଯାଇଥିବା ଉନ୍ନତି ମୂଳକ କାର୍ଯ୍ୟଗୁଡ଼ିକୁ ଉଦ୍‌ଘାଟନ କରି ବାହାବାହା ନେଉଛି। ବାରମ୍ବାର ୨୫ ବର୍ଷର ସରକାର କହି କହି ୧ ବର୍ଷ ଶାସନ କରିସାରିଥିଲେ ମଧ୍ୟ ବିଜେପି ଲୋକମାନଙ୍କ ବିକାଶ କ୍ଷେତ୍ରରେ ଆଗେଇ ପାରିନାହିଁ। ଏଭଳି ଏକ ସରକାର ରାଜ୍ୟରେ ଶାସନ କରୁଥିବା ସମୟରେ ଡେଲାଙ୍ଗ ପିପିଲି ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ କଡ଼ା ନିନ୍ଦା କରାଯାଇଥିଲା। ଦୁଷ୍କର୍ମ, ହତ୍ୟା, ବାଲି ଓ ମାଙ୍କଡ଼ା ପଥର ଚୋରା ଚାଲାଣ, ଚୋରା ମଦ କାରବାରରେ ବୃଦ୍ଧି, ଧଳା ଜହର ବେପାର ଆଦି ଦିନକୁ ଦିନ ବଢିବାରେ ଲାଗିଛି। ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ନିୟୋଜିତ ଠିକାଦାର ଅଦ୍ୟାବଧି ସେମାନଙ୍କ ବିଲ୍ ପାଉନାହାନ୍ତି। ଏହି ଭଳି ଜାରି ରହିଲେ ଗାଁ ଗାଁରେ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା। ଏପରିକି ଆଗାମୀ ଦିନରେ ବ୍ଲକ ସମ୍ମୁଖରେ ଗଣ ଧାରଣା ଦିଆଯିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ମହାରଥି କଡ଼ା ଚେତାବନୀ ଦେଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକମାନଙ୍କୁ ଅବଗତ କରାଇବା ପାଇଁ ଜିଲ୍ଲା ପରିଷଦ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ନିର୍ବାଚନ ଅଧିକାରୀ ଶ୍ରୀ ତାଡ ୨୧ଟି ପଞ୍ଚାୟତ ମଧ୍ୟରୁ ୧୬ଟିର ସଭାପତିଙ୍କ ନାମ ଘୋଷଣା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶୋକ



**ଅସ୍ତରଙ୍ଗ, ୨୦।୬(ସମିସ):** ପୁରୀସ୍ଥିତ କ୍ରାଇମ୍ ରିପୋର୍ଟର ବିକ୍ରମ ଆଚାର୍ଯ୍ୟଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ପ୍ରମେୟ ଖବରକାଗଜ ପାଇଁ କାର୍ଯ୍ୟରତ ଶ୍ରୀ ଆଚାର୍ଯ୍ୟଙ୍କ ଅକାଳ ବିୟୋଗରେ ଅସ୍ତରଙ୍ଗ ସାମ୍ବାଦିକର ସମସ୍ତ ସଦସ୍ୟ ଗଭୀର ମର୍ମାହତ ହେବା ସହ ଦୁଃଖ ପ୍ରକାଶ କରିଛନ୍ତି। ସେ ଜଣେ ନିରପେକ୍ଷ, ସାହସୀ, ସଚ୍ଚୋଟ ଏବଂ ଜନପ୍ରିୟ ସାମ୍ବାଦିକ ଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ସବୁ ମହାଲରେ ଶୋକର ଛାୟା ଖେଳି ଯାଇଛି।

## ନୂତନ ରାଜସ୍ୱ ନିରୀକ୍ଷକଙ୍କ ଯୋଗଦାନ

**ଚାରିଛକ,୨୦।୬(ସମିସ):** ଚାରିଛକସ୍ଥିତ ବ୍ରହ୍ମକୁଣ୍ଡୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ନୂତନ ରାଜସ୍ୱ ନିରୀକ୍ଷକ ଭାବେ ପାର୍ଥକ ସେଠୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ସେଠୀ ଏହା ପୂର୍ବରୁ ନିମାପଡ଼ା ତହସିଲ ଅନ୍ତର୍ଗତ ବଡ଼ମାଛପୁର ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ରାଜସ୍ୱ ନିରୀକ୍ଷକ ଜ୍ୟୋତିରଞ୍ଜନ ବେହେରାଙ୍କୁ ନିମାପଡ଼ା ତହସିଲ ଅନ୍ତର୍ଗତ ଉଚ୍ଛୁପୁରକୁ ରାଜସ୍ୱ ନିରୀକ୍ଷକ ଭାବେ ବଦଳି କରାଯାଇଛି। ଶ୍ରୀ ବେହେରା ଏଠାରେ ରହିଥିବା ସମୟରେ ଲୋକମାନଙ୍କର ଅନେକ ଜମିଜମା ଫଇସଲା ସହ ସଠିକ ସମୟରେ ଲୋକମାନଙ୍କଠାରୁ ରାଜସ୍ୱ ଆଦାୟ କରି ଅଞ୍ଚଳରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ।

## ବାଲି ଚୋରା ଚାଲାଣ; ହେଉନି କାର୍ଯ୍ୟାନୁଷ୍ଠାନ



**ନୟାହାଟ, ୨୦।୬(ସମିସ):** ଦେବୀନଦୀରୁ ବେଆଇନ ଭାବେ ବାଲି ଉଠାଣ ହେଉଛି। ବିଭିନ୍ନ ଅଞ୍ଚଳକୁ ଏହା ଚୋରା ଚାଲାଣ କରାଯାଉଥିବା ସମୟରେ ପ୍ରଶାସନ ଏହା ଉପରେ ଅଙ୍କୁଶ ଲଗାଇ ପାରୁନାହିଁ। ରାଜସ୍ୱ ହାନି ହେବା ସହ ଏହାଦ୍ୱାରା ସ୍ଥାନୀୟ ଭୂସମ୍ପତ୍ତି ଲୁଟ୍ ହେବାରେ ଲାଗିଛି। ନୟାହାଟ ମୁଖ୍ୟରାସ୍ତା ଦେଇ ଚୋରା ଚାଲାଣ କରାଯାଉଛି। ବାଲିମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକିବାପାଇଁ ନକଲି ଜାଲ୍ ରସିଦ ତିଆରିକରି କେ ୨ଫର୍ମ ନଥାଇ ବାଲି ବୋହୁଛନ୍ତି। ଗାଡ଼ିର କାଗଜପତ୍ର ସଠିକଭାବେ ନଥିବାବେଳେ ଏମାନଙ୍କୁ ତହସିଲଦାର, ଲଘୁଖଣିଜ ବିଭାଗ, ପୁଲିସ ପକ୍ଷରୁ ତନଖି କରାଯାଉନାହିଁ। ବାଲିମାଫିଆମାନେ କୋଟି କୋଟି ଟଙ୍କାର ବାଲିବିକ୍ରିକରି ସରକାରଙ୍କୁ ରାଜସ୍ୱ ଠକୁଛନ୍ତି। ଜନସାଧାରଣଙ୍କଠାରୁ ଉନ୍ନତମାନର ବାଲି ଦେବେ ବୋଲି କହି ନିମ୍ନମାନର ବାଲିକୁ ଉଚ୍ଚ ଦରରେ ବିକ୍ରିକରି ମାଲା ମାଲ ହେଉଛନ୍ତି। ପ୍ରଶାସନ ଏହାର ଯାଞ୍ଚ କରୁନାହିଁ। ଫଳରେ ଏନେଇ ଜନସାଧାରଣଙ୍କ ସଂଶୟ ବଢ଼ି ବଢ଼ି ଚାଲିଛି। ସଲାସୁତୁରାରେ ଏସବୁ ଚାଲିଥିବା ଅଭିଯୋଗ ହେଉଛି। ନୟାହାଟର ଧୂମାଳ ପଞ୍ଚାୟତର ଗଡ଼ନିପାଣିଆ ହରିଜନ ସାହି ପାଖରେ ଚୋରା ବାଲି ମହଜୁଦ ରଖାଯାଇ ବିଭିନ୍ନ ସମୟରେ ଚୋରା ଚାଲାଣ କରାଯାଉଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ପ୍ରଶାନ୍ତ ପଢ଼ିହାରୀ, ଗୋପ ତହସିଲଦାର ଅନୀଲ ମହାନ୍ତି ଏବଂ ଲଘୁଖଣିଜ ବିଭାଗ ପକ୍ଷରୁ ସମାନ ଉତ୍ତର ମିଳୁଛି ଯେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଗାମୀ ଦିନରେ ଏହା କେତେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ରହିଲା।

## ନାବାଳିକା ନବବଧୂ ଉଦ୍ଧାର

**ବଳଙ୍ଗା, ୨୦।୬ (ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ପୁଲିସ ପକ୍ଷରୁ ଚଢଉ କରାଯାଇ ଜଣେ ନାବାଳିକା ନବବଧୂକୁ ଉଦ୍ଧାର କରାଯାଇଛି। ଉକ୍ତ ଝିଅକୁ ପୁରୀ ସୁଧାର ଗୃହକୁ ପଠାଯାଇଛି। ଜଣେ ଯୁବକକୁ ଅଟକ ରଖି ତଦନ୍ତ ଜାରି ରଖିଛି। କିଛିଦିନ ତଳେ ସତ୍ୟବାଦୀ ଥାନାଞ୍ଚଳରୁ ଜଣେ ନାବାଳିକାକୁ ନେଇ ଫେରାର ହୋଇଯାଇଥିବା ବେଳେ ଗତକାଲି ପୁଅ ଘର ପକ୍ଷରୁ ଗ୍ରାମରେ ନାବାଳିକା ସହିତ ବିଭାଘର କରୁଥିଲେ। ଭୋଜି ଭାତର ଆୟୋଜନ ଚାଲିଥିଲା, ବାହାଘର ଚାଲିଥିଲା। କୌଣସି ସୂତ୍ରରୁ ରୁଚିକା ସମାଜସେବୀ ସଙ୍ଗଠନ ଜାଣିବା ପରେ ବଳଙ୍ଗା ଥାନାରେ ପହଞ୍ଚି ଉଦ୍ଧାର ପାଇଁ ଅଭିଯୋଗ କରିବା ପରେ ବଳଙ୍ଗା ପୁଲିସ ଏକ ମାମଲା ରୁଜୁ କରି ଉକ୍ତ ଗ୍ରାମରେ ଚଢ଼ଉ କରି ନାବାଳିକାକୁ ଉଦ୍ଧାର କରିବା ସହ ବିବାହ କରୁଥିବା ଯୁବକକୁ ଥାନାକୁ ଆଣିଥିଲା।


## ଖୋଲିଲା ବିଦ୍ୟାଳୟ; ଛାତ୍ରଛାତ୍ରୀ ଉଲ୍ଲସିତ



**ନିମାପଡ଼ା,୨୦।୬(ସମିସ):** ନିମାପଡ଼ା ବ୍ଲକ୍‌ର ସବୁ ବିଦ୍ୟାଳୟ ଖରା ନିମନ୍ତେ ପ୍ରାୟ ଦେଢ଼ମାସ ଛୁଟି କରାଯାଇଥିଲା। ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ୍ୱ ଛୁଟି ସରିବା ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସମସ୍ତ ବିଦ୍ୟାଳୟ ଖୋଲାଯାଇଛି। ସ୍କୁଲ ସବୁ ଖୋଲାଯିବା ପରେ ଛାତ୍ରଛାତ୍ରୀମାନେ ଆନନ୍ଦରେ ବିଦ୍ୟାଳୟକୁ ଯିବା ସହିତ ପିଲାମାନେ ବେଶ୍ ଖୁସିଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପାଠପଢ଼ା ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

# ମୃତ୍ୟୁଶଯ୍ୟାରେ ଐତିହ୍ୟସମ୍ପନ୍ନ ପ୍ରାଚୀ ନଦୀ

**କୁଶ୍ଚେଇ, ୨୦।୬ (ସମିସ)**



ଓଡ଼ିଶା ଇତିହାସରେ ବେଶ୍ ଗୁରୁତ୍ୱ ବହନ କରୁଥିବା ଐତିହ୍ୟସମ୍ପନ୍ନ ପ୍ରାଚୀ ନଦୀ ଅଜି ମାନଚିତ୍ରରୁ ଲିଭିବାକୁ ବସିଲାଣି। ୩ ଜିଲ୍ଲା କଟକ, ଖୋର୍ଦ୍ଧା, ପୁରୀ ଜିଲ୍ଲାର ୬ଟି ବ୍ଲକ୍ ବାରଙ୍ଗ, ବାଲିଅନ୍ତା, କଣ୍ଟାପଡ଼ା, ନିଆଳି କାକଟପୁର ଓ ଅସ୍ତରଙ୍ଗ ଦେଇ ପ୍ରବାହିତ ହେଉଥିବା ପ୍ରାଚୀ ନଦୀ ଦିନେ ଚିରସ୍ରୋତା ଥିଲା। ଏହାକୂଳରେ ଅନେକ ମଠ ଓ ମନ୍ଦିର ଆମ ସଂସ୍କୃତି ଓ ପରମ୍ପରାର ନିଦର୍ଶନ। ଅଷ୍ଟଶମ୍ଭୁ ଓ ଦ୍ୱାଦଶ ଶମ୍ଭୁ ମନ୍ଦିର ରହିଥିବାର ପୁରାଣ ବର୍ଣ୍ଣିତ ରହିଛି। ସୋମବଂଶୀୟ ରାଜାମାନେ ଶୈବ ଉପାସକ ଥିବାରୁ ସେମାନଙ୍କ ରାଜୁତି ସମୟରେ ପ୍ରାଚୀ ନଦୀ କୂଳରେ ବହୁ ଶିବ ମନ୍ଦିର ଦେଖାଯାଏ। ସେହିପରି ପ୍ରାଚୀ ନଦୀ କୂଳରେ ଦ୍ୱାଦଶ ମାଧବ ମନ୍ଦିର ରହିଛି। ମଙ୍ଗଳପୁର ଗ୍ରାମ ନିକଟ ପ୍ରାଚୀ ନଦୀରୁ ଜଗତଜନନୀ ମା' ମଙ୍ଗଳାଙ୍କ ମୂର୍ତ୍ତିକୁ ଉଦ୍ଧାର କରାଯାଇ କାକଟପୁରରେ ପୂଜା ପାଉଛନ୍ତି। ଏହି ନଦୀ ଏବେ ନିଜର ସତ୍ତା ରକ୍ଷା ପାଇଁ ସଂଗ୍ରାମ କରୁଛି। ବର୍ଷା ଋତୁକୁ ଛାଡ଼ି ଦେଲେ ଅବଶିଷ୍ଟ ଦିନରେ ନଦୀ ଶଯ୍ୟା ଶୁଖିଲା ପଡୁଛି। ଏହି ନଦୀ ଦିନେ ନୌବାଣିଜ୍ୟ ଉତ୍କଳର ପରିଚୟ ବହନ କରୁଥିଲା। ବିଶ୍ୱ ପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟ ମନ୍ଦିର ନିର୍ମାଣ ନିମନ୍ତେ ବ୍ୟବହୃତ ହେଉଥିବା ବଡ ବଡ ପଥର ଗୁଡିକ ପ୍ରାଚୀ ନଦୀ ମଧ୍ୟ ଦେଇ ଅଣାଯାଉଥିଲା। କାକଟପୁର ବାସିନୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ପ୍ରାଚୀ ନଦୀ କୂଳରେ ଅବସ୍ଥିତ। ଏହି ନଦୀ କୂଳରେ ବହୁ ପୁରାତନ ମଠ, ମନ୍ଦିର ରହିଛି। କାଳକ୍ରମେ ମହାନଦୀର ଶାଖା ନଦୀ କୁଶଭଦ୍ରା ନଦୀରୁ ଜଳ ପ୍ରବାହ ବନ୍ଦ ହେବା କାରଣରୁ ଆଜି ପୁରାଣ ପ୍ରସିଦ୍ଧ ପ୍ରାଚୀ ନଦୀ ଶଯ୍ୟା ଶୁଷ୍କ ଅବସ୍ଥାରେ ରହିଛି। ଏବେ କଟକ ଜିଲ୍ଲାର କଣ୍ଟାପଡ଼ା ଅରସପୁରଠାରୁ କେବଳ ସଫେଇ ନାଳ ଭାବେ ସ୍ଥାନେ ସ୍ଥାନେ ଦେଖା ଯାଉଥିବା ବେଳେ ଅରସପୁରଠାରୁ ଏହି ନଦୀର ଉତ୍ପତ୍ତିସ୍ଥଳ ପର୍ଯ୍ୟନ୍ତ ନଦୀର ଅସ୍ତିତ୍ୱ ନାହିଁ କହିଲେ ଚଳେ। ପୁଣ୍ୟତୋୟା ପ୍ରାଚୀ ନଦୀର ନିମ୍ନ ଉପତ୍ୟକାରେ ଜଳସ୍ତର ହ୍ରାସ ପାଇବା ଯୋଗୁଁ ଜଳ ସଙ୍କଟ ଦିନକୁ ଦିନ ବଢୁଛି। ଶତାଧିକ ଗ୍ରାମ ମାନ ରହିଛି। ଚାଷୀ ଓ କୈବର୍ତ୍ତମାନେ ମାଛ ଧରି ରୋଜଗାର କରନ୍ତି କିନ୍ତୁ ଏବେ ନଦୀରେ ଜଳ ଅଭାବ ଯୋଗୁ ଶହ ଶହ ହେକ୍ଟର ଚାଷ ଜମି ପଡିଆ ପଡୁଛି। ଏହି ପ୍ରାଚୀ ନଦୀର ପୁନରୁଦ୍ଧାର କରାଗଲେ ୮ ହଜାର ୭ ଶହ ହେକ୍ଟର ଚାଷଜମି ଜଳସେଚନ ଉପଯୋଗୀ ହୋଇପାରିବା ଏବଂ କୃଷିର ବ୍ୟାପକ ଭାବେ ବୃଦ୍ଧି ପାଇବ। ସେଥିପାଇଁ ୨୦୦୯ରେ ତତ୍କାଳୀନ କୃଷିମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକ ବାଜପୁର ଗ୍ରାମ ନିକଟରେ ନାବାର୍ଡ ସହାୟତାରେ ୧୪ କୋଟି ୪୮ ଲକ୍ଷ ୩୧ ହଜାର ଟଙ୍କା ଅଟକଳରେ ପ୍ରାଚୀ ନଦୀ ଉପରେ ପ୍ରାଚୀ ବ୍ୟାରେଜ ପାଇଁ ଶିଳାନ୍ୟାସ କରିଥିଲେ। ହେଲେ ଏହି ୧୬ ବର୍ଷ ମଧ୍ୟରେ ବ୍ୟାରେଜରେ ଅନୁଦାନ ରାଶି ୪୭ କୋଟି ଟପିଲାଣି ହେଲେ ବ୍ୟାରେଜ ସରିବାର ନା ଧରୁନି। ବ୍ୟାରେଜ ସରିଥିଲେ କାକଟପୁର, ଅସ୍ତରଙ୍ଗ ବ୍ଲକର ବହୁ ଚାଷୀ ଉପକୃତ ହୋଇଥାନ୍ତେ। ବ୍ୟାରେଜ ସରିଲେ ଅଞ୍ଚଳବାସୀଙ୍କ ଦୈନନ୍ଦିନ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଶ୍ରୀକ୍ଷେତ୍ର ସିଟି

୨୦/୬/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧,୩୦,୧୪୬/- ସୁନା: ୦୦.୧୫୦ ଗ୍ରାମ୍ ରୁପା: ୧୮.୭୦୦ ଗ୍ରାମ୍



ରଥଖଳାରୁ...

## ତିନିରଥରେ ବସିଲା କନକମୁଣ୍ଡି



ପୁରୀ,୨୦।୬(ସମିସ): ଆଉ ୬ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରି ସରି ଆସୁଛି। ରଥଖଳାରେ ବି କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଶୁକ୍ରବାର ତିନିରଥର ସିଂହାସନ ବେଦୀ ଉପର ପ୍ରଥମ ଭୂଇଁ ମଧ ଭାଗରେ କନକ ମୁଣ୍ଡି ବସିଛି। କନକ ମୁଣ୍ଡିରୁ ୪ଟି କାଣ୍ଡ ଏବଂ ୨୦ଟି ରୁଅ ଗମ୍ବୁଜକାର ଭାବେ ସେଟିଙ୍ଗ କରାଯାଇଛି। ମହାରଣା ସେବକମାନେ ରଥରେ ସ୍ଥାପନ ପାଇଁ ଗୋଟିଏ ଗୋଟିଏ ବିଜେ ଚକା ନିର୍ମାଣ ଶେଷ କରି ସାଇତିଛନ୍ତି। ତିନିରଥର ମୋଟ ୧୨ଟି ଦୁଆରବେଢ଼ା ନିର୍ମାଣ ମଧ ଶେଷ ହୋଇଛି। ସେହିପରି ଶୁକ୍ରବାର ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନିରଥ ପ୍ରଭାରେ ରୂପ ଖୋଦେଇ ଚିତ୍ର ଅଙ୍କନ କରି ଖୋଦେଇ ଆରମ୍ଭ କରିଛନ୍ତି। ଏଥିରେ ରାହୁ ବା କୀର୍ତ୍ତି ମୁଖ ଦୁଇ ହାତରେ ଦୁଇଟି ଛୁରି ଧରିଥିବା ଚିତ୍ର, ବାଙ୍କରେ ଡାଳି ଲତା ଏବଂ ତଳ ଭାଗ ଦୁଇ ପାର୍ଶ୍ୱରେ ମଗର ମୁଖ ଇତ୍ୟାଦିର ରୂପ ଖୋଦେଇ କରାଯାଉଛି। ସେହିପରି ପ୍ରଭା ଫିଟିଙ୍ଗ ପାଇଁ ବେଦୀ ପଛ ଭାଗ ଚଉଦ ନାହାକାରେ ଦୁଇଟି ଲେଖାଏଁ ଧୂଳିଦଣ୍ଡା ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ତିନି ରଥର ଘୋଡା ଈଶ, ସାଙ୍ଗୀ ନିର୍ମାଣ ମଧ ସରିଛି। ଚିତ୍ରକାର ସେବକମାନେ ଦୁଆର ବେଢ଼ାରେ ଚିତ୍ର ଅଙ୍କନ ପାଇଁ ପ୍ରାଇମର ଦେବା ସହ ପ୍ରତ୍ୟେକ ରଥର ଘୋଡ଼ା, ସାରଥୀ, ପାର୍ଶ୍ୱ ଦେବଦେବୀ, କଳସ, ହଂସ ପଟା, ନାଟ ଗୋଡ଼, ତିନି ରଥର ବାହ୍ୟ ପାର୍ଶ୍ୱର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜୀ ସେବକମାନେ ତିନି ରଥର ଦୁଆର ବେଢ଼ା ପାଇଁ କଟିଙ୍ଗ କନାରେ ଜରି ଲେସ୍ ପକାଉଛନ୍ତି। ୩ଟି ବିଜେ ଚକା ପଟି ମଧ ପ୍ରସ୍ତୁତ ଶେଷ କରିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପ୍ରଭା କଣ୍ଟା, ସିଂହାସନ ଗଣ୍ଠି କଣ୍ଟା ଏବଂ ଧ୍ୱଜ ବତା କଣ୍ଟା ତିଆରି କରୁଛନ୍ତି।

● ପୁଲିସ୍-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

## ସୁସମନ୍ୱୟ ରଖି କାମ କରିବାକୁ ପରାମର୍ଶ

ପୁରୀ୨୦।୬(ସମିସ): ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଶୁକ୍ରବାର ପୁଲିସ୍-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୁଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକମାନଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ମହାପାତ୍ର ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସୁନୀଲ ମିଶ୍ର, ସଚିନ ପଟେଲ, ସୌମ୍ୟ ମଲ୍ଲିକ ଓ ଡିଆଇବି ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ ଆସୁଥିବା ଅତିଥି ଓ ଯାତ୍ରୀମାନଙ୍କ ସୁରକ୍ଷା ସହ ଶୃଙ୍ଖଳିତ ଭାବେ ସେମାନଙ୍କ ଦର୍ଶନ, ବିଭିନ୍ନ ସେବାରେ ନିୟୋଜିତ ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କୁ ସେବା ଯୋଗାଇବାରେ ସହଯୋଗ କରିବା, ଅଯଥା ଗହଳି କରାଇ ନ ଦେବା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଆଶୁ ଚିକିତ୍ସା ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା ସେବା, ପାର୍କିଂ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ ସମସ୍ତଙ୍କୁ ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପ୍ରଶାନ୍ତ ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

ଆସୁଛି ରଥଯାତ୍ରା

# ରଥ ପାଇଁ ଆସେ ପାଞ୍ଚଥର ଆଜ୍ଞାମାଳ

ପୁରୀ, ୨୦।୬(ସମିସ)

ପରମ କାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହିଁ ଅନୁଷ୍ଠିତ ହୋଇଆସୁଛି। ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ, ସ୍ୱୟଂ ମହାପ୍ରଭୁ ଏହି ଯାତ୍ରା କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାତ୍ରା ନିମନ୍ତେ ତିନିରଥ ଶିଳ୍ପ ଶାସ୍ତ୍ରାନୁଯାୟୀ ପାରମ୍ପରିକ ଶିଳ୍ପୀମାନେ ନିର୍ମାଣ କରିଥା'ନ୍ତି। ରଥକାର୍ଯ୍ୟ ଆରମ୍ଭରୁ ମହାପ୍ରଭୁଙ୍କର ଦୃଷ୍ଟି ରଥଗୁଡ଼ିକ ଉପରେ ନିବଦ୍ଧ ରହିଥାଏ। ଅର୍ଥାତ୍ ରଥ ପାଇଁ ପାଞ୍ଚଥର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିଥାଏ।

ଏ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଦିନ ତିବିବାଡରୁ ତିନିଗୋଟି ଆଜ୍ଞାମାଳ ରଥଖଳାକୁ ବିଜେ ହୁଅନ୍ତି। ତିନିରଥ ପାଇଁ ପ୍ରସ୍ତୁତ ଥିବା ତିନିଖଣ୍ଡ କାଠରେ ପୂଜାପଣ୍ଡା ସାମନ୍ତ ଏହି ଆଜ୍ଞାମାଳ ଲାଗି କରିଥାନ୍ତି। ଏହାପରେ ମହାପ୍ରଭୁଙ୍କ ନିର୍ଦ୍ଦେଶ ପାଇ ତିନିରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ। ଏହି କାର୍ଯ୍ୟର ଅଗ୍ରଗତିକୁ ତଦାରଖ କରିବା ପାଇଁ ଦାରୁବିଗ୍ରହଙ୍କ ନିକଟରୁ ପୁନଶ୍ଚ ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ବା ଚନ୍ଦନ ଯାତ୍ରାର ଭଉଁରୀ ଦିନ ଆଜ୍ଞାମାଳ ଆସି ତିନିରଥର ୬ ଚକ ଓ ୩ ଅଖରେ ଲାଗି କରାଯାଇଥାଏ। ଏହି ଦିନ ତିନିରଥର ୨ଟି ଲେଖାଏଁ ଚକ ୩ଟି ଅଖରେ ଯୋଡ଼ାଯାଏ। ଏହାକୁ ଚକ ଡେରା ନୀତି କହନ୍ତି। ପୁନଶ୍ଚ ରଥଯାତ୍ରା ପୂର୍ବଦିନ ନିର୍ମାଣ କାର୍ଯ୍ୟ ସରିବା ପରେ ରଥଗୁଡିକୁ ସିଂହଦ୍ୱାରକୁ ଟାଣିନେବା ପାଇଁ ଠାକୁରମାନଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ। ଏହି ଆଜ୍ଞାମାଳ ପାଇବା ପରେ ତିନିରଥ ସିଂହଦ୍ୱାରକୁ ଆସନ୍ତି। ରଥଖଳାରୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ପରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ହୋଇ ସିଂହଦ୍ୱାରରେ ଏକ ସରଳ ରେଖାରେ ଅବସ୍ଥାନ କରିଥାନ୍ତି। ସେହିଦିନ ରାତ୍ରିରେ ତିନିରଥର ଦଧିନଉତିରେ ଲାଗିବାକୁ ଥିବା ୯ଟି କଳସଙ୍କୁ ତିନିବାଡର ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ପ୍ରଥମେ ଏହି କଳସଗୁଡ଼ିକୁ ଜୟବିଜୟ ଦ୍ୱାରକୁ ଅଣାଯାଇଥାଏ। ସନ୍ଧ୍ୟାଧୂପ ସରିବା ପରେ ଜଣେ ପୂଜାପଣ୍ଡା ତିନିବାଡ଼ରୁ ଆଜ୍ଞାମାଳ ନେଇ ତିନିକଳସଙ୍କୁ ଦେଇଥାନ୍ତି। ଚାଙ୍ଗଡ଼ା ମେକାପ ତିନିଖଣ୍ଡ ପଠନୀ ଶାଢ଼ି ଦିଅନ୍ତି ଓ ପୂଜାପଣ୍ଡା ତିନି କଳସରେ ବାନ୍ଧନ୍ତି। ଏହାପରେ କୋଠ ସୁଆଁସିଆମାନେ କଳସ ନେଇ ରଥରେ ବାନ୍ଧିଥା'ନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଲାଗୁଥିବା କଳସ ତ୍ରୟର ନାମ ଚନ୍ଦ୍ର, ସୂର୍ଯ୍ୟ ଓ ବିଦ୍ୟୁତ୍। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ କଳସ ତ୍ରୟର ନାମ ପରା, ଅପରା ଓ ବୈଖାରୀ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଲାଗୁଥିବା କଳସ ତ୍ରୟ ହେଲେ ନଭ, ଆକାଶ ଓ ବ୍ୟୋମ।




ଅନ୍ୟପକ୍ଷରେ ଆଷାଢ଼ ଶୁକ୍ଳ ସପ୍ତମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥଗୁଡ଼ିକୁ ତିନିବାଡ଼ରୁ ଆଜ୍ଞାମାଳ ପ୍ରଦାନ କରାଯାଏ। ଏହିଦିନ ସକାଳ ଧୂପ ପରେ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ତିନିଖଣ୍ଡ ନେଇ ଘଣ୍ଟ, ଛତା ଓ କାହାଳୀ ସହ ତିନିରଥ ନିକଟକୁ ଯାଇ ପ୍ରଦାନ କରନ୍ତି। ଏହାପରେ ରଥଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଇଥାଏ। ଏହିପରି ଭାବେ ସମୁଦାୟ ପାଞ୍ଚଥର ରଥ ନିମନ୍ତେ ଠାକୁରମାନେ ଆଜ୍ଞାମାଳ ପ୍ରଦାନ କରିଥା'ନ୍ତି। ରଥ ନିର୍ମାଣଠାରୁ ରଥଯାତ୍ରାକାଳୀନ ସମସ୍ତ କାର୍ଯ୍ୟ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥାଏ ବୋଲି ଡ. ଦାଶ କହିଛନ୍ତି।

ରଥଯାତ୍ରା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

## କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

ପୁରୀ, ୨୦।୬ (ସମିସ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ପୂର୍ବରୁ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ଦୁଇ ସମନ୍ୱୟ ବୈଠକର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ସମାପ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମରେ ଚଳିତ ରଥଯାତ୍ରାକୁ ସଫଳ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଅସୁରକ୍ଷିତ ବିଲ୍ଡିଂର ଚିହ୍ନଟ, ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ତପନ କୁମାର ଦାସ, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ସମୀକ୍ଷାରେ ସହଯୋଗ କରିଥିଲେ। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ସେମାନଙ୍କ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

■ ଅଣସରରେ ଗୁପ୍ତ ସେବା

## ଚକାକୁ ବିଜେ ହେଲେ ଦାରୁଦିଅଁ

ପୁରୀ୨୦।୭(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ମଙ୍ଗଳବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବା ବେଳେ ଶୁକ୍ରବାର ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ଯୁବ ସାମ୍ବାଦିକ ବିକ୍ରମଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ, ୨୦।୬ (ସମିସ): ଯୁବ ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ପୁରୀର ସାମ୍ବାଦିକ ଏବଂ ବୁଦ୍ଧିଜୀବୀ। ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନାୟକ ପ୍ଲାଜା ପରିସରରେ ଆୟୋଜିତ ହୋଇଥିଲା ଶ୍ରଦ୍ଧାଞ୍ଜଳି ସଭା। ଏଥିରେ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗଦେଇ ବିକ୍ରମଙ୍କ ସହିତ ବିତାଇଥିବା ସେମାନଙ୍କର ଅନୁଭୂତି ବାଣ୍ଟିଥିଲେ। ତାଙ୍କୁ ମାତ୍ର ୩୩ବର୍ଷ ହୋଇଥିଲା। ଏତେ କମ୍ ବୟସରେ ସାମ୍ବାଦିକତା ଜଗତରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। କ୍ରାଇମ୍ ରିପୋର୍ଟିଂକୁ ନେଇ ଅନ୍ୟମାନଙ୍କଠାରୁ କିଛି ଭିନ୍ନ କରିବାର ଝୁଙ୍କ ରହିଥିଲା ତାଙ୍କର। ଜଣେ ନିର୍ଭୀକ, ସାହାସୀ ସାମ୍ବାଦିକତାର ପରିଚୟ ଦେଇଥିବା ବିକ୍ରମ ନିଜେ ଅସମୟରେ ଖବର ପାଲଟିଯିବେ, ତାହା ସମସ୍ତଙ୍କ କଳ୍ପନା ବାହାରେ ଥିଲା ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ରଖିଥିଲେ ସାମ୍ବାଦିକ। ସଭା ପୂର୍ବରୁ ସମସ୍ତେ ନୀରବ ପ୍ରାର୍ଥନା କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ପ୍ରମେୟ ପୁରୀ ସଂସ୍କରଣର କ୍ରାଇମ୍ ରିପୋର୍ଟର୍ ଥିବା ବିକ୍ରମ ଗୁରୁବାର ରାତିରେ ନବକଳେବର ରୋଡ୍ ଗୋଛାୟତ ବଗିଚାସ୍ଥିତ ଭଡ଼ା ଘରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ବେଳେ ତାଙ୍କ ବଡଭାଇ, ବାପା, ମାଉସୀ, ଭାଉଜ ଓ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସାନଭାଇ ମୁଖାଗ୍ନି ଦେଇଥିଲେ।

ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସମାଜସେବୀ ବ୍ରଜକିଶୋର ସାହୁ, ସିଦ୍ଧାର୍ଥ ରାୟ, ସ୍ୱାଧୀନ ପଣ୍ଡା, ଚନ୍ଦ୍ର ଶେଖର ମିଶ୍ର, ବିଶ୍ୱଜିତ ମହାନ୍ତି, ସନ୍ତୋଷ ବିଦ୍ଧାଣୀ, ମନୋଜ ସାହୁ, ସୋମନାଥ ସାହୁ, ବଦ୍ରି ମିଶ୍ର, ଦେବାଶିଷ ଦାସ, ସୁକାନ୍ତ ପଣ୍ଡା, ସଞ୍ଜୀବ ମହାନ୍ତି, ସଞ୍ଜୟ ମହାପାତ୍ର, ଲାଲା ଅନନ୍ତ କୁମାର ସିଂହ, ତ୍ରିଲୋଚନ ଦାସ, ପ୍ରମେୟ ଭୁବନେଶ୍ୱର ଚିଫ୍ ଅଫ୍ ବ୍ୟୁରୋ ଦେବେନ୍ଦ୍ର ସୁଆର ଓ ଡିଜିଏମ୍ ଗଜେନ୍ଦ୍ର ଦାସ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ଏସ୍‌ପି ବିନୀତ ଅଗ୍ରୱାଲ, ପ୍ରମୁଖ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଶବାଧାର ଓ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ରଣଜିତ ମିଶ୍ର, ଶୈଳେନ୍ଦ୍ର ଆଚାର୍ଯ୍ୟ, ସୌମିତ୍ର ହରିଚନ୍ଦନ, ବିଶ୍ୱଜିତ ମିଶ୍ର, ଅକ୍ଷୟ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି, ବିବୁଧ ମହାନ୍ତି, ଶ୍ୟାମକାହ୍ନା ପଟ୍ଟନାୟକ, ସୀମାଞ୍ଚଳ ପାଢ଼ୀ, ହେମନ୍ତ ନାୟକ, ସୁମନ୍ତ ପରିଡ଼ା, ସତ୍ୟ ନାରାୟଣ ଦାସ, ଆଲୋକ ଆଶୁତୋଷ ନାୟକ, ଅଜିତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ରଥଯାତ୍ରା ପାଇଁ ସିପିଆର ତାଲିମ

ପୁରୀ୨୦।୬(ସମିସ): ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ତେଣୁ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ଏଡେଇ ଦିଆଯାଇ ନ ପାରେ। ଏହି ସମୟରେ କୌଣସି ବ୍ୟକ୍ତିଙ୍କୁ ହୃଦ୍‌ଘାତ ହେଲେ ତୁରନ୍ତ ସିପିଆର ବା କାର୍ଡିଓପଲମୋନାରୀ ରେସୁସିଟେସନ ପଦ୍ଧତିରେ ଯେଭଳି ତୁରନ୍ତ ଚିକିତ୍ସା କରାଯାଇ ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶ କ୍ରମେ ହାର୍ଟ ମେଟ ଫାଉଣ୍ଡେଶନ ପକ୍ଷରୁ ଏହାର ଆୟୋଜନ କରାଯାଇ ବରିଷ୍ଠ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ପୋଲିସ ଅଧିକାରୀମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ହୃଦ ଚିକିତ୍ସକ ଡା. ଋଷିକାନ୍ତ ମହାନ୍ତ ଏହି ତାଲିମ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜିକା ଗାୟତ୍ରୀ କର ଏହାର ବର୍ଣ୍ଣନା ଓ ସୁଶୀଲ ଓ ବିଶ୍ୱଜିତ ଦୁଇ ସହାୟକ ପ୍ରାକ୍ଟିକାଲ ତାଲିମରେ ସହଯୋଗ କରିଥିଲେ।

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ

## ଜିଲ୍ଲାର ୫ ବରପୁତ୍ରଙ୍କ ଜନ୍ମସ୍ଥଳୀ ସାମିଲ

ପୁରୀ୨୦।୬(ସମିସ): ପୁରୀ ଜିଲ୍ଲାର ୪ ସ୍ଥାନରେ ୫ ବରପୁତ୍ରଙ୍କ ଜନ୍ମସ୍ଥଳୀକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜନତା ମଇଦାନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ପୁରୀ ସଦର ବ୍ଲକର ବୀର ହରେକୃଷ୍ଣପୁର ଦୁଇ ବରପୁତ୍ର ସହିଦ ଜୟୀ ରାଜଗୁରୁ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମ ସ୍ଥାନ ଭାବେ ଐତିହ୍ୟ ଗ୍ରାମର ମାନ୍ୟତା ପାଇଛି। ଏହି ଯୋଜନାର ଶୁଭାରମ୍ଭ ଅବସରରେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସଦର ବିଡିଓ ସମ୍ବିତ ଶତପଥୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗ୍ରାମ ସଭାପତି ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଏନ ଆଇ ସିର ଡିଆଇଓ ବିଶ୍ୱନାଥ ପଣ୍ଡା ଓ ସହକାରୀ ଡିଆଇଓ ଦୁର୍ଗା ପ୍ରସାଦ ଜେନା ସଂଯୋଗ ସହ ପରିଚାଳନା କରିଥିଲେ।

ସେହିପରି ସତ୍ୟବାଦୀ ବ୍ଲକର ବନ ବିଦ୍ୟାଳୟଠାରେ ବନବିଦ୍ୟାଳୟ ଓ ପଞ୍ଚସଖା ସ୍ମୃତି ପୀଠ ଏବଂ ଶ୍ରୀରାମଚନ୍ଦ୍ରପୁରଠାରେ ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ପୀଠକୁ ଐତିହ୍ୟ ବରପୁତ୍ର ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ବନ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଓ ଶ୍ରୀରାମଚନ୍ଦ୍ରପୁର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିବାବେଳେ ବିଡିଓ ଦେବାଶିଷ ନାୟକ କାର୍ଯ୍ୟ ପରିଚାଳନା କରିଥିଲେ। ବ୍ରହ୍ମଗିରି ବ୍ଲକ ଗଡରୋଡଙ୍ଗଠାରେ ବକ୍ସି ଜଗବନ୍ଧୁଙ୍କ ଜନ୍ମ ପୀଠକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓ ବିଡିଓ ଅମିୟ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଲୋକ ମେଳା ଓ କୃଷି ମେଳା ଉଦ୍‌ଯାପିତ

ପୁରୀ,୨୦।୬(ସମିସ): ଉତ୍କଳୀୟ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ମହାମିଳନ ପର୍ବ ପାଇଁ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା କରିଥିବା ୨୩ବର୍ଷର ନିଷ୍ଠାପର ପ୍ରୟାସ ସଦାସ୍ମରଣ ରହିବ ବୋଲି କହିଛନ୍ତି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। କେବଳ ଲୋକ ସଂସ୍କୃତି ନୁହେଁ, ଯେଭଳି ଭାବେ ୧୬ବର୍ଷ ଧରି ଏହି ଅନୁଷ୍ଠାନ ଓଡ଼ିଶାର କୃଷି ସମୃଦ୍ଧି ପାଇଁ କୃଷିମେଳା ମାଧ୍ୟମରେ ଭାରତବର୍ଷର କୃଷିଭିତ୍ତିକ ଉପକରଣ, କୃଷି ବିଜ୍ଞାନ, ମତ୍ସ୍ୟ ଓ ପଶୁପାଳନ ତଥା ଭାରତୀୟ ପାଣିପାଗ ବିଭାଗକୁ ପୁରୀରେ ସମାବେଶ କରିଛି, ତାହା ଉଲ୍ଲେଖନୀୟ ବୋଲି କହିଛନ୍ତି ଶ୍ରୀ ତ୍ରିପାଠୀ। ଡ. ହରେକୃଷ୍ଣ ଶତପଥୀଙ୍କ ସଭାପତିତ୍ୱ ଓ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡିନ୍ ଏକ୍ସଟେନ୍ସନ ପ୍ରସଂଜିତ୍ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମକୁ ଭରତ କୁମାର ନାୟକ, ଚନ୍ଦ୍ରବିଜୟୀ ମିଶ୍ର, ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ହେକ୍ଟର ମିଶ୍ର, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ସୌମ୍ୟରଞ୍ଜନ ମିଶ୍ର ହୁଲାସ ଚନ୍ଦ୍ର ଜେନା ଓ ରୀତେଶ ମହାନ୍ତି ସଂଯୋଜନା କରିଥିଲା ବେଳେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଅଧ୍ୟାପକ ବିଶ୍ୱନାଥ ମିଶ୍ର। ପରିଚାଳନାରେ ପୁଷ୍କର ସାହୁ, ପ୍ରତାପ ଚନ୍ଦ୍ର ଦଳେଇ, ରାଜକିଶୋର ମୁଖୀ, ଦିବ୍ୟ ପ୍ରକାଶ ସୁବୁଦ୍ଧି ଓ ପୂର୍ଣ୍ଣଚନ୍ଦ୍ର ଓଝା ସହଯୋଗ କରିଥିଲେ। ୧୬ତମ କୃଷିମେଳାର ଶ୍ରେଷ୍ଠ କୃଷୀ ପ୍ରତିଯୋଗୀ ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ କେନ୍ଦ୍ର ପୁରସ୍କୃତ ହେଇଥିବା ବେଳେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଓ ତୃତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ମିଳିତ ଭାବେ ଭାରତ ସରକାରଙ୍କ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ଏବଂ ପୁରୀ ଜିଲ୍ଲାର ମୁଖ୍ୟ କୃଷି ବିଭାଗ ପୁରସ୍କୃତ ହୋଇଥିଲେ। ସେହିପରି ପୂର୍ବାଞ୍ଚଳ ରେଳବାଇ, ଭାରତ ସରକାରଙ୍କ କୟର ବୋର୍ଡ ଓ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ ପୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ଷ୍ଟଲ୍ ଭାବେ ପୁରସ୍କୃତ ହୋଇଥିଲେ। ସୂଚନାଥାଉ କି, ଏଥିରେ ୨୨ଟି ରାଜ୍ୟର ୫୨୦ଜଣ କଳାକାର ଓ କୃଷି ଅଧିକାରୀ ସାମିଲ ହୋଇଥିଲେ।




Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
| --- | --- | --- |
| 22nd June, 2025 | 06:00 PM | Sambalpur |

Venue: Hotel Harjit Residency, Dayal Towers, Vss Marg, Sambalpur, Odisha - 768001.


Name: Shib Prasad Joshi | Mob. No.: 8657417350

Nippon Life India Asset Management Limited | CIN : L65910MH1995PLC220793

Good gets better

Mutual Fund investments are subject to market risks, read all scheme related documents carefully.

# ସମ୍ପାଦକୀୟ



ଭଲ ମଣିଷର ମାନ୍ୟତା ପାଇବାକୁ ହେଲେ ଦୁରାଚାରୀ ସହିତ ଯୁଦ୍ଧ ଏବଂ ପଡ଼ୋଶୀ ସହିତ ସର୍ବଦା ଶାନ୍ତି ସହାବସ୍ଥାନ ବଜାୟ ରଖିବାକୁ ହୁଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଦୂଷିତ ଓ ବିଷାକ୍ତ

ଦେଶ ଦୁନିଆ ବହୁତ ଆଗେଇଲାଣି। ଲୋକଙ୍କ ରୁଚି ଓ ଚଳଣି ମଧ୍ୟ ବଦଳି ଗଲାଣି। ଘରୁ ଗୋଡ଼କାଢ଼ିଲେ ବଜାରଘାଟରୁ ୧୦ ଟଙ୍କା ଓ ୨୦ ଟଙ୍କାରେ ପାଣି କିଣି ପିଉଛୁ। ବଜାରରୁ ଆପଣା ରୁଚି ଅନୁଯାୟୀ ଜଳଖିଆ କିଣି ଖାଉଛୁ। ଏହା କେବଳ ସହରାଞ୍ଚଳରେ ସୀମିତ ନାହିଁ। ସହରତଳି ଗ୍ରାମୀଣ ପରିବେଶରେ ସେହି ଏକାପ୍ରକାରର ଜୀବନଯାତ୍ରା। ମାତ୍ର ଆମେ କେବେ ବିଚାର କରିଛେ ଯେଉଁ ବଟଲର ପ୍ଲାଣ୍ଟରୁ ପାଣି ଆସି ବଜାରରେ ବିକ୍ରି ହେଉଛି ତାହାର ମାନ କ'ଣ? ପାଟି ସୁଆଦ ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟ ନିର୍ବିଚାରରେ ଖାଇଚାଲିଛୁ। କ୍ରେତା ଓ ବିକ୍ରେତା କେହି ସ୍ୱାସ୍ଥ୍ୟ ପ୍ରତି ସଚେତନ ନୁହନ୍ତି। ନ ହେଲେ ରାଜ୍ୟର ଆଗୁଆ ଜିଲ୍ଲା ଯାଜପୁରଠାରୁ ଆରମ୍ଭ ହୋଇଥିବା ଡାଏରିଆ ୧୦ଟି ଜିଲ୍ଲାକୁ ସଂକ୍ରମିତ ହୋଇ ନଥା'ନ୍ତା। ହଜାର ହଜାର ରୋଗୀ ଶଯ୍ୟା ସୁବିଧା ଥାଇ କି ନ ଥାଉ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ପଡ଼ି ନଥା'ନ୍ତେ। କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରି ରିପୋର୍ଟ ଦେଇଛନ୍ତି। ସଂକ୍ରମଣ କାରଣ ହେଉଛି ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟ। ସମଗ୍ର ବିଶ୍ୱରୁ କଲେରା ବା ହଇଜା ବିଲୁପ୍ତ ହେବାକୁ ବସିଥିବା ବେଳେ ଓଡ଼ିଶାରେ ୧୬ ଜଣ ରୋଗୀଙ୍କଠାରେ ଏହି ଜୀବାଣୁ ଥିବାର ପରିଲକ୍ଷିତ ହୋଇଛି। ଏ କଥା ସତ ଯେ ବର୍ଷାଋତୁ ଆସିବା ପରେ କିଛି ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ପରିଲକ୍ଷିତ ହୁଏ। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟକୁ ମୌସୁମୀର ବିଧିବଦ୍ଧ ଆଗମନ ହୋଇନି। କିନ୍ତୁ ଡାଏରିଆ ମାଡ଼ି ଚାଲିଛି ଗୋଟିକ ପରେ ଗୋଟିଏ ଜିଲ୍ଲାକୁ।

ସରକାର ମାନନ୍ତୁ କି ନ ମାନନ୍ତୁ ରାଜ୍ୟରେ ୨୩ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତି ଓ ହଇଜାରେ ମଲେଣି। ଅଥଚ ବିକଶିତ ରାଜ୍ୟର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଇବାରେ ଟିକିଏ ବି ହେଳା କରୁନାହାନ୍ତି ସରକାର। ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ, ସମସ୍ତ ସହରାଞ୍ଚଳକୁ ମଧ୍ୟ ଏ ଯାଏଁ ପାଇପ ଯୋଗେ ପାନୀୟ ଜଳଯୋଗାଣ ଆରମ୍ଭ ହୋଇନି। ଏ ଦିଗରେ ଆରମ୍ଭ ହୋଇଥିବା କାର୍ଯ୍ୟକୁ ସରକାର ବଦଳିବା ପରେ ବନ୍ଦ ରଖାଯାଇଛି। ପଞ୍ଚାୟତ ସ୍ତରରେ ମୁଣ୍ଡ ଟେକିଥିବା ପାଣି ଟାଙ୍କି ସେମିତି ଶୁଖିଲା ପଡ଼ିଛି। ନଳକୂପ ଖନନ କାର୍ଯ୍ୟ ପ୍ରତି ନିଘା ନାହିଁ। ବର୍ଷ ପୂର୍ତ୍ତି ଉତ୍ସବରେ ସରକାର ମାତିଛନ୍ତି, ସଭାସମିତିରେ ଡବଲ୍ ଇଞ୍ଜିନ ସରକାରର ଗୁଣଗାନ କରିଚାଲିଛନ୍ତି। ଅଥଚ ରାଜ୍ୟରେ ଡାଏରିଆ ମହାମାରୀର ରୂପ ନେଉଛି। କେନ୍ଦ୍ରୀୟ କମିଟି ରିପୋର୍ଟରେ ଦିଆଯାଇଥିବା ପରାମର୍ଶକୁ ପଢ଼ିଲେ ବା ଶୁଣିଲେ ସରମରେ ମୁଣ୍ଡ ନୋଇଁଯାଉଛି। ନିଜ ସ୍ଥାନକୁ ଠିକଣା ରୂପେ ନିରୂପଣ କରିପାରୁ ନଥିବା ସରକାର ବିକାଶ ଯୋଜନାରେ ମିଛ ବାହୁସ୍ଫୋଟ ମାରିଚାଲିଛନ୍ତି। ଏହାକୁ କେବଳ ସମୟର ବିଡ଼ମ୍ବନା କହିବା ନି ତ ଆଉ କ'ଣ କହିବା?

ରାଜନୈତିକ ବାଛବିଚାରର ସମ୍ମୁଖୀନ ହୋଇଛି ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି। ପୂର୍ବ ସରକାରଙ୍କ ଉନ୍ନୟନ କାର୍ଯ୍ୟ ସେମିତି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। କାରଣ ଆଞ୍ଚଳିକ ସ୍ତରରେ ଏବେ ମଧ୍ୟ ବିରୋଧୀ ଦଳର ପ୍ରାଧାନ୍ୟ ରହିଛି। ଏହି ଉନ୍ନୟନ କାର୍ଯ୍ୟରେ ସର୍ବାଧିକ ଗୁରୁତ୍ୱ ପାନୀୟ ଜଳ ଯୋଗାଣକୁ ଦିଆଯାଉ ନ ଥିବାରୁ ତାହା ଏବେ ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ପହଞ୍ଚିଛି। ସରକାର ଅପେକ୍ଷା କରିଛନ୍ତି ପରବର୍ତ୍ତୀ ନିର୍ବାଚନକୁ। ତାଙ୍କ ଦଳ ପଞ୍ଚାୟତ ସ୍ତରରେ କ୍ଷମତାକୁ ଆସିଲେ ହିଁ ଅର୍ଥ ମଞ୍ଜୁର କରାଯିବ। ଆମକୁ ଏଠାରେ ମନେ ରଖିବାକୁ ହେବ ଯେ ଶାସନ ବ୍ୟବସ୍ଥା ଏକ ନିରଙ୍କୁଶ ପ୍ରବାହ। ଦଳୀୟ କ୍ଷମତା ନିର୍ବିଶେଷରେ ଏହି ପ୍ରବାହକୁ ଜାରି ରଖିବାକୁ ପଡ଼ିବ। ଏବେ ଯେତେବେଳେ କୁହାଯାଉଛି ଜଳ ଉତ୍ସକୁ ଯାଞ୍ଚ କରି ବିଶୋଧନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ, ତାହାକୁ କିଏ କିପରି କରିବ? ଅବଶ୍ୟ ପଞ୍ଚାୟତି ରାଜ୍ୟ ବିଭାଗ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି ବ୍ୟବସ୍ଥାକୁ ସୁଧାରିବା ବ୍ୟତୀତ ଅନ୍ୟ ଗତି ନାହିଁ। ତୃଣମୂଳସ୍ତରରେ ତାହାର ସକ୍ରିୟତା ଓ ବ୍ୟୟବହୁଳତାକୁ ନେଇ କିଛି ମତାମତ ନ ଦେବା ଭଲ। କର୍ତ୍ତୃପକ୍ଷ ଯେଉଁ ଜଳ ଉତ୍ସ କଥା ଉଲ୍ଲେଖ କରିଛନ୍ତି ସେଥିରେ ସହରାଞ୍ଚଳ ମଧ୍ୟ ଆସୁଛି। ନଦୀକୂଳରେ ମୁଣ୍ଡ ଟେକିଥିବା ଅଧିକାଂଶ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ କରିଥାଏ ସେହି ନଦୀଜଳ। ଆମ ରାଜ୍ୟରେ ଏମିତି କୌଣସି ନଦୀ ନାହିଁ, ଯାହାର ଜଳ ପ୍ରଦୂଷିତ ଓ ବିଷାକ୍ତ ନୁହେଁ। ତାହାକୁ ପାନୀୟ ଜଳ ରୂପେ ବ୍ୟବହାର କରାଯାଉଥିବା ବେଳେ ଉପଯୁକ୍ତ ବିଶୋଧକ ପ୍ରତି କର୍ତ୍ତୃପକ୍ଷ ଉଚିତ ଧ୍ୟାନ ଦେଉଛନ୍ତି ତ? ସରକାର ନିର୍ବିଶେଷରେ ଏମିତି କିଛି କଥା ଅଛି, ଯାହାର ସାର୍ବଜନିନ ଆଭିମୁଖ୍ୟର ଗୁରୁତ୍ୱ ସବୁକାଳେ ରହିଛି। ଏ କ୍ଷେତ୍ରରେ ରାଜନୈତିକ ପକ୍ଷପାତିତା ରହିବା ଉଚିତ ନୁହେଁ।

ଆମ ସହରୀଜୀବନରେ ପରିଲକ୍ଷିତ ପରିବର୍ତ୍ତନ ଦୃଷ୍ଟି କଟୁ ଲାଗିଲେ ମଧ୍ୟ ତାହାକୁ ସମସ୍ତେ ଏକପ୍ରକାର ବରଦାସ୍ତ କରିବାକୁ ବାଧ୍ୟ ହେଉଛନ୍ତି। ଏମିତି ଦେଖିବାକୁ ଗଲେ ଏବେକାର ପରିବାର ଓ ସଂସାର ଛୋଟିଆ। ଜଞ୍ଜାଳ ମଧ୍ୟ ଅପେକ୍ଷାକୃତ କମ୍। ଏ ସବୁ ସତ୍ତ୍ୱେ ରୋଷେଇ ପ୍ରତି ଅନାଗ୍ରହ ପ୍ରାୟ ଅଧିକାଂଶ ପରିବାରରେ ଅନୁଭୂତ ହେଉଛି। ଜଳଖିଆଠାରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ସବୁ ସେହି ରାସ୍ତାକଡ଼ର ଦୋକାନ ଉପରେ ନିର୍ଭରଶୀଳ। ତାହାର ଖାଦ୍ୟୋପଯୋଗିତା ପ୍ରତି କାହାର ନଜର ନାହିଁ। 'ପାଟି ସୁଆଦ ଓ ରୋଗ ବରାଦ' ନୀତିରେ ସମସ୍ତେ ଅଗ୍ରସର। ମୁହଁରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରସ୍ପରଙ୍କୁ ପରାମର୍ଶ ଦେଉଥିଲେ ମଧ୍ୟ କର୍ମରଙ୍କୁଣା ମାନସିକତା ମଣିଷକୁ ଏତେ ନିକମା କରିଦେଇଛି ଯେ ଅର୍ଥ ବିନିମୟର ରୋଗ କିଣୁଛି। ଏବେ ଯେଉଁ ଝାଡ଼ାବାନ୍ତି ଓ ହଇଜା ସଂକ୍ରମଣ ବୃଦ୍ଧି ପାଇଛି, ତାହା ପଛରେ ଏହା ଅନ୍ୟତମ କାରଣ। ସରକାରୀ କଳର ଯାଞ୍ଚ ଓ ବିଶୋଧନ ପ୍ରକ୍ରିୟା ପରିସ୍ଥିତିକୁ କେତେ ଶୀଘ୍ର ସୁଧାରି ପାରିବ ସେ ନେଇ ସନ୍ଦେହ ରହିଛି। ବଡ଼ କଥା ହେଉଛି ସ୍ୱାସ୍ଥ୍ୟ ସଚେତତନତା ପ୍ରଥମେ ଘରୁ ଆରମ୍ଭ ହେବା ଉଚିତ। ତା' ପରେ ଯାଇ ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା।

ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟ ସମ୍ପର୍କରେ ଉଲ୍ଲେଖ କଲା ବେଳେ ଆମେ ନିଜକୁ ସୁଧାରିବାର ଯେଉଁ ସୁଯୋଗ ଅଛି ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଜରୁରୀ। ସହରୀ ଜୀବନରେ ଘରେ ଘରେ ପାନୀୟ ଜଳ ବିଶୋଧନ ବ୍ୟବସ୍ଥା ଥିଲେ ମଧ୍ୟ ବାହାରୁ ଥଣ୍ଡାପାନୀୟ ପିଇବାର ଅଭ୍ୟାସକୁ ଆମେ ଛାଡ଼ିପାରୁନାହାନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଥଣ୍ଡାପାନୀୟ ଓ ରାସ୍ତାକଡ଼ର ପାଟିସୁଆଦ ଖାଦ୍ୟ ଲାଳସା ତ୍ୟାଗ କରିବା ଆବଶ୍ୟକ। ଏହିଦୃଷ୍ଟିରୁ ଗ୍ରାମାଞ୍ଚଳର ସ୍ଥିତି ବର୍ଷା ଦିନରେ ଆହୁରି ସାଂଘାତିକ। ତେଣୁ ପିଇବା ପାଣି ଫୁଟାଇବା ସହ ହାଲୋଜେନ୍ ବଟିକା ବ୍ୟବହାର କରାଯାଇପାରେ। ଏ ସବୁକୁ ବାଦ୍ ଦେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ଜିଲ୍ଲା ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠାରେ ପର୍ଯ୍ୟାପ୍ତ ଔଷଧ ବ୍ୟବସ୍ଥା ସହ ଚିକିତ୍ସା ଓ ସେବା ପାଇଁ ସରକାର ଡାକ୍ତର ଓ ପାରାମେଡିକାଲା ଷ୍ଟାଫ୍ ନିଯୁକ୍ତିକୁ ଅଗ୍ରାଧିକାର ଦେବା ଉଚିତ। ଏ କ୍ଷେତ୍ରରେ ସରକାର କେତେଦୂର ସକ୍ଷମ ହେବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି।

## 'ଡନିଂ-କ୍ରୁଗର'ର ମାୟାଜାଲ

ବିମଳ ଷଡ଼ଙ୍ଗୀ

ଯୁକ୍ତିବାଦୀ ଚିନ୍ତାନାୟକମାନଙ୍କ ଦ୍ୱାରା ସଂକଳିତ ଏକ ତଥ୍ୟ ଦର୍ଶାଏ ଯେ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ଅତିକମରେ ୬୦୬ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି, ଯାହା ବାର୍ଷିକ ହାରାହାରି ସଂଖ୍ୟା ୫୦ ରୁ ଅଧିକ। ୨୦୧୩ ମସିହାରେ 'ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ' ପ୍ରଣୟନ ହେବା ସତ୍ତ୍ୱେ ଏପରି ଘଟଣା ପାଇଁ ଓଡ଼ିଶା ଦେଶର ଶୀର୍ଷ ରାଜ୍ୟ ମଧ୍ୟରେ ନିରନ୍ତର ସ୍ଥାନ ପାଇଆସୁଛି। ଏହାର ମୁଖ୍ୟ କାରଣ କେବଳ ଅନ୍ଧବିଶ୍ୱାସ, ସୀମିତ ଶିକ୍ଷା ଓ ସଚେତନତାର ଅଭାବ ନୁହେଁ, ବରଂ 'ଡନିଂ-କ୍ରୁଗର'ମାନଙ୍କ ପ୍ରତି ସାଧାରଣ ଜନତାଙ୍କ ଅତିରିକ୍ତ ବିଶ୍ୱାସ ମଧ୍ୟ ଏଥିପାଇଁ ଦାୟୀ।

ଆମେରିକାର ଦୁଇ ମନସ୍ତତ୍ତ୍ୱବିତ ଡେଭିଡ୍ ଡନିଂ ଓ ଜଷ୍ଟିନ୍ କ୍ରୁଗର ଏକ ନୂତନ ତଥ୍ୟକୁ ୧୯୯୯ ମସିହାରେ ଉଦ୍ଭାବନ କରିଥିଲେ, ଯାହାର ନାମ ସେହି ଦୁଇମନସ୍ତତ୍ତ୍ୱବିତ୍‌ଙ୍କ ନାମାନୁସାରେ 'ଡନିଂ-କ୍ରୁଗର' ରଖାଯାଇଛି। ସରଳରେ ଏହାର ଅର୍ଥ ଆତ୍ମସଚେତନତାର ଅଭାବ ହେତୁ କିଛି ଲୋକ ନିଜକୁ ଜ୍ଞାନୀ ବୋଲି ଭାବନ୍ତି ଏବଂ ତାହାକୁ ଅତି କୁଶଳତାର ସହିତ ସାଧାରଣ ଜନତାଙ୍କୁ ମାନିବାକୁ ବାଧ୍ୟ କରନ୍ତି ବା ମନାଇ ଦିଅନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ସେମାନଙ୍କୁ ପଥଭ୍ରଷ୍ଟ କରାଇ ସମାଜରେ ଅସ୍ଥିରତା ସୃଷ୍ଟି କରନ୍ତି। ଡନିଂ-କ୍ରୁଗର ପ୍ରଭାବରେ ନିଜ ପ୍ରତିଭାକୁ ଅତିରଞ୍ଜିତ କରନ୍ତି ଏବଂ ସମ୍ଭାବ୍ୟ ଫଳାଫଳକୁ ବିଚାର ନ କରି ବିପଦ ସୃଷ୍ଟି କରିଥା'ନ୍ତି। ଉଦାହରଣ ସ୍ୱରୂପ, କିଛି ବ୍ୟକ୍ତି କହିବେ ମୋ ଖଟ ଦୌଡ଼ି ଦୌଡ଼ି ନଦୀ ପାଖକୁ ଗଲା ଏବଂ ପାଣି ପିଇ ଫେରିଆସି ମୋ ଶୋଇବା ପାଇଁ ବିଛଣା ପକାଇଲା। ହ୍ୱାଟ୍‌ସ୍‌ଆପରେ ଦିନରାତି ବୁଡ଼ିରହିଥିବା ବ୍ୟକ୍ତି କୁହନ୍ତି, ହେୟାର ଡ୍ରାୟର ମାଧ୍ୟମରେ ନାକରେ ଗରମ ପବନ ଦେଲେ କରୋନା ଦୂର ହୋଇଯାଏ।

ଅନେକ ବୈଜ୍ଞାନିକ ଓ ଚିନ୍ତକ କୁହନ୍ତି ଯେ ଯୁକ୍ତିଯୁକ୍ତତା, କୌତୂହଳ, ସନ୍ଦେହ ଓ ପ୍ରଶ୍ନ କରିବାର ଇଚ୍ଛା ଆଧାରରେ ଏକ ମାନସିକତା ସୃଷ୍ଟିର ପ୍ରୟାସ ଆଜିର ଶିକ୍ଷାବ୍ୟବସ୍ଥାର ମୂଳମନ୍ତ୍ର ହେବା ଜରୁରୀ। ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ନେତା ଓ ବୈଜ୍ଞାନିକଙ୍କ ମତାମତକୁ ଆମେ ଉଦାହରଣ ରୂପେ ମଧ୍ୟ ନେଇପାରିବା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଥିଲେ ଜଣେ ବିଜ୍ଞାନ ପ୍ରବକ୍ତା। ସେ ଥରେ କହିଥିଲେ 'ବୈଜ୍ଞାନିକ ମନୋଭାବ ହେଉଛି ଜଣେ ମୁକ୍ତ ମଣିଷର ମନୋଭାବ।' ସେ ବିଶ୍ୱାସ କରୁଥିଲେ ଯେ ଜାତୀୟ ପ୍ରଗତି ପାଇଁ ବୈଜ୍ଞାନିକ ଚିନ୍ତାଧାରା ଅତ୍ୟାବଶ୍ୟକ ଏବଂ ଭାରତକୁ ଆଗକୁ ବଢ଼ିବା ପାଇଁ ଅନ୍ଧବିଶ୍ୱାସ ଓ ଭାଗ୍ୟବାଦକୁ ତ୍ୟାଗ କରିବାକୁ ପଡ଼ିବ। ସେ ସମୟରୁ ଭାରତୀୟ ସମ୍ବିଧାନରେ ଏକ ମୌଳିକ କର୍ତ୍ତବ୍ୟ ଭାବରେ 'ବୈଜ୍ଞାନିକ ମନୋଭାବ' ଲେଖାଯାଇଥିଲା, ଯାହା ଆଜି ବି ବିଦ୍ୟମାନ। କାର୍ଲ ସାଗାନ ଜଣେ ଆଗଧାଡ଼ିର ଜ୍ୟୋତିର୍ବିଜ୍ଞାନୀ, ଯାହାଙ୍କ ମତରେ 'ବିଜ୍ଞାନ ଜ୍ଞାନର ଏକ ଅଂଶ ନୁହେଁ ବରଂ ତା'ଠାରୁ ଯଥେଷ୍ଟ ଅଧିକ, ଯାହାକୁ ଚିନ୍ତା କରିବାର ଏକ ଉପାୟ କୁହାଯାଇପାରେ।' ସାଗାନ୍ ଛଦ୍ମବିଜ୍ଞାନ ବିଷୟରେ ଗଭୀର ଚିନ୍ତିତ ଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଯେତେବେଳେ ଅନ୍ଧବିଶ୍ୱାସ ଓ ରାଜନୀତି ଶିକ୍ଷାରେ ପ୍ରବେଶ କରିବ ସେତେବେଳେ ତାହା ସମାଜକୁ ଏକ ଅନ୍ଧକାରମୟ ଗହ୍ୱରକୁ ଟାଣିନେଇ ମାନବ ସଭ୍ୟତାକୁ ଧ୍ୱଂସ କରିଦେବ। ତାଙ୍କ ପୁସ୍ତକ 'ଦି ଡେମନ-ହଣ୍ଟେଡ୍ ୱାର୍ଲ୍ଡ'ରେ ସେ ଭୟ ଓ ଅଜ୍ଞତାର ପ୍ରତିଷେଧକ ଭାବରେ ସମାଲୋଚନାମୂଳକ ଚିନ୍ତାଧାରାକୁ ଅତି ଉଚ୍ଚସ୍ଥାନ ଦେଇଥିଲେ। ନୋବେଲ୍ ପୁରସ୍କାର ବିଜେତା ପଦାର୍ଥବିଜ୍ଞାନୀ ରିଚାର୍ଡ ଫେନିମ୍ୟାନ୍ କହିଥିଲେ ଯେ, 'ମୁଁ ପ୍ରଶ୍ନ କରାଯାଇ ନ ଥିବା ଉତ୍ତର ଅପେକ୍ଷା ଉତ୍ତର ଦିଆଯାଇ ନ ଥିବା ପ୍ରଶ୍ନ ରଖିବାକୁ ପସନ୍ଦ କରିବି।' ସେ ଅନ୍ଧବିଶ୍ୱାସ ପ୍ରଣାଳୀରେ ସମାଜରେ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଚେତାବନୀ ଦେଇଥିଲେ। ତାଙ୍କ ପାଇଁ ବୈଜ୍ଞାନିକ ମନୋଭାବର ଅର୍ଥ ହେଉଛି ନ ଜାଣିଥିବା ବିଷୟରେ ଜାଣିବାର ଇଚ୍ଛା ଏବଂ ସର୍ବଦା ନିଜର ଭୁଲକୁ ସଂଶୋଧନ କରିବାର ରାସ୍ତାକୁ ଖୋଲା ରଖିବା। ବିଶ୍ୱପ୍ରସିଦ୍ଧ ପଦାର୍ଥବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ୍ ଯୁକ୍ତି, ନୀତି ଓ ବୌଦ୍ଧିକ ସଚ୍ଚୋଟତାକୁ ସବୁଠାରୁ ଅଧିକ ଉଚ୍ଚ ଆସନ ଦେଇଥିଲେ ଏବଂ ବିଶ୍ୱାସ କରୁଥିଲେ ଯେ ଏକ ବୈଜ୍ଞାନିକ ବିଶ୍ୱଦୃଷ୍ଟିକୋଣ ମାଧ୍ୟମରେ ଆଶ୍ଚର୍ଯ୍ୟକର ବସ୍ତୁ ବା ପଦାର୍ଥର ଉଦ୍ଭାବନ ପାଇଁ ନିଜର ମନବୃତ୍ତିକୁ ଉନ୍ମୁକ୍ତ ରଖିବା ଉଚିତ, ଅହଂକାର ପାଇଁ ନୁହେଁ। ଭାରତର ନରେନ୍ଦ୍ର ଦାଭୋଲକରଙ୍କ ମତରେ ଚମତ୍କାର ବା ପ୍ରାକୃତିକ ନିୟମର ଉଲ୍ଲଂଘନ କରି ଯଦି କିଛି ଘଟେ, ତେବେ ଏହାର ଏକ କୌଣସି ନା କୌଣସି କାରଣ ଅଛି, ଯାହାର ତଦନ୍ତ କରାଯାଇପାରିବ। ଦାଭୋଲକର ଜଣେ ଭାରତୀୟ ଯୁକ୍ତିବାଦୀ ଥିଲେ, ଯିଏ ଅନ୍ଧବିଶ୍ୱାସ, କଳାଯାଦୁ ଏବଂ ନକଲି ଧର୍ମଗୁରୁଙ୍କ ବିରୁଦ୍ଧରେ ଲଢ଼ିଥିଲେ। ସେ ବୈଜ୍ଞାନିକ ମନୋଭାବକୁ ଏକ ନାଗରିକ ଦାୟିତ୍ୱ ଭାବରେ ସୂଚୀତ କରିଥିଲେ। ତାଙ୍କ ଦୃଷ୍ଟିକୋଣରେ ସବୁକିଛି ଉପରେ ପ୍ରଶ୍ନ କରନ୍ତୁ। ଏପରିକି ଆପଣଙ୍କ ନିଜସ୍ୱ ବିଶ୍ୱାସକୁ ମଧ୍ୟ।

ପ୍ରମାଣ ଓ ଦାବିଗୁଡ଼ିକର ମୂଲ୍ୟାଙ୍କନ କରିବା ସମୟରେ ନିଜର ଭାବନା ଓ କାର୍ଯ୍ୟକୁ ସମାଲୋଚନାମୂଳକ ଭାବରେ ଚିନ୍ତା କରିବା ହେଉଛି ସଶକ୍ତୀକରଣର ଏକ ରୂପ। ଅନ୍ଧ ବିଶ୍ୱାସକୁ ଆହ୍ୱାନ କରିବା ଅର୍ଥ ଅଯୌକ୍ତିକତା ଉପରେ ଆକ୍ରମଣ। ବିଜ୍ଞାନକୁ କେବଳ ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ପଢ଼ିଲେ ବା ବିଜ୍ଞାନ ଛାତ୍ରଛାତ୍ରୀ ହେଲେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ ନାହିଁ। କେବଳ କୌଣସି ଘଟଣାର କାରଣ ଖୋଜିଲେ ବିଜ୍ଞାନକୁ ବୁଝିହୁଏ। ଦୁଃଖର ବିଷୟ ଅନେକ ସମୟରେ ଶିକ୍ଷାଜଗତର କିଛି ବ୍ୟକ୍ତି ଏହି ଧାରାରୁ ମଧ୍ୟ ମୁକ୍ତ ନଥା'ନ୍ତି। ସେମାନେ ମଧ୍ୟ ଡନିଂ-କ୍ରୁଗର ଦ୍ୱାରା ପ୍ରଭାବିତ ହୋଇ ନିଜର ଅବୈଜ୍ଞାନିକ ମତାମତ ଦ୍ୱାରା ସାଧାରଣ ଲୋକଙ୍କୁ ଭୁଲ ବାଟରେ ପରିଚାଳିତ କରିଥା'ନ୍ତି। ଉଦାହରଣ ସ୍ୱରୂପ ୨୦୨୧ ମସିହାରେ, ଭାରତର ଜଣେ ବିଚାରପତି ଘୋଷଣା କରିଥିଲେ ଯେ ଗାଈ ହେଉଛି ଏକମାତ୍ର ପ୍ରାଣୀ, ଯେଉଁମାନେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ନିଃଶ୍ୱାସରେ ମଧ୍ୟ ଅମ୍ଳଜାନ ତ୍ୟାଗ କରନ୍ତି। କିଛିଦିନ ପୂର୍ବରୁ ଜଣେ ଆଇଆଇଟିର ନିର୍ଦ୍ଦେଶକ ତାଙ୍କ ଅଞ୍ଚଳରେ ବାଦଲ ଫଟା ମେଘ ଏବଂ ଭୂସ୍ଖଳନର କାରଣ ଭାବରେ ଜନସାଧାରଣଙ୍କ ମାଂସ ଖାଇବାକୁ ଦାୟୀ କରିଥିଲେ, ଯାହା ସାଧାରଣ ବ୍ୟକ୍ତିଙ୍କୁ ଅନେକ ସମୟରେ ଦ୍ୱିଧାରେ ପକାଇଥାଏ।

ବିଜ୍ଞାନ ହେଉଛି ବିସ୍ତୃତ, ଯାହା ପ୍ରାୟତଃ ଭୁଲ ବୁଝାଯାଇଥିବା କ୍ଷେତ୍ରକୁ ସବୁସମୟରେ ଖୋଜି ପାଇବାକୁ ବ୍ୟାକୁଳିତ ଏବଂ ମାନବ ସମାଜର କଲ୍ୟାଣ ପାଇଁ ପ୍ରମାଣ ଆଧାରରେ ବିଭିନ୍ନ ଉପାୟ ସ୍ଥିରୀକୃତ କରିବାକୁ ପ୍ରୟାସ ଜାରି ରଖିଥାଏ। ବାହ୍ୟ ଜଗତକୁ ଜାଣିବା ପାଇଁ ବିଜ୍ଞାନ ହେଉଛି ଆମର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏହା ପରୀକ୍ଷଣ ଓ ସତ୍ୟର ସନ୍ଧାନ ଉପରେ ପର୍ଯ୍ୟବସିତ। ବୈଜ୍ଞାନିକ ପଦ୍ଧତି କୌଣସି ବ୍ୟକ୍ତିଙ୍କୁ ବିଶ୍ୱାସ କରିବାକୁ କୁହେ ନାହିଁ, ବରଂ ପ୍ରଶ୍ନ କରିବାକୁ କହିଥାଏ। ବିଜ୍ଞାନ ଆମକୁ ଆଣ୍ଟିବାୟୋଟିକ୍, ଉପଗ୍ରହ, ଆପେକ୍ଷିକ ତତ୍ତ୍ୱ ଭଳି ଅନେକ ମାନବ କଲ୍ୟାଣକାରୀ ଜ୍ଞାନ ଦେଇଛି। ଏହା ଆମକୁ ଜଳବାୟୁ ପରିବର୍ତ୍ତନ, ମହାମାରୀ ଓ ଆମର ନିଜସ୍ୱ ଜ୍ଞାନର ସୀମା ବିଷୟରେ ମଧ୍ୟ ଚେତାବନୀ ଦେଇଛି। ଡନିଂ-କ୍ରୁଗର ପ୍ରଭାବରେ ବ୍ୟକ୍ତି ଅନ୍ଧବିଶ୍ୱାସ ଓ ବିଜ୍ଞାନ ମଧ୍ୟରୁ ଅନ୍ଧବିଶ୍ୱାସକୁ ଉଚ୍ଚ ଭାବରେ ଉପସ୍ଥାପନ କରି ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରେ(ଯଥା ନିଆଁ ଉପରେ ଚାଲିବା, ରୋଗରୁ ମୁକ୍ତି ପାଇଁ ପଶୁବଳି ଇତ୍ୟାଦି)। ଏଥିସହିତ ଯାଦୁକରୀ ମିଥ୍ୟା ଚିନ୍ତାଧାରାକୁ ମଧ୍ୟ ପ୍ରଚାରପ୍ରସାର କରେ। ସମାଜକୁ ଶାନ୍ତି ଦେବା ବଦଳରେ ଅଶାନ୍ତିର ବୀଜ ବପନ କରିଚାଲେ। ସେ ସମୟରେ ଲୋକଙ୍କୁ ସବୁକିଛି ପ୍ରେମ ଓ ଆଲୋକ ବୋଲି କହି ବିଜ୍ଞାନ ବିରୁଦ୍ଧରେ ପ୍ରଚାରକରି ନିଜର ସୁବିଧା ହାସଲ କରେ।

ତେଣୁ ଏହିପରି ଡନିଂ-କ୍ରୁଗରଙ୍କଠାରୁ ଅଚେତନ ଜନତାଙ୍କୁ ସଚେତନ କରିବାକୁ ହେଲେ ଶିଶୁ, କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ମଧ୍ୟରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବକୁ ଉଜ୍ଜୀବିତ କରିବା ସହିତ ପ୍ରମାଣ ଆଧାରରେ ଅନ୍ଧବିଶ୍ୱାସକୁ ଦୂରକରି ସମାଜର କଲ୍ୟାଣ ପାଇଁ ସର୍ବାଦୌ କାର୍ଯ୍ୟକରିବାର ଆବଶ୍ୟକତା ରହିଛି।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସମ୍ପର୍କରେ ସଙ୍କଟ

ପାର୍ଥସାରଥୀ ରାଉତ

ସତରେ ଭାରି ସାଂଘାତିକ ସମୟ ଚାଲିଛି। ଫ୍ରିଜ୍ ଦେଖିଲେ ସ୍ତ୍ରୀ ମନରେ ଅଜବ ଚିନ୍ତା ଆସୁଛି। ନୀଳ ରଙ୍ଗର ବଡ଼ ଡ୍ରମ୍ ଦେଖିଲେ ସ୍ୱାମୀ ମନରେ ଛନକା ପଶୁଛି। ବକ୍ସ ଖଟ ଦେଖିଲେ ସ୍ୱାମୀ ଚମକୁଛି ତ କାର୍ ଡିକି ଦେଖିଲେ ଭୟରେ ଶିହରି ଉଠୁଛି ସ୍ତ୍ରୀ। ନିକଟ ଅତୀତରେ ଏହିପରି ଅଭାବିତ ଘଟଣାକ୍ରମ ଦେଖିବା ପରେ ଏମିତି ଏକ ଉପସଂହାର ଟାଣିବାକୁ ଅନେକ ବାଧ୍ୟ ହେଉଛନ୍ତି। ଦିଲ୍ଲୀର ଶ୍ରଦ୍ଧା ୱାକର, ନିକି ଯାଦବ ଏବଂ ମିରଟର ବହୁଚର୍ଚ୍ଚିତ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ମାମଲା ପରଠାରୁ ଉପରୋକ୍ତ ଜାଗାସବୁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ମାତ୍ର ଇତିମଧ୍ୟରେ ଆଉକିଛି ସ୍ପର୍ଶକାତର ଘଟଣା ଘଟିଛି, ଯାହାଫଳରେ ଏହି ଫ୍ରିଜ୍-ଡ୍ରମ୍ ତାଲିକାରେ ଆଉ କିଛି ସ୍ଥାନ ଯୋଡ଼ି ହୋଇଯାଇଛି।

କର୍ପୋରେଟ ଜଗତରେ ସମ୍ପର୍କ ତଡ଼ିତ ବେଗରେ ବିଗିଡ଼ିବାରେ ଲାଗିଛି। ସମ୍ପର୍କରେ ସଙ୍କଟ ସୃଷ୍ଟି ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏବେ ଯେଉଁ ସ୍ଥିତି ଉପୁଜିଛି, ତାହା ଦାମ୍ପତ୍ୟ ସମ୍ପର୍କକୁ ଅତ୍ୟନ୍ତ ବିପଦଜନକ ମୋଡ଼ରେ ପହଞ୍ଚାଇଦେଇଛି। ବିବାହ ପରେ ନବଦମ୍ପତି ହନିମୁନ ଯିବା ଆମ ସାମ୍ପ୍ରତିକ ଚଳଣିର ଅଂଶବିଶେଷ ହୋଇଯାଇଛି। ଏଠାରେ କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ସମୟ ଏତେ ସାଂଘାତିକ ହୋଇଯାଇଛି ଯେ ହନିମୁନ ଯିବା ବି ନିରାପଦ ନୁହେଁ। ଯଦି ହନିମୁନ ଉଦ୍ଦେଶ୍ୟରେ ନବଦମ୍ପତି କୌଣସି ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଉଛନ୍ତି ତ ଆପାତତଃ ବିପଦ ନାହିଁ। କିନ୍ତୁ ସ୍ଥାନଟି ଯଦି ନିରୋଳା, ନିଛାଟିଆ ରିସର୍ଟ, ହୋଟେଲ ଅଥବା ବଙ୍ଗଳା, ତା'ହେଲେ ସୁଖଦ ସମୟ ବିତାଇବାକୁ ନିରାପଦ ମଣୁନାହାନ୍ତି। ଇନ୍ଦୋରର ନବଦମ୍ପତି ହନିମୁନରେ ମେଘାଳୟରେ ନିଖୋଜ ହେବା ଘଟଣା ପଛର ସତ୍ୟ ପଦାକୁ ଆସିବା ପରେ ଷଡ଼ଯନ୍ତ୍ର, ସନ୍ଦେହ ଓ ସଂଶୟର ଏ ନୂଆ ଧାରା ଆରମ୍ଭ ହୋଇଛି। ବିବାହର ମାତ୍ର ତେର ଦିନ ପରେ 'ସୁପାରୀ କିଲର'ନିୟୋଜିତ କରି ସ୍ୱାମୀ ରାଜ ରଘୁବଂଶୀଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ସୋନମ। ଏହି ଘଟଣା ପରେ ଘର ଛାଡ଼ି ରିସର୍ଟ, ହୋଟେଲ ଅଥବା ବଙ୍ଗଳାରେ ରହିବା ମଧ୍ୟ ବିପଦ ସାବ୍ୟସ୍ତ ହୋଇଛି।

ଏତେସବୁ ଅକଳ୍ପନୀୟ ଅବିଶ୍ୱସନୀୟ ଜଘନ୍ୟ ଘଟଣା ଘଟିବା ପରେ ଦାମ୍ପତ୍ୟ ଓ ପାରିବାରିକ ସମ୍ପର୍କକୁ ନେଇ ବହୁ ପ୍ରଶ୍ନ ମୁଣ୍ଡ ଟେକିଛି। ବଞ୍ଚିବେ ତ କେମିତି ବଞ୍ଚିବେ? ବିଶ୍ୱାସ କରିବେ ତ କାହାକୁ ବିଶ୍ୱାସ କରିବେ? ସମ୍ପର୍କ ବଜାୟ ରଖିବେ ତ କାହାକୁ ଆଧାର କରି? ଦଶମେଳକ ସୂତ୍ର ଅନୁଯାୟୀ କୋଷ୍ଠିମେଳକ ପୂର୍ବକ ଦିଅଁମଙ୍ଗୁଳା ହୋଇ ଅଗ୍ନୀଙ୍କୁ ସାକ୍ଷୀ ରଖି ପାଣିଗ୍ରହଣ ଉତ୍ସବ ପରେ ବନ୍ଧନ ସ୍ୱୀକୃତି ପାଇଥାଏ। ସାମାଜିକ ସ୍ୱୀକୃତି ପରେ ପାରିବାରିକ ଜୀବନର ଅୟମାରମ୍ଭ ହୋଇଥାଏ। ଘର ସଂସାର କରିବା ଭିତରେ କଳହ, ମନୋମାଳିନ୍ୟ ଆଦି ହୋଇଥାଏ ଏବଂ ହେବା ବି ସ୍ୱାଭାବିକ। ବେଶ୍ କିଛିବର୍ଷ ହେବ ଏଥିରେ ବିଚ୍ୟୁତି ଘଟି ଏ ପବିତ୍ର ସମ୍ପର୍କ ଆହୁରି କଳୁଷିତ ହୋଇଛି। ବିବାହ ପରେ ଅନୈତିକ ସମ୍ପର୍କ, ପରକୀୟା ପ୍ରୀତି ଆଦି କାରଣରୁ ବିବାହ ବିଚ୍ଛେଦର ଧାରା ବ୍ୟାପକ ହୋଇଛି। ତଥାପି ଏସବୁ ଏକ ସରହଦ ଭିତରେ ସୀମିତ ଥିଲା। କିନ୍ତୁ ଏବେଏବେ ଏପରି ଘଟଣାମାନ ଘଟୁଛି ଯେ ଉଭୟଙ୍କ ଉପରୁ ଉଭୟଙ୍କ କେବଳ ଆସ୍ଥା ତୁଟିଯାଉନି, ସମ୍ପର୍କର ଶିଳାନ୍ୟାସରୁ ସନ୍ଦେହର ନିଆଁରେ ଦୁଇଜଣ କୁହୁଳିବାକୁ ଲାଗୁଛନ୍ତି। ପ୍ରେମ ପ୍ରଣୟରେ ଛନ୍ଦି ହୋଇ ପରସ୍ପରର ଛାଇ ପାଲଟିବା ପରିବର୍ତ୍ତେ ଉଭୟ ଉଭୟଙ୍କ ଛାଇ ଦେଖିଲେ ଭୂତ ଦେଖିବା ସଦୃଶ ଡରିବାକୁ ବାଧ୍ୟ ହେଉଛନ୍ତି।

ବିବାହର ଅର୍ଥ କେବଳ ଶାରୀରିକ ମିଳନ ନୁହେଁ, ସ୍ୱର୍ଗୀୟ ଅନୁବନ୍ଧନର ଏକ ସ୍ମାରକୀ। ଏହା ଦୈହିକ ସମ୍ପର୍କଠାରୁ ଉଚ୍ଚତର ଏକ ଅଦ୍ଭୁତ ଅଭିନିବେଶ। ଉଭୟ ଉଭୟଙ୍କ ପାଖରେ ନିଃସର୍ତ୍ତ ସମର୍ପଣ କରିଦେବାର ଏକ ମହନୀୟ ଉପଲବ୍ଧି। ବୈବାହିକ ସମ୍ପର୍କ ଅତୁଟ ରଖିବାରେ ଉଭୟ ପତି ଓ ପତ୍ନୀଙ୍କ ଭୂମିକା ସମାନ। ଏହି ଗୁରୁଦାୟିତ୍ୱ ଉଭୟଙ୍କ ଉପରେ ସମାନ ଭାବେ ନ୍ୟସ୍ତ ଆଉ ବିଗିଡ଼ିବାରେ ଉଭୟ ସମ ପରିମାଣରେ ଦାୟୀ।

ପୂର୍ବରୁ ଆର୍ଥିକ ଦୁରବସ୍ଥା ଯୋଗୁଁ ବୈବାହିକ ସମ୍ପର୍କ ଭାରସାମ୍ୟ ହରାଉଥିଲା। ସନ୍ତାନସନ୍ତତି ଜନିତ ନିଃସଙ୍ଗତା କାରଣରୁ ସମ୍ପର୍କରେ ସଙ୍କଟ ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଆଉ ଏ ସ୍ଥିତି ନାହିଁ। ଉଦାରୀକରଣ ଅର୍ଥନୀତି ପରେ ଆର୍ଥିକ ସ୍ଥିତିରେ ଅନେକ ପରିମାଣରେ ସୁଧାର ଆସିଛି। ଚିକିତ୍ସା ବିଜ୍ଞାନର ଚମତ୍କାରିତା ଫଳରେ ଦ୍ୱିତୀୟ ସମସ୍ୟା ମଧ୍ୟ ବହୁଳ ଭାବେ ସମାଧାନ ହୋଇଛି। କିନ୍ତୁ ଏବେ ଦେଖାଯାଉଛି ଯେ ବିବାହ ପୂର୍ବରୁ ସମ୍ପର୍କ ବିବାହ ପରର ସମ୍ପର୍କ ଭାଙ୍ଗିବାରେ ମୁଖ୍ୟ କାରକ ଭାବେ ଉଭାହୋଇଛି। ହାତଗଣ୍ଠି ପଡ଼ିବା ବେଳଠୁ ତଦଜନିତ ଆଶଙ୍କା ଓ ଭୟ ଏତେ ଡରାଇଦେଉଛି ଯେ ମଣିଷଟି ଖୁବ୍ ଆତଙ୍କିତ ହୋଇପଡୁଛି। ପାରିବାରିକ ବାଧ୍ୟବାଧକତା ଯୋଗୁଁ ହୋଇଥିବା ବିବାହଠୁ ମୁକ୍ତି ପାଇବାକୁ ଯୋଜନା କରୁଛି। ଏଥିରେ ଉତପ୍ରେରକ ସାଜୁଛି ପୂର୍ବତନ ପ୍ରେମିକ ଅଥବା ପ୍ରେମିକା। ଫଳସ୍ୱରୂପ ସୋନମ-ରଘୁବଂଶୀ ଏବଂ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ପରି ଘଟଣା ଘଟୁଛି। ପୂର୍ବ ସମ୍ପର୍କ କାରଣରୁ ଯେଉଁ କ୍ଷେତ୍ରରେ ବିବାହ ହେଉନି ତ ଖବ୍ ଭଲ। ଯେଉଁ କ୍ଷେତ୍ରରେ ହେଉଛି, ସେଠାରେ ସ୍ୱାମୀ ଓ ସ୍ତ୍ରୀକୁ ପ୍ରଥମେ ଏଥିରୁ ବାହାରିବାକୁ ପଡ଼ିବ। ସମ୍ପର୍କ ଗଢ଼ିବା ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଜୀବନକୁ ନେଇ ବିଶ୍ଳେଷଣ କିମ୍ବା ବ୍ୟବଚ୍ଛେଦ କରିବା ଅନୁଚିତ। ବରଂ ଜୀବନ ବଞ୍ଚିବା ଶିଖିବା ଆବଶ୍ୟକ। ଏକଥା ବି ସତ ଯେ ଜୀବନ ବଞ୍ଚିବା ଏତେ ସହଜ ନୁହେଁ। ବୈବାହିକ ଜୀବନ ବି ଯାବତୀୟ ଝିଟରେ ଛନ୍ଦା। କିନ୍ତୁ ତା' ଭିତରେ ଅତୀତର ଅସ୍ଥାୟୀ ସମ୍ପର୍କକୁ ଭୁଲି ବର୍ତ୍ତମାନ ବିତୁଥିବା ଜୀବନର ସୁନ୍ଦରପଣକୁ ଖୋଜି ବାହାର କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ: ୯୪୩୮୨୯୦୪୯୧

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

ପ୍ରବୀର କୁମାର ପଟ୍ଟନାୟକ

ତିବ୍ବତରେ ସମ-ୟେ ବୌଦ୍ଧ ମହାବିହାର ପ୍ରତିଷ୍ଠା ପରେ ଏବଂ ବୌଦ୍ଧଧର୍ମକୁ ରାଜ୍ୟ ଧର୍ମ ଭାବେ ରାଜକୀୟ ସ୍ୱୀକୃତି ମିଳିଯିବା ପରେ ପଦ୍ମସମ୍ଭବ ତିବ୍ବତୀୟ ବୌଦ୍ଧଧର୍ମ ମଧ୍ୟରେ ପୁରାଣ କଥାର ନାୟକ ଭଳି ଚିରକାଳ ପାଇଁ ଖ୍ୟାତ ହୋଇଗଲେ। ଶାନ୍ତରକ୍ଷିତ ଓ ପଦ୍ମସମ୍ଭବ ଉଭୟେ ବୌଦ୍ଧ ଶାସ୍ତ୍ର ଓ ତାନ୍ତ୍ରିକ ବୌଦ୍ଧଧର୍ମର ଗ୍ରନ୍ଥ ମଧ୍ୟରେ ଶ୍ଳୋକାବଦ୍ଧ ହୋଇ ତିବ୍ବତରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ପଦ୍ମସମ୍ଭବ ରାଜା ଖ୍ରୀ-ସ୍ତନ୍‌ଙ୍କୁ ଉଭୟ ବଜ୍ରକୀଳ ଓ ହୟଗ୍ରୀବ ଉପାସନାରେ ଦୀକ୍ଷିତ କରିଥିଲେ। ରାଜା ହୟଗ୍ରୀବ ସାଧନାରେ ଅଧିକ ମନୋନିବେଶ କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ପଦ୍ମସମ୍ଭବ ସେଠାରେ ସୈଦ୍ଧାନ୍ତିକ ଭାବେ 'ଦ୍ୱିତୀୟ ବୁଦ୍ଧ' ରୂପେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବା ସହ ପ୍ରତିଷ୍ଠା ଲାଭ କରିଥିଲେ। ଏପରିକି ତିବ୍ବତରେ ସେ ବୁଦ୍ଧଙ୍କ ଅପେକ୍ଷା ଅଧିକ ସମ୍ମାନର ଅଧିକାରୀ ହୋଇଥିଲେ। ହିମାଳୟ ଅଞ୍ଚଳର ଦେଶମାନଙ୍କରେ ସେ ଜଣେ ଅତ୍ୟନ୍ତ ଅଲୌକିକ କ୍ଷମତାସଂପନ୍ନ ମହାପୁରୁଷ ରୂପେ ଚିତ୍ରିତ ହୋଇଛନ୍ତି।

ତାଙ୍କର ପ୍ରତିଛବିରେ ମସ୍ତକରେ ଧାରଣ କରିଥିବା ମୁକୁଟରେ ସୂର୍ଯ୍ୟ ଓ ଚନ୍ଦ୍ର (ସର୍ବଗୁଣ ସଂପନ୍ନତାର ପ୍ରତୀକ), ବୃହତ୍କାୟ ହୀରା (ଦୁର୍ଜୟର ପ୍ରତୀକ) ଓ ମୟୂରଚନ୍ଦ୍ରିକା (ନିଷ୍ପାପର ପ୍ରତୀକ) ରହିଛି। ସେହିପରି ଗୋଟିଏ ହାତରେ ବଜ୍ରସ୍ୱରୂପ ରାଜଦଣ୍ଡ ଏବଂ ଅନ୍ୟ ହାତରେ ଖପୁରୀରେ ରକ୍ତ ଧାରଣ କରିଥିବା, ତୀକ୍ଷ୍ଣ ମୁକୁଳା ଦାନ୍ତ ସହ ବେକରେ ମଣିଷ ମୁଣ୍ଡର ମାଳା ପିନ୍ଧିଥିବା ଏବଂ ଗୋଟିଏ ମହାବଳ ବାଘ ଉପରେ ବସି ହାତରେ ଡମ୍ବରୁ ବଜାଉଥିବା ଦେଖାଯାଏ।

ତିବ୍ବତରେ ତାଙ୍କ ସଫଳତାର ମୁଖ୍ୟ ରହସ୍ୟ ହେଉଛି ସେ ଜଣେ ଶୁଦ୍ଧ ବୌଦ୍ଧ ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ବୌଦ୍ଧତାନ୍ତ୍ରିକ ଥିଲେ। ସେ ଥିଲେ ମୂଳ ଉଡ୍ଡୀୟାନ ବାସନ୍ଦା। ତାଙ୍କ ପିତା ମଧ୍ୟ ଥିଲେ ଖ୍ୟାତନାମା ସିଦ୍ଧ (୮୪ ସିଦ୍ଧ) ଏବଂ ଚକ୍ରସମ୍ବର ସଂପ୍ରଦାୟର ଜଣେ ଅତ୍ୟନ୍ତ ଖ୍ୟାତିସମ୍ପନ୍ନ ତାନ୍ତ୍ରିକ। ରାଜାଇନ୍ଦ୍ରଭୂତି ପଦ୍ମସମ୍ଭବ ମହାଯାନ ବୌଦ୍ଧ ଧର୍ମର ଯୋଗାଚାର ଶାଖାର କର୍ମକାଣ୍ଡ ବହୁଳ ଦୀକ୍ଷାଦାନରେ ବିଶେଷ ଅଭିଜ୍ଞ ଥିଲେ। ତାଙ୍କର ସଂସ୍କୃତ ଗ୍ରନ୍ଥ 'ସମୟପଞ୍ଚଶିଳା' ତିବ୍ବତୀୟ ଭାଷାରେ ଅନୂଦିତ ଅବସ୍ଥାରେ ସେଠାରେ ସଂରକ୍ଷିତ। ବୌଦ୍ଧ ଓ ବୌଦ୍ଧ ତନ୍ତ୍ର ଗ୍ରନ୍ଥ ସୃଷ୍ଟିରେ ମଧ୍ୟ ତାଙ୍କର ଉଲ୍ଲେଖଯୋଗ୍ୟ ପାଣ୍ଡିତ୍ୟ ରହିଛି।



ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତ ଓ ହିମାଳୟ ଅଞ୍ଚଳରେ ଏତେ ଅଧିକ ପରିଚୟ ପଦ୍ମସମ୍ଭବ ଅର୍ଜନ କରିଥିବା ବେଳେ ଭାରତୀୟ ବୌଦ୍ଧଧର୍ମର ଇତିହାସରେ ସେ ଦେଖିବାକୁ ମିଳନ୍ତି ନାହିଁ। ତିବ୍ବତରେ ସେ କିଛିବର୍ଷ ରହିଥିଲେ ମଧ୍ୟ ସେଠାରେ ତାଙ୍କର ଧାର୍ମିକ ଓ ସାମାଜିକ କାର୍ଯ୍ୟ ତାଙ୍କ ପାଇଁ ଅଜସ୍ର ଖ୍ୟାତି ଆଣିଦେଇଛି। ସେଠାରେ ସେ ରହିବା କାଳରେ ତିବ୍ବତ ସବୁକ୍ଷେତ୍ରରେ ଉନ୍ନତି ସାଧନ କରିପାରିଥିଲା। ଶସ୍ୟଅମଳ ଆଶାନୁରୂପ ହୋଇଥିବା ସହ ଜନସଂଖ୍ୟା ବୃଦ୍ଧି ପାଇଥିଲା ଏବଂ କୌଣସି ପ୍ରକାର ଅଘଟଣ ଘଟି ନଥିଲା। ରାଜନୈତିକ ଓ ଧାର୍ମିକ କାର୍ଯ୍ୟକଳାପ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା। ରାଜା ଖ୍ରୀ-ସ୍ରନ୍‌ଙ୍କର ଜୀବଦଶାରେ 'ବନ୍' ଧର୍ମକୁ ଅବଦମିତ କରାଯାଇ ପାରିଥିଲା। ବୌଦ୍ଧ ଧର୍ମ ଯାହା ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା, ତାହା ସମଗ୍ର ତିବ୍ବତରେ ପ୍ରସାରିତ ହେବା ସହ ଏକ ସମୃଦ୍ଧଶାଳୀ ଧର୍ମରେ ପରିଣତ ହୋଇପାରିଥିଲା।

ସମ୍-ୟେ ମହାବିହାର ନିର୍ମାଣ ଶେଷ ହୋଇଯିବା ପରେ ଉଭୟ ଶାନ୍ତରକ୍ଷିତ ଓ ପଦ୍ମସମ୍ଭବଙ୍କ ପରାମର୍ଶକ୍ରମେ ରାଜା ଭାରତ ଏବଂ ଆଖପାଖ ଅନ୍ୟ ଦେଶରୁ ବୌଦ୍ଧ ଗ୍ରନ୍ଥ ଶିକ୍ଷା ଦେବା ଏବଂ ଅନୁବାଦ କରିବା ନିମିତ୍ତ ବୌଦ୍ଧପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇଲେ। ରାଜାଙ୍କ ପୃଷ୍ଠପୋଷକତାରେ ଶହ ଶହ ବୌଦ୍ଧ ଓ ଅନ୍ୟାନ୍ୟ ଶାସ୍ତ୍ରସବୁ ତିବ୍ବତୀୟ ଭାଷାରେ ଅନୁବାଦ କରାଯାଇଥିଲା। ବୌଦ୍ଧବିହାର ଓ ଶିକ୍ଷାକେନ୍ଦ୍ରମାନ ଗଢ଼ାଗଲା ଏବଂ ସମଗ୍ର ତିବ୍ବତରେ ବୌଦ୍ଧ ଧର୍ମ ବ୍ୟାପକ ଭାବେ ପ୍ରସାର ଲାଭ କରିପାରିଥିଲା।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଝାଡ଼ାବାନ୍ତି ବ୍ୟାପିବା ଘଟଣା: ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ

# ସୁଧୁରୁଛି ଯାଜପୁର ସମେତ ୫ ଜିଲ୍ଲା ସ୍ଥିତି

■ ଜାରି ରହିଛି ଜଳ ବିଶୋଧନ ଓ ସଚେତନତା

■ ନିୟୋଜିତ ହୋଇଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ

ଭୁବନେଶ୍ୱର, ୨୦।୬ (ସମିସ): ଦୀର୍ଘ ୧୪ ଦିନ ପରେ ରାଜ୍ୟରେ ଡାଇରିଆ ସଂକ୍ରମଣରେ ସାମାନ୍ୟ ସୁଧାର ଆସିଛି। ଡାଇରିଆର ଉପ୍ତତ୍ତି ଯାଜପୁର ଜିଲ୍ଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି। କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳରେ ମଧ୍ୟ ନୂଆ ଆକ୍ରାନ୍ତଙ୍କ ପରିମାଣ କମିଛି। ଏହି ୫ଟି ଜିଲ୍ଲାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ହୁ'ହୁ' ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସମେତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ। ଏହା ଦ୍ୱାରା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ.ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଏହି ସୂଚନା ଦେଇଛନ୍ତି।

ସରକାରୀ ସୂଚନାନୁସାରେ, ଯାଜପୁର ଜିଲ୍ଲାରେ, ୧୦ ଜୁନ୍‌ରେ ୧୨୬ଟି ମାମଲା ରେକର୍ଡ ହୋଇଥିଲା। ୧୧ ଜୁନ୍‌ରେ ଏହା ୧୫୦ଟି ନୂଆ ମାମଲା ସହ ଶୀର୍ଷରେ ପହଞ୍ଚିଥିଲା। ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସନଗର ନଗରପାଳିକା ଅଞ୍ଚଳରେ ଜୁନ୍ ୧୨ଠାରୁ ମାମଲା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେହି ଦିନ ମୋଟ ୧୩୫ଟି ନୂଆ ମାମଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୧୫ରେ ୧୨୧କୁ ଓ ୧୮ ରେ ୯୧କୁ ହ୍ରାସ ପାଇଥିଲା। ଗତକାଲି ସନ୍ଧ୍ୟା ସୁଦ୍ଧା ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ୭୧ଟି ନୂଆ ମାମଲା ଚିହ୍ନଟ ହୋଇଥିଲା। ସଂକ୍ରମଣ ଆରମ୍ଭରୁ ଗୁରୁବାର ରାତି ସୁଦ୍ଧା ୧୧୨୭ଜଣ ଆକ୍ରାନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏଥିରୁ ୧୦୪୫ ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବାବେଳେ ମାତ୍ର ୮୨ ଜଣ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିଭଳି କେନ୍ଦୁଝର ଜିଲ୍ଲାରେ ୧୦ ଜୁନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୯ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଯାହା ୧୨ରେ ୪୪କୁ ଓ ୧୮ରେ ୩୮କୁ ହ୍ରାସ ପାଇଥିଲା। ଗତକାଲି ରାତି ସୁଦ୍ଧା, ଜିଲ୍ଲାରେ ମୋଟ ନୂଆ ମାମଲା ୧୭କୁ ସୀମିତ ଥିଲା। ଗତକାଲି ରାତି ସୁଦ୍ଧା ମୋଟ ୪୯୭ ଜଣ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ୪୫୪ଜଣ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ ଏବଂ ୩୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ବର୍ତ୍ତମାନ ରାଜ୍ୟବ୍ୟାପୀ ଡାଇରିଆ ବିରୋଧୀ ଅଭିଯାନ ଚାଲିଛି। ବିଶେଷକରି ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଜିଲ୍ଲାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ଜିଲ୍ଲାଗୁଡ଼ିକରେ ସଂକ୍ରମଣ ଶୀର୍ଷରେ ଥିଲା। ଏବେ ତାହା ହ୍ରାସ ପାଇବା ଆରମ୍ଭ ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ଅତିରିକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଥିଲେ। ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶା କର୍ମୀ ଓ ଅଙ୍ଗନବାଡ଼ି କେନ୍ଦ୍ର ଆଦି ସ୍ତରରେ ପର୍ଯ୍ୟାପ୍ତ ଔଷଧ, ଫ୍ଲୁଇଡ୍ ଓ ଇଞ୍ଜେକ୍ସନ ଆଦି ମହଜୁଦ୍ ରଖାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଦଳମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ନିରୀକ୍ଷଣ ଓ ମାର୍ଗଦର୍ଶନ କରୁଛନ୍ତି। ଏହି ଜିଲ୍ଲାଗୁଡ଼ିକରେ ଘରେଘରେ ସଚେତନତା ଅଭିଯାନ ବ୍ୟାପକ କରାଯାଇଛି।

## ଏନଆରଆରଆଇ ଦ୍ୱାରା ବିକଶିତ ୭ଟି ଧାନ କିସମକୁ ଅନୁମୋଦନ

କଟକ,୨୦।୬(ସମିସ): ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନଆରଆରଆଇ) କଟକ ଦ୍ୱାରା ବିକଶିତ ସାତଟି ଉଚ୍ଚ-ଅମଳକ୍ଷମ ଧାନ କିସମକୁ ରାଜ୍ୟ ବିହନ ଉପ-କମିଟି ଓଡ଼ିଶାର ବିବିଧ କୃଷି-ପରିବେଶିକ ଅଞ୍ଚଳରେ ଚାଷ ପାଇଁ ଅନୁମୋଦନ କରିଛି। ଏହି ସମସ୍ତ କିସମଗୁଡ଼ିକ ପ୍ରମୁଖ କୀଟପତଙ୍ଗ ଏବଂ ରୋଗ ପ୍ରତି ସହନଶୀଳ, ଯାହା ଓଡ଼ିଶାର ଧାନ ଚାଷୀମାନଙ୍କୁ ଉନ୍ନତ ସ୍ଥିତିସ୍ଥାପକତା ଏବଂ ଉତ୍ପାଦକତା ପ୍ରଦାନ କରିବ। ନିରନ୍ତର କୃଷି ଏବଂ ଚାଷୀ ସମୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି। ଏହି କିସମ ଗୁଡିକ ହେଲା ସି ଆର ଧାନ ୨୧୫ (ଇନ୍ଦୁମତି)- ଯାହା ଲୁଣିଆ ଏବଂ ଆନାରୋବିକ୍ ଅଙ୍କୁରଜନ ସହନଶୀଳତା ସହିତ ଏକ ଉଚ୍ଚ ଅମଳକାରୀ ଧାନ କିସମ। ଉପକୂଳ ଲବଣାକ୍ତ ଏବଂ ଜଳସେଚିତ ଜମିରେ ଚାଷ ପାଇଁ ଏହହାକୁ ବିକଶିତ କରାଯାଇଛି। ସି ଆର ଧାନ ୩୨୫(ସଲିଳ) ହେଉଛି ଏକ ମଧ୍ୟମ ଅବଧି (୧୧୫-୧୨୦ ଦିନ) ଉଚ୍ଚ ଅମଳକାରୀ ବିହନ ଯାହା ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି। ସେହିଭଳି ସି ଆର ଧାନ ୩୩୪ (ସତ୍ୟଦେବ) ଏକ ମଧ୍ୟମ ଅବଧି (୧୩୦-୧୩୫ ଦିନ) ଉଚ୍ଚ ଅମଳକାରୀ ଲମ୍ବା ପତଳା ପ୍ରିମିୟମ୍ ଗୁଣବତ୍ତାପୂର୍ଣ୍ଣ ଶସ୍ୟ। ସି ଆର ଧାନ ୩୩୫ (ଆଲୋକ) - ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ପରିବେଶ ପାଇଁ ବିକଶିତ କରାଯାଇଥିବା ବେଳେ ସି ଆର ଧାନ ୬୦୪ (କଳ୍ପନା) – ଯାହା ଅଙ୍କୁରିତ ହେବା ସମୟରେ କମ୍ ତାପମାତ୍ରା ଏବଂ ପ୍ରଜନନ ପର୍ଯ୍ୟାୟରେ ଉତ୍ତାପ ସହ୍ୟ କରିପାରୁଥିବା ଧାନ ଶୁଷ୍କ ଋତୁ (ଡାଲୁଅ) ଚାଷ ପାଇଁ ବିକଶିତ କରାଯାଇଛି। ସି ଆର ଧାନ ୭୦୫ (ଗଙ୍ଗା) - ଏହା ଏକ ଲମ୍ବା ପତଳା ଦାନା ସହିତ ମଧ୍ୟମ ଅବଧିର ଏକ ସଙ୍କର ଧାନ କିସମ, ଓଡ଼ିଶାର ଜଳସେଚିତ, ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ଏବଂ ସିଧା ଛଟା ବୁଣା ପରିବେଶ ପାଇଁ ବିକଶିତ କରାଯାଇଛି।

## ୨.୯୨ ଟଙ୍କା ବଢ଼ିଲା ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୨୦।୬ (ସମିସ): ମଧ୍ୟାହ୍ନ ଭୋଜନ ଦର ବଢ଼ାଇଛନ୍ତି ସରକାର। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୨ଟଙ୍କା ୯୨ ପଇସା ଲେଖାଏଁ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ ଟଙ୍କା ଓ ୧୦.୧୭ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ଯଥାକ୍ରମେ ୧.୪୫ ଟଙ୍କା ଓ ୧.୬୫ ଟଙ୍କା ପ୍ରଦାନ କରୁଥିଲେ। ସମ୍ପ୍ରତି ଏହା ବୃଦ୍ଧି ପାଇ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୧.୧୫ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୪.୭୪ ଟଙ୍କା ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ' ମାସ ପହିଲାରୁ ଲାଗୁ ହେବ।

ସୂଚନାଯୋଗ୍ୟ, ଉଭୟ କେନ୍ଦ୍ର-ରାଜ୍ୟ ଭାଗୀଦାରିରେ ଏହି ପିଏମ୍-ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ

ମାଲକାନଗିରି, ୨୦।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ ହୋଇଛନ୍ତି।

କାଙ୍କେର ଜିଲ୍ଲାର ଅମାଟୋଲା ଓ କଲପାର ମଧ୍ୟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଛୋଟେବେଟିୟା ଥାନାରୁ ଡିଆରଜି ଓ ବିଏସ୍‌ଏଫ ଜବାନଙ୍କ ମିଳିତ ଦଳ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇଥିଲେ ସୁରକ୍ଷା କର୍ମୀ। ଉଭୟ ପକ୍ଷରୁ ଗୁଳି ବିନିମୟରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ପରେ ତଲାସି ଅଭିଯାନ ସମୟରେ ଜଣେ ୟୁନିଫର୍ମ ପିନ୍ଧା ମହିଳା ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏହି ଏନ୍‌କାଉଣ୍ଟର୍‌ରେ ଅନେକ ମାଓବାଦୀ ମୃତାହାତ ହୋଇଥିବା ଅନୁମାନ କରାଯାଉଛି। ତେବେ ଯବାନମାନେ ଫେରିବା ପରେ ସଂପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

■ ସରକାରୀ ନିଯୁକ୍ତିରୁ ସ୍ଥାୟୀ ନିଷିଦ୍ଧ ଆଦେଶ ରଦ୍ଦ

## ସରକାର ଇଷ୍ଟଇଣ୍ଡିଆ କମ୍ପାନୀ ପରି କାର୍ଯ୍ୟ କରିପାରିବେ ନାହିଁ: ହାଇକୋର୍ଟ

କଟକ, ୨୦।୬(ସମିସ): ସରକାର ହେଉଛନ୍ତି ଆଦର୍ଶ ନିଯୁକ୍ତିଦାତା। ସେ ଇଷ୍ଟଇଣ୍ଡିଆ କମ୍ପାନୀ ପରି କାର୍ଯ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏହା କହିଛନ୍ତି। ସରକାରୀ ଚାକିରି ଦାବି ଓ ଆବେଦନ କ୍ଷେତ୍ରରେ ଆବେଦନକାରୀଙ୍କ ବିରୋଧରେ ଜାରି 'ଅଯୌକ୍ତିକ' ପ୍ରତିବନ୍ଧକ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଏପରି ରାୟ ପ୍ରକାଶ କରିଛନ୍ତି। ଜନୈକ ଅଦାଲତ କର୍ମଚାରୀ ଦିବାକର ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ଆବେଦନକାରୀ ତାଙ୍କର ନିଯୁକ୍ତିଦାତାଙ୍କ ମାଧ୍ୟମରେ ଆବେଦନ ଦାଖଲ କରିବା ପାଇଁ ପ୍ରଚଳିତ ନିୟମ ପାଳନ କରି ନଥିଲେ କି ନିଯୁକ୍ତିଦାତାଙ୍କଠାରୁ ଏନ୍‌ଓସି ନ ଆଣି ଓଜେଏସ୍ ପରୀକ୍ଷାରେ ମନୋନୀତ ହୋଇଥିଲେ; ତେଣୁ ତାଙ୍କୁ 'ସିଭିଲ୍ ଜଜ୍' ପଦବୀ ପାଇଁ ଚୟନ କରାଯିବା ସତ୍ତ୍ୱେ ନିଯୁକ୍ତି ନିର୍ଦ୍ଦେଶ ଦେବା ଅନୁଚିତ ବୋଲି ଅଦାଲତ ବିବେଚନା କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଅନୁସୂଚୀତ ଜାତି ବର୍ଗର ଜଣେ ଅଦାଲତ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ୨୦୧୬-୧୭ରେ ଜାରି ବିଜ୍ଞପ୍ତି ଅନୁସାରେ ଆବେଦନ କରି ଓଜେଏସ୍ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଗତ ୨୦୧୭ ମାର୍ଚ୍ଚ ୨ର ଓପିଏସ୍‌ସି ବିଜ୍ଞପ୍ତି ଅନୁସାରେ ସେ ସିଭିଲ ଜଜ୍ ପଦ ପାଇଁ ମନୋନୀତ ହୋଇ କ୍ରମିକ ନମ୍ବର ୭୦ରେ ଥିଲେ। ହେଲେ ଓଡ଼ିଶା ବିଚାର ବିଭାଗ ସେବା ନିୟମାବଳୀ ଅନୁସାରେ ସେ ବିଭାଗୀୟ ମୁଖ୍ୟ ବା ନିଯୁକ୍ତିଦାତାଙ୍କ ଜରିଆରେ ଆବେଦନ କରିନଥିଲେ। ଏପରିକି, ଦାଖଲ କରିଥିବା ଅନଲାଇନ ଆବେଦନପତ୍ରରେ ସେ ବିଭାଗୀୟ ପ୍ରାର୍ଥୀ ନୁହନ୍ତି ବୋଲି ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ। ଏହି କାରଣରୁ ଆବେଦନକାରୀଙ୍କୁ ସରକାରୀ ନିଯୁକ୍ତିରୁ ସ୍ଥାୟୀ ଭାବେ ନିଷିଦ୍ଧ କରାଯିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। 'ସ୍ଥାୟୀ ନିଷେଧ ଆଦେଶ' କାହିଁକି ଜାରି କରାଯାଇଥିଲା ତାହାର କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇନଥିବାରୁ ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସରକାରଙ୍କୁ ଏକ ମଡେଲ ନିଯୁକ୍ତିଦାତା ଭାବରେ ଆଚରଣ କରିବାକୁ ପଡ଼ିବ ବୋଲି କହିଛନ୍ତି।

ଖାଦ୍ୟ ସୁରକ୍ଷା ମାମଲା ଦୀର୍ଘ ବର୍ଷ ଧରି ବିଚାରାଧିନ ପ୍ରସଂଗ

## ୨୫ହଜାର ଡଣ୍ଡ ଗଣିବେ କଟକ ଅତିରିକ୍ତ ଜିଲ୍ଲାପାଳ

କଟକ, ୨୦।୬(ସମିସ): ଦୀର୍ଘ ୯ବର୍ଷ ଧରି ଖାଦ୍ୟ ସୁରକ୍ଷା ଓ ମାନ ନିୟମାବଳୀ ଉଲ୍ଲଂଘନ ପାଇଁ ରୁଜୁ ମାମଲା ବିଚାରାଧୀନ ରହିବା ତଥା ଏହାର ତ୍ୱରିତ ଫଏସଲା କରାଯାଇନପାରିବା ବିରୋଧରେ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ବୈଧାନିକ ଦାୟିତ୍ୱ ନିର୍ବାହରେ ୩ ନମ୍ବର ପ୍ରତିପକ୍ଷ କଟକ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶିଥିଳତାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ସମ୍ପୃକ୍ତ ଅଧିକାରୀ ୨୫ ହଜାର ଟଙ୍କା ଡଣ୍ଡ ଆକାରରେ ଆବେଦନକାରୀଙ୍କୁ ଆସନ୍ତା ଚାରି ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବେଙ୍ଗାଲୁରୁସ୍ଥିତ ଇଣ୍ଡୋ ନିସିନ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଗତ ୨୦୨୬ରୁ ବିଚାରାଧୀନ ମାମଲାକୁ ଏକ ମାସ ମଧ୍ୟରେ ଫଏସଲା କରିବାକୁ କହିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସଂସ୍ଥାର ଏକ ମସଲା ଓ ନୁଡଲସ୍ ଉତ୍ପାଦରେ ମନୋସୋଡିୟମ୍ ଗ୍ଲୁକୋମେଟ ଉପାଦାନ ନଥିବା ଉଲ୍ଲେଖ ଥିଲା ବେଳେ ପରୀକ୍ଷା ପରେ ଏହି ଉପାଦାନ ରହିଥିବା ଜଣାପଡ଼ିଥିଲା। ଖାଦ୍ୟ ସୁରକ୍ଷା ଓ ମାନ ନିୟମାବଳୀ ଅନୁସାରେ ଏକ ମାମଲା ପ୍ରାଧିକୃତ କର୍ତ୍ତୃପକ୍ଷ ତଥା କଟକ ଏଡିଏମଙ୍କ ନିକଟରେ ରୁଜୁ ହୋଇଥିଲା।

## ଜୁଲାଇ ୮ରେ ଓଜେଇଇ ପ୍ରଥମ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ

ଭୁବନେଶ୍ୱର, ୨୦।୬ (ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପକ୍ଷରୁ ବିଟେକ୍, ବାରକ୍, ବିଫାର୍ମ, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ଇ-କାଉନ୍‌ସେଲିଂ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶୁକ୍ରବାରଠାରୁ ପ୍ରଥମ ରାଉଣ୍ଡ ଇ-କାଉନ୍‌ସେଲିଂ ଆରମ୍ଭ ହୋଇଛି। ଜୁଲାଇ ୮ ତାରିଖ ଅପରାହ୍ଣ ୫ଟାରେ ପ୍ରଥମ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ ପ୍ରକାଶ ପାଇବ। ସେହିପରି ଜୁଲାଇ ୧୯ରେ ଦ୍ୱିତୀୟ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ରେ ତୃତୀୟ ତଥା ଫାଇନାଲ୍ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ ପ୍ରକାଶ ପାଇବ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide C.F. No.68, dated-19/06/2025, I, Rajas Sunil Kolhatkar, Son of Sunil Kolhatkar, permanent resident of C1-503, Kumar Shantiniketan, Baner Pashan Link Road, Pashan, Pune-411021, Maharashtra, have changed my name from Rajas Kolhatkar to Rajas Sunil Kolhatkar. Henceforth, I shall be known as **RAJAS SUNIL KOLHATKAR** for all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**NOTICE (for Minor)**

By virtue of an affidavit sworn before Executive Magistrate, BALASORE, dated 20/06/2025 I, UPENDRA KUMAR SINGH, Address HOUSE NO. 143, KUNWAR SINGH COLONY, PO/PS – CHAS, DISTRICT – BOKARO STEEL CITY, JHARKHAND - 827013 declare that I have changed the name of my son from AYANSH KUMAR to AYANSH SINGH. Henceforth, he shall be known as **AYANSH SINGH** for all purpose.
UPENDRA KUMAR SINGH

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar on 04/06/2025, I **Sanjaya Kumar Swain,** resident of 261/8, Near MKG College, PO- Mathakaragola, Dist- Dhenkanal, Odisha hereby affirm that in the School Records of my daughter **Sameeksha Swain** my name is wrongly recorded as **Sanjay Kumar Swain.** However, **Sanjaya Kumar Swain** and **Sanjay Kumar Swain** are same and one.

**AFFIDAVIT**

By virtue of an affidavit sworn before Executive Magistrate Danagadi, Dated: 28/3/25, I Raimuni Gagarai, Vill-Gadpur, P.O.-Khurunti, P.S.-Kalinganagar, Dist.-Jajpur, declare that I have changed my daughter's name from Mini Gagrai, D/-o Kanhu Badara, D.O.B.- 01.01.2010 Nandita Hembram, D/o- Kanhu Charan Hembram, D.O.B.- 28.10.2011 shall be known as Nandita Hembram, D/o- Kanhu Charan Hembram, D.O.B. 28/10/2011 for all purposes.

**AFFIDAVIT**

By the virtue of an affidavit sworn before Executive Magistrate, Daspalla dated 09.06.2025 I, **SWAYAAM CHOUDHURY**, S/o Sasanka Sekhar Debaraj Choudhury Address At/Po- Satapatna, PS- Daspalla, Dist - Nayagarh, PIN - 752091 declare that in my adhar card it is typographicaly erred as SWAYAM in stead of SWAYAAM although both are one and same a person. Henceforth I shall be known as **SWAYAAM CHOUDHURY**, S/O Sasanka Sekhar Debraj Choudhry in all purpose including clarification and correction measure in adhar card. that I have changed my name from **Swayam Choudhury S/o Sasanka Choudhury** to **Swayaam Choudhury S/o Sasanka Sekhar Debaraj Choudhury**. Henceforth I shall be known as **Swayaam Choudhury S/o Sasanka Sekhar Debaraj Choudhury** for all purposes.

**AFFIDAVIT**

I **Nabeen Chandra Sahu,** aged about 59 years, S/o- Udayanath Sahu, resident of At- Monasa Building, Main Road, Near Uttareswar Temple, Brahmapur Sadar, Po- Gosaninuagam, Berhampur Sadar, Dist- Ganjam, PIN- 760003, Odisha declare by this Affidavit No. 510, dtd. 17/06/2025 I have changed my minor son's name from **Ashish Kumar Sahu To Asish Kumar Sahu** for all future purposes.

**AFFIDAVIT**

I, Rajendra Kumar Swain, aged about 36 years, S/o- Surendra Swain, resident of At- Mousudha, PO- Mousudha Bazar, Via- Motto, Ps- Bansada, Dist- Bhadrak, PIN- 756132, Odisha declared by this affidavit No. 509, dtd- 17/06/2025 that now onwards I shall be known as **RAJENDRA SWAIN** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

କାମ କରିଛୁ। "ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଆମେ ଆଗକୁ ବଢ଼ୁଛୁ। ଚାରି ବର୍ଗ – ଗରିବ, ଅନ୍ନଦାତା, ମହିଳା ଓ ଯୁବକଙ୍କୁ ନଜରରେ ରଖି ଆମର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଆମେ ଆଜି ଠାରୁ ଯୋଜନା ଆରମ୍ଭ କରି ପ୍ରସ୍ତୁତ କରିବା ସହ ଭିଜନ ଡକୁମେଣ୍ଟ- ୨୦୩୬ ଓ ୨୦୪୭ ଆଜି ଉନ୍ମୋଚିତ ହୋଇଛି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ପାଇଁ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ। ପ୍ରଧାନମନ୍ତ୍ରୀ ପ୍ରସ୍ତୁତ କରିଥିବା ରୋଡମ୍ୟାପକୁ ଆଧାର କରି ଆମ ରାଜ୍ୟ ସମୃଦ୍ଧ ଓଡିଶା ଏବଂ ଦେଶ ବିକଶିତ ଭାରତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଜେପି ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ ଏକ ରୋଡ ଶୋରେ ପ୍ରଧାନମନ୍ତ୍ରୀ ଜନତା ମଇଦାନ ଆସିଥିଲେ।

### ଘମାଘୋଟ ଲଢ଼େଇ...

ଦେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଚେତାବନୀ ଦେଇଛନ୍ତି। ସାମରିକ ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ନେତାନ୍ୟାହୁ କହିଛନ୍ତି। ୨୦୦୮ ପରେ କ୍ଲଷ୍ଟର ବୋମାକୁ ନିଷିଦ୍ଧ କରିବା ପାଇଁ ଜାତିସଂଘରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହା ସତ୍ତ୍ୱେ ଇରାନ କ୍ଲଷ୍ଟର ବୋମା ବ୍ୟବହାର କରି ଇରାନ ଯୁଦ୍ଧ ଅପରାଧ କରିଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ସେହିପରି ଇସ୍ରାଏଲ ମଧ୍ୟ ଆଜି ଇରାନର ୩ ପରମାଣୁ କେନ୍ଦ୍ର ଏବଂ ଅନ୍ୟ ସାମରିକ ଠିକଣାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ସୋରକୋ ହସ୍ପିଟାଲ ଆଦିକୁ ନିଶାଣ କରି ଶହେରୁ ଅଧିକ ଆତ୍ମଘାତୀ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ ପକ୍ଷରୁ କୁହାଯାଇଛି। ଆଣବିକ କେନ୍ଦ୍ରରେ ଆକ୍ରମଣକୁ ଇରାନ ବିଦେଶ ମନ୍ତ୍ରୀ ଗମ୍ଭୀର ଯୁଦ୍ଧ ଅପରାଧ କହିଛନ୍ତି।

ଏହା ପୂର୍ବରୁ ସକାଳେ ବିର୍ସେବାରେ ଥିବା ମାଇକ୍ରୋସଫ୍ଟ ଅଫିସ ନିକଟରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ଦ୍ୱାରା ଅନେକ କାର୍‌ରେ ନିଆଁ ଲାଗି ଯାଇଥିଲା। ଏହା ମଧ୍ୟରେ ଇରାନ ଭାରତ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି। ଅପରେସନ ସିନ୍ଧୁ ଅଧୀନରେ ଭାରତ ସରକାର ଆଗାମୀ ଦୁଇ ଦିନ ମଧ୍ୟରେ ୩ଟି ସ୍ୱତନ୍ତ୍ର ଚାଟାର୍ଡ ବିମାନରେ ପ୍ରାୟ ହଜାରେ ଭାରତୀୟଙ୍କୁ ଉଦ୍ଧାର କରିବେ। ଏହି ବିମାନ ଇରାନର ମସହଦରୁ ଉଡାଣ ଆରମ୍ଭ କରି ଦିଲ୍ଲୀରେ ଅବତରଣ କରିବ।

ଅନ୍ୟପକ୍ଷରେ ଆମରିକା ପକ୍ଷରୁ କୁହାଯାଇଛି ଯେ ପରମାଣୁ ଅସ୍ତ୍ର ପ୍ରସ୍ତୁତି ଲାଗି ଇରାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଇରାନର ସର୍ବୋଚ୍ଚ ନେତା ନିର୍ଦ୍ଦେଶ ଦେଲେ କିଛି ସପ୍ତାହ ମଧ୍ୟରେ ପରମାଣୁ ବୋମା ପ୍ରସ୍ତୁତ କରିହେବ। ଯଦି ଇରାନ ଏହାର କରିଦିଏ ତେବେ କେବଳ ଇସ୍ରାଏଲ ନୁହେଁ, ବରଂ ଆମେରିକା ସହିତ ସାରା ବିଶ୍ୱର ସୁରକ୍ଷା ବିପଦରେ ପଡ଼ିଯିବ ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନା ଲେଭିଟ କହିଛନ୍ତି। ସୂଚନା ଅନୁଯାୟୀ ଏହି ଯୁଦ୍ଧରେ ଇରାନରେ ୬୫୭ ଜଣ ଏବଂ ଇସ୍ରାଏଲର ୨୪ ଜଣ ପ୍ରାଣ ହରାଇଲେଣି।

### 'ଆୟୁଷ୍ମାନ'ରେ ମିଳୁନି...

ହୋଇଥିବାରୁ ମାସିକ ଏତେ ଟଙ୍କା ଖର୍ଚ୍ଚ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ଔଷଧ ନ ଖାଇଲେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବା ସହ ଜୀବନ ପ୍ରତି ମଧ୍ୟ ବିପଦ ରହିଛି।

ସେ ଆହୁରି କହିଛନ୍ତି ଯେ, ଗତ ମେ' ୨୫ରେ ବିଶାଖାପାଟଣା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ଆୟୁଷ୍ମାନ କାର୍ଡରେ କରାଯାଇଥିଲା। କିନ୍ତୁ ଏହି କାର୍ଡ ମାଧ୍ୟମରେ ଔଷଧ ପ୍ରଦାନ ନେଇ କୌଣସି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଥିଲା। ଚିକିତ୍ସାଳୟ କାଉଣ୍ଟର୍ କର୍ମଚାରୀଙ୍କଠାରୁ ଉତ୍ତର ପାଇବା ପରେ ତାଙ୍କ ପରିବାରଲୋକଙ୍କ ମୁଣ୍ଡରେ ଚଡ଼କ ପଡିଥିଲା। ଗତ ୫ବର୍ଷ ହେଲା ବିଏସ୍‌କେୱାଇ କାର୍ଡରେ ବିନା ଟଙ୍କା ଖର୍ଚ୍ଚ କରି ଚିକିତ୍ସା ଏବଂ ମାଗଣା ଔଷଧ ପାଉଥିବା ବେଳେ ବର୍ତ୍ତମାନ ଆୟୁଷ୍ମାନ ଯୋଜନା ତାଙ୍କ ପାଇଁ କାଳ ସାଜିଥିବା ରୋଗୀ ରମେଶଙ୍କ ପତ୍ନୀ ବି. ଶ୍ରୀଦେବୀ ପ୍ରକାଶ କରିଛନ୍ତି। ତେଣୁ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ନିକଟରେ ସେ ଗୁହାରି କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ପୌରସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇ କୌଣସି ବ୍ୟବସ୍ଥା କରିବାକୁ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଆଶ୍ୱସନା ଦେଇଥିବା ସେମାନେ କହିଛନ୍ତି।

### ଚିକିତ୍ସା ପାଇଁ...

ଏହି ସମୟରେ ଅନେକ ମହିଳାଙ୍କ ଆଖିରେ ଲୁହ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବିମାନ ବନ୍ଦର ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଆମ ଦଳର ନେତା ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି। ଲୋକଙ୍କ ମନରେ ନବୀନଙ୍କ ପ୍ରତି ଥିବା ସମ୍ମାନ ଆଜି ନବୀନ ନିବାସରୁ ବିମାନବନ୍ଦରରେ ପ୍ରତିଫଳିତ ହୋଇଛି। ସେମାନଙ୍କ ମଧ୍ୟରେ ମହିଳା, ଶିଶୁ ଓ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଅଛନ୍ତି। ଦଳମତ ନିର୍ବିଶେଷରେ ଲୋକମାନେ ନବୀନଙ୍କୁ ଭଲ ପାଆନ୍ତି। ନବୀନ ସୁସ୍ଥ ହୋଇ ଶୀଘ୍ର ଫେରିଆସନ୍ତୁ ବୋଲି ସମସ୍ତେ କାମନା କରୁଛନ୍ତି।

ନବୀନ ସର୍ଭିକାଲ ଆର୍ଥ୍ରାଇଟିସରେ ପୀଡିତ ହୋଇଥିବା ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଏହା ସହ ମୁମ୍ବାଇରେ ବରିଷ୍ଠ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶ୍ରୀ ପଟ୍ଟନାୟକଙ୍କ ଚିକିତ୍ସା ହେବ ବୋଲି ନବୀନ ରାଜ୍ୟବାସୀଙ୍କୁ ଅବଗତ କରାଇଥିଲେ। ନବୀନଙ୍କ ଏହି ସୂଚନା ପରେ ବହୁ ବିଶିଷ୍ଟ ବ୍ୟକ୍ତି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଦଳମତ ନିର୍ବିଶେଷରେ ବହୁ ନେତା ମଧ୍ୟ ନବୀନଙ୍କ ଉତ୍ତମ ଚିକିତ୍ସା କାମନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

### ଟୋକନ ମିଳୁଛି...

ମଣ୍ଡିରୁ ଧାନ ଉଠାଉଛନ୍ତି। ପ୍ରତି କ୍ୱିଣ୍ଟାଲରେ ୧୦ ରୁ ୧୨ କେଜି ଧାନ କଟ୍‌ନୀଛଟ୍‌ନୀ କରୁଛନ୍ତି। ଧାନ ସରକାର କିଣୁଛନ୍ତି ନା ମିଲର୍ସ କିଣୁଛନ୍ତି ବୋଲି ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଅଧିକ କରିଥିଲେ। ସମବାୟରେ ମଣ୍ଡି ପଞ୍ଜିକରଣବେଳେ ଏହି ତଥ୍ୟ ମଧ୍ୟ ଦେଇଥିଲେ। ମାତ୍ର ସରକାରଙ୍କୁ କିନ୍ତୁ ଟୋକନ୍ ଯୋଗାଇବାବେଳେ କମ୍ ପରିମାଣରେ ଧାନ କିଣିବା ପାଇଁ ସେଥିରେ ଉଲ୍ଲେଖ ରହିଛି। ଏହି ଚାଷୀମାନେ ବିଶେଷକରି ଛତିଶଗଡ଼ ଓ ବାହାର ରାଜ୍ୟରୁ ଆସୁଥିବା ବେପାରୀମାନଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଏଥିରେ ମୂଳ ଟଙ୍କା ବି ଉଠୁନି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ବରଗଡ, ବଲାଙ୍ଗୀର, ସୋନପୁର ଆଦି ବହୁ ଜିଲ୍ଲାରେ ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖରିଫ୍‌ଠାରୁ ରବି ପର୍ଯ୍ୟନ୍ତ ଚାଷୀମାନଙ୍କ ଧାନ ବିକ୍ରି ମୁଖ୍ୟ ସମସ୍ୟା ହୋଇ ରାଜ୍ୟରେ ଠିଆ ହୋଇଛି। ଆରମ୍ଭରୁ ଚାଷୀ ନାହିଁ ନଥିବା ଅସୁବିଧା ଭୋଗୁଥିବାବେଳେ ସରକାରଙ୍କ କୃଷି ସମାବେଶ କାହା ପାଇଁ ବୋଲି ଚାଷୀ ନେତା ରାମଚନ୍ଦ୍ର ସାହୁ ପ୍ରଶ୍ନ କରିଛନ୍ତି।

Office of the Principal
**Women's Degree College, Padampur**
Dist.: Bargarh, Pin: 768036
**Tender Call Notice**
Invited sealed quotation from reputed Farms/ Agency/ Vendors to supply IT equipments at the college office by post / by hand on or before **Dt. 25.06.2025.**
For more details visit **https://www.wdcpadampur.com**
Sd/- Principal

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
ସଂ. MCS/Stores/E-Procure/Tender Notice/Air Spring/199, ତା.16.06.2025ରିଖ
ଟେଣ୍ଡର ସଂ. 92255422
ବିବରଣୀ : ଏୟାର ସ୍ପ୍ରିଙ୍ଗ ଆସେମ୍ବ୍ଲି (160 KN) ଇତ୍ୟାଦିର ଯୋଗାଣ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.07.2025ରିଖ, 1500 ଘଟିକାରେ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର
PR-260/Q/25-26

## ପି.ଏ ରାସନ୍ କାର୍ଡ୍ ହାତେଇବା ଘଟଣା

# ୭ ଦିନ ଭିତରେ ରିପୋର୍ଟ ମାଗିଲେ ଜିଲ୍ଲାପାଳ

ନୟାଗଡ,୨୦।୬(ସମିସ):

ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଅସମାଜିକ କାର୍ଯ୍ୟକୁ ନେଇ ଆଜି 'ସକାଳ'ରେ ଖବର ପ୍ରକାଶ ପାଇଛି। ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନେ ରାସନ କାର୍ଡ ହାତେଇଥିବା ନେଇ ତଥ୍ୟଭିତ୍ତିକ ଖବର ପ୍ରକାଶିତ ହୋଇଛି। ଏହାକୁ ନେଇ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶୁକ୍ରବାର ଜିଲ୍ଲାର ସମସ୍ତ ବିଡିଓ, ଏନଏସି ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତଦନ୍ତ କରିବା ସହ ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି। ଏହାସହ ସାମାଜିକ ସୁରକ୍ଷା ବିଭାଗ ମଧ୍ୟ ଏହା ଉପରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି।

ପ୍ରୋଗ୍ରାମ ଆସିଷ୍ଟାଣ୍ଟ (ପି.ଏ)ଙ୍କୁ ମାସିକ ୨୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପ୍ରଦାନ କରାଯାଉଛି। ଏମାନେ କିନ୍ତୁ ପରିବାର ନାଁରେ ରାସନ କାର୍ଡ ହାତେଇଛନ୍ତି। ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ ପୋଗ୍ରାମ ଆସିଷ୍ଟାଣ୍ଟ ମାନସ ପ୍ରଧାନ ଏବଂ ତାଙ୍କ ପରିବାର ନାଁରେ ୨୪୦୬୧୩୧୦୫୭୫ ନଂ ବିଶିଷ୍ଟ ରାସନ କାର୍ଡ ରହିଛି। ଦଶପଲ୍ଲା ଏନଏସିରେ କାର୍ଯ୍ୟରତ ରଜନୀକାନ୍ତ ନାୟକଙ୍କ ପରିବାର ନାଁରେ ୨୪୦୫୧୯୧୦୭୩୮ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ନୟାଗଡ ବ୍ଲକରେ କାର୍ଯ୍ୟରତ ସରୋଜ ବେହେରା ଏବଂ ତାଙ୍କ ପରିବାର ନାଁରେ ୨୪୦୫୧୯୧୦୩୪୯ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ପୋଗ୍ରାମ ଆସିଷ୍ଟାଣ୍ଟ ମୀତାଲି ମିଶ୍ର ଏବଂ ତାଙ୍କ ପରିବାର ନାଁରେ ୨୪୦୯୦୨୧୨୩୦୬ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ରଣପୁର ବ୍ଲକରେ କାର୍ଯ୍ୟରତ ପୋଗ୍ରାମ ଆସିଷ୍ଟାଣ୍ଟ ସୁଧୀର ମିଶ୍ର ଏବଂ ତାଙ୍କ ପରିବାର ନାଁରେ ୨୪୦୮୧୧୧୩୦୬୬ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ଖଣ୍ଡପଡା ଏନଏସିରେ କାର୍ଯ୍ୟ କରୁଥିବା ପୋଗ୍ରାମ ଆସିଷ୍ଟାଣ୍ଟ ମୋନାଲିସା ଦାଶ ଏବଂ ତାଙ୍କ ପରିବାର ନାଁରେ ୨୪୦୯୦୧୧୦୪୮୧ ନମ୍ବର ବିଶିଷ୍ଟ ରାସନକାର୍ଡ ରହିଛି। ଭାପୁର ବ୍ଲକରେ କାର୍ଯ୍ୟ କରୁଥିବା ଶ୍ରୀନାଥ ପଣ୍ଡା ଏବଂ ତାଙ୍କ ପୁଅ ସାଇନ ପଣ୍ଡାଙ୍କ ନାଁରେ ୨୪୦୧୧୭୧୦୪୩୫ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଥିବା ସୂଚନା ମିଳିଛି।

### କାର୍ଡ ହାତେଇଛନ୍ତି ଓଡ଼ଗାଁ ପି.ଏ

ନୟାଗଡ଼ଜିଲ୍ଲାଓଡଗାଁବ୍ଲକପ୍ରୋଗ୍ରାମଆସିଷ୍ଟାଣ୍ଟବିଜୟାନନ୍ଦ ବେହେରାଙ୍କ ନାଁ ରାସନ କାର୍ଡରେ ରହିଛି। ରାସନକାର୍ଡ ନଂ ୨୪୦୭୨୫୧୧୬୯୫ରେ ତାଙ୍କ ବାପା ବାନାମ୍ବର ବେହେରା ଏବଂ ତାଙ୍କ ନାଁ ରହିଥିବା ଜଣାପଡିଛି। ଏହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇଛି। ଜିଲ୍ଲାରେ ଅନେକ ଅଯୋଗ୍ୟ ହିତାଧିକାରୀ ରାସନ କାର୍ଡ ହାତେଇ ସରକାରୀ ସୁବିଧା ପାଉଥିବା ସୂଚନା ମିଳିଛି।

# ରାଜ୍ୟ ସଡ଼କରେ ଗୋରୁପଲ; ଗମନାଗମନ ବାଧାପ୍ରାପ୍ତ



ଓଡ଼ଗାଁ,୨୦।୬(ସମିସ):

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ଦେଇ ଯାଇଥିବା ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ପ୍ରତି ସନ୍ଧ୍ୟାରୁ ଗୋରୁ ପଲଙ୍କ ଦ୍ୱାରା ଅବରୋଧ ହୋଇ ରହୁଛି। ବୁଲା ଗୋରୁଗାଈଙ୍କ ଯୋଗୁଁ ସାଧାରଣ ଗମନାଗମନ ବାଧାପ୍ରାପ୍ତ ହେଉଥିବା ବେଳେ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଦୁର୍ଘଟଣା ଘଟିବା ସମୟରେ କେତେକ ଗୋରୁଗାଈ ଗୁରୁତର ଆହତ ହେଉଥିବା ବେଳେ କେତେକଙ୍କ ମୃତ୍ୟୁ ଘଟିଥାଏ; ହେଲେ ଦୁର୍ଘଟଣା ଘଟିଥିଲେ ନିଜକୁ ସୁରକ୍ଷିତ ରଖିବା ପାଇଁ ଗୋ-ପାଳକମାନେ ନିଜଠାରୁ ଦୋଷ ଛଡ଼ାଇ ରହି ଯାଇଥାନ୍ତି। ରାସ୍ତା ଅବରୋଧ ହେଉ ଅଥବା ଦୁର୍ଘଟଣା ଘଟୁ, ଫସଲ ନଷ୍ଟ ହେଉ ଅବା କାହାର କିଛି କ୍ଷତି ଘଟୁ ସେଥିରେ ତାଙ୍କର ଯାଏ ଆସେ ନାହିଁ। ଗୁରୁବାର ସନ୍ଧ୍ୟାରେ ରାଜ୍ୟ ରାଜପଥର ମୁଖ୍ୟ ସଡ଼କ ସିନେମା ହଲ ଛକ, ଚୁଡା ମିଲି ବସଷ୍ଟାଣ୍ଡ, ହନୁମାନ ଛକ, ରେଞ୍ଜର ଅଫିସ ସାମ୍ନା, ସନ୍ତୋଷୀ ମା' ମନ୍ଦିର ମୁଖ୍ୟ ରାସ୍ତା ସହିତ ସାହି ସାହିରେ ମେଞ୍ଚା ମେଞ୍ଚା ହୋଇ ଗାଈଗୋରୁ ଶୋଇବା ସହ ଖୋଲାରେ ବୁଲୁଛନ୍ତି। ସବୁଦିନ ଏପରି ପରିସ୍ଥିତି ଦେଖାଯାଉଥିଲେ ମଧ ପ୍ରଶାସନ ତରଫରୁ କୈଣସି ପଦକ୍ଷେପ ଗ୍ରହଣ ନକରିବା ଚିନ୍ତାର କାରଣ ହୋଇଛି। ଏନେଇ ଶୁକ୍ରବାର ଓଡ଼ଗାଁ ବଜରଙ୍ଗ ଦଳର ଯୁବନେତା ସନ୍ତୋଷ ପ୍ରଧାନ ଏନ୍ଏସି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଖୁବଶୀଘ୍ର ଓଡ଼ଗାଁ ଏନ୍ଏସି ଅଞ୍ଚଳରେ ଏକ ଗୋଶାଳା ନିର୍ମାଣ କରାଯାଇ ସମସ୍ୟାର ସ୍ଥାୟୀ ପ୍ରତିକାର କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା କହିଛନ୍ତି।

# ବିକ୍ରେତା ସଂଗ୍ରହ ଅଭିଯାନ କର୍ମଶାଳା



ନୟାଗଡ଼, ୨୦।୬(ସମିସ):

ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗୁଣାତ୍ମକ ପ୍ରମାଣପତ୍ର ଉପରେ ବିକ୍ରେତା ସଂଗ୍ରହ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଲେ ଯେ ଏମଏସଏମଇଗୁଡ଼ିକର ପ୍ରତିଯୋଗିତା ଏବଂ ଦକ୍ଷତାକୁ ଚଳାଇବାରେ ଗୁଣାତ୍ମକ ପ୍ରମାଣପତ୍ରର ଗୁରୁତ୍ୱ ରହିଛି। ଭାରତୀୟ ଗୁଣାତ୍ମକ ପରିଷଦ ଏବଂ ଜାତୀୟ ଉତ୍ପାଦକତା ପରିଷଦର ବିଶେଷଜ୍ଞ ବକ୍ତାମାନେ ପ୍ରମାଣପତ୍ର ପ୍ରକ୍ରିୟା ଉପରେ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଏମଏସଏମଇ ବିଭାଗ ପରାମର୍ଶଦାତା ଅଙ୍କିତ ଆଦିତ୍ୟ ଭଟ୍ଟ, ଜାତୀୟ ଉତ୍ପାଦକତା ପରିଷଦର ଉପନିର୍ଦ୍ଦେଶକ ଶ୍ୟାମା ପ୍ରସାଦ, ଗୁଣବତ୍ତା ପରିଷଦ ଅଫ୍ ଇଣ୍ଡିଆର ପରାମର୍ଶଦାତା ଦେବାନୁ ଦାସମହାପାତ୍ର ଯୋଗ ଦେଇ ଆଲୋଚନା କରିଥିଲେ। ଜିଲ୍ଲା ଶିଳ୍ପ ବିଭାଗ ସାଧାରଣ ପରିଚାଳକ ସମ୍ପଦ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପାଗଳା କୁକୁର କାମୁଡ଼ାରେ ୩ ଗୁରୁତର

ଗଣିଆ,୨୦।୬(ସମିସ): କୁକୁର କାମୁଡ଼ାରେ ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇ ଗଣିଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ଗ୍ରାମରେ ଗତ ଗୁରୁବାର ରାତିରେ ଗ୍ରାମର କାଞ୍ଚନ ବେହେରା ଆକ୍ରମଣର ଶିକାର ହୋଇଥିଲା ବେଳେ ପାଗଳା କୁକୁରଟି କାଞ୍ଚନକୁ ଛାଡ଼ିବା ପରେ ମାୟାଧରକୁ ଆକ୍ରମଣ କରିଥିଲା। ତାଙ୍କ ମୁହଁ ଓ ଗୋଡକୁ କୁକୁର କାମୁଡ଼ିଥିବାବେଳେ ସେଇ ପରିବାରର ଅମରି ବେହେରାଙ୍କୁ ମଧ ଆକ୍ରମଣ କରିଥିଲା କୁକୁର। ଘଟଣାସ୍ଥଳରେ ଗ୍ରାମବାସୀ କୁକୁରଟିକୁ ଘଉଡ଼ାଇଥିଲେ। ପରେ ଆହାତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କୁକୁର କାମୁଡା ଇଞ୍ଜେକ୍ସନ ଦେବାପରେ ତିନିଜଣ ସୁସ୍ଥ ଥିବା ଡାକ୍ତର ମଧୁସୂଦନ ଦାସ ସୂଚନା ଦେଉଛନ୍ତି। ପାଗଳ କୁକୁର ଆତଙ୍କ ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିବା ବେଳେ କୁକୁର କାମୁଡାରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ଏନ୍ଏସିରେ ବୁଲିଲା ବିକାଶ ବାହନ




ଓଡ଼ଗାଁ,୨୦।୬(ସମିସ): ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳରେ ଶୁକ୍ରବାର ବିକାଶ ବାହନ ପରିକ୍ରମା କରିଥିଲା। ନୟାଗଡ଼ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଏହାକୁ ଉଦଘାଟନ କରିଥିଲେ। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ସହିତ ସମସ୍ତ କର୍ମଚାରୀ ଏବଂ ଓଡ଼ଗାଁ ଅଞ୍ଚଳର ବୁଦ୍ଧିଜୀବୀ ବିକାଶ ପାଇଁ ସଂକଳ୍ପ ନେଇଥିବା ବେଳେ ୧୧୮ ଜଣ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୩୨ ଜଣଙ୍କୁ ରାସନ କାର୍ଡ, ୮ ଜଣଙ୍କୁ ବର୍ଦ୍ଧିତ ଭତ୍ତା ଏବଂ ୨୩ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ଜଣେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଓଡ଼ଗାଁ ରଘୁନାଥଙ୍କ ମନ୍ଦିର ପ୍ରାଙ୍ଗଣରୁ ବାହାରି ଏନ୍ଏସିର ୮ ଟି ୱାର୍ଡ ପରିକ୍ରମା କରିଥିଲା। ପୌରଯନ୍ତ୍ରୀ ଆଦିତ୍ୟ କୁମାର ଜେନା ଏବଂ ଏନ୍ଏସି ଯନ୍ତ୍ରୀ ସତ୍ୟନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୂର୍ଯ୍ୟ ପଟ୍ଟନାୟକ, ନୀଳମାଧବ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ନିଶା ନୁହେଁ, ଜୀବନ ବାଛିବାକୁ ଆହ୍ୱାନ




ଗଣିଆ,୨୦।୬(ସମିସ): ଗଣିଆ ବ୍ଲକରେ ଶୁକ୍ରବାର ଦଶପଲ୍ଲା ଅବକାରୀ ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ରଥ ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରି ଗଣିଆ ବଜାର ଦେଇ ରାମ ମନ୍ଦିର ପରିସରରରେ ପହଞ୍ଚିଥିଲା। ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ହାତରେ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନତା କରାଯାଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଓ ବ୍ଲକ୍ କର୍ମଚାରୀ ସହଯୋଗ କରିଥିଲେ। ଅତ୍ୟଧିକ ମଦ୍ୟପାନରୁ କିପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ଏବଂ ଏଥିରେ ଧନଜୀବନ ହାନି ହେଉଛି ତାହା ଉଦାହରଣ ମାଧ୍ୟମରେ ଦର୍ଶାଯାଇଥିଲା। ଏଥିରୁ ଦୂରେଇ ରହି ଜୀବନକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଅବକାରୀ ବିଭାଗର ପ୍ରଫୁଲ ପ୍ରଧାନ ଓ ଲକ୍ଷ୍ମୀ ମହାରଣାଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

# ବନ୍ଧୁକ କାରଖାନା ଠାବ; ୩ ଗିରଫ

ନୟାଗଡ଼,୨୦।୬(ସମିସ): ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଅନ୍ତର୍ଗତ ଜାକେଡ଼ା ଗ୍ରାମ ନିକଟରେ ଶରଣକୁଳ ପୁଲିସ ଚଢଉ କରି ବେଆଇନ ବନ୍ଧୁକ କାରଖାନାରୁ ଦୁଇଟି ଅଧାଗଢା ଦେଶୀ ବନ୍ଧୁକ ସହିତ ବନ୍ଧୁକ ତିଆରି କରାଯାଉଥିବା ବହୁ ପରିମାଣର ସରଞ୍ଜାମ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗୋଚ୍ଛା ଜଙ୍ଗଲରେ ଅବାଧରେ ବନ୍ୟଜନ୍ତୁ ଶିକାର ଚାଲିଥିବା ବେଳେ ଖବର ପାଇ ଶରଣକୁଳ ପୁଲିସ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଥାନାଧିକାରୀ, ଗୋଡିପଡା ଫାଣ୍ଡି ଅଧିକାରୀ ସଦଳବଳେ ବନ୍ଧୁକ ତିଆରି କାରଖାନାରେ ଚଢ଼ଉ କରିଥିଲେ। ଶରଣକୁଳ ଥାନାରେ ଏକ ମାମଲା ରୁଜୁ କରି ଜାକେଡ଼ା ଗ୍ରମର ସୁଶାନ୍ତ ପ୍ରଧାନ, ବସନ୍ତ ବାଣ୍ଡ ଓ ପ୍ରଶାନ୍ତ ବିଶ୍ୱାଳକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର




ଗଣିଆ,୨୦।୬(ସମିସ):

ଗଣିଆ ଅଗ୍ନିଶମ ବିଭାଗ ତରଫରୁ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଶୁକ୍ରବାର ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାମୁଣ୍ଡିଆ ସରପଞ୍ଚ ତଥା ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭାପତି ଦୀପ୍ତିରେଖା ସେନାପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଏବିଡିଓ ରତନଲାଲ ଲୋହରା, ଗଣିଆ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିଜୟାନନ୍ଦ ପରିଡାଙ୍କ ସମେତ ନିକଟସ୍ଥ ଗ୍ରାମରୁ ପ୍ରାୟ ୭୦ ଜଣ ଯୋଗ ଦେଇଥିଲେ। ସେହିପରି ବେଲପଡାପାଟଣା ପଞ୍ଚାୟତର ୱାଲିପୁରଠାରେ ଥିବା ବତ୍ୟା ଆଶୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଉପଲକ୍ଷେ ସ୍ଥାନୀୟ ଜନସାଧାରଣଙ୍କୁ ଉଦାହରଣ ସହିତ ସଚେତନତା କରାଯାଇଥିଲା। ସରପଞ୍ଚ ସୁକାନ୍ତ କୁମାର ଗଣ୍ଡିଆ, ପିଇଓ ସୁନିଲ କୁମାର ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ୱାର୍ଡସଭ୍ୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

# ୨୫ରେ ସାମ୍ବାଦିକ ଭବନରେ ରକ୍ତଦାନ ଶିବିର

ନୟାଗଡ଼,୨୦।୬(ସମିସ): ନୟାଗଡ଼ ସାମ୍ବାଦିକ ଭବନରେ ଆସନ୍ତା ୨୫ ତାରିଖ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଛି। ନୟାଗଡ ରକ୍ତ ଭଣ୍ଡାରରେ ଲାଗି ରହିଥିବା ରକ୍ତ ସମସ୍ୟାକୁ ସାମୟିକ ଦୂର କରିବା ଉଦ୍ଦେଶ୍ୟରେ ସାମ୍ବାଦିକଙ୍କ ପକ୍ଷରୁ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ନୟାଗଡ ରୋଟାରୀ କ୍ଲବ ସହବନ୍ଧିତ ହୋଇ କାର୍ଯ୍ୟ କରିବ। ସହରରେ ସ୍ୱେଚ୍ଛାସେବୀ, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ, ସରକାରୀ କର୍ମଚାରୀ ଓ ବୁଦ୍ଧିଜୀବୀ ଏହି ରକ୍ତଦାନ ଶିବିରରେ ସାମିଲ ହେବାକୁ ରୋଟାରୀ କ୍ଲବ ସଭାପତି ଶ୍ରୀକାନ୍ତ ଖଟେଇ ଆହ୍ୱାନ ଦେଇଛନ୍ତି। ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାସ ଶିବିର ଆୟୋଜନରେ ସହଯୋଗ କରିବା ପାଇଁ ସମ୍ମତି ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତ ସାମ୍ବାଦିକ ସହଯୋଗ କରିବା ସହ ଏ ଦିଗରେ କାର୍ଯ୍ୟ କରିବାକୁ ମତ ଦେଇଛନ୍ତି।

# ବାରିକ ସମାଜ ଗୃହ ଉଦ୍‌ଘାଟିତ



ନୟାଗଡ଼,୨୦।୬(ସମିସ): ମାଛିପଡା ବାରିକ ସମାଜ ଗୃହ ଶୁକ୍ରବାର ଉଦଘାଟିତ ହୋଇଛି। ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋରଚନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ସାମିଲ ରହିଥିଲେ। ବାରିକ ସମାଜ ବୈଠକ ତଥା ସାମାଜିକ କାର୍ଯ୍ୟ ଅବସରରେ ଏହି ଗୃହକୁ ନିର୍ମାଣ କରାଯାଇଛି। ନୟାଗଡ଼ ପଞ୍ଚାୟତସମିତି ଆନୁକୂଲ୍ୟରେ ଗୃହ ନିର୍ମାଣ କରାଯାଇଛି।

# ମନ୍ଦିର ନିର୍ମାଣ ପାଇଁ କନ୍ଧମାଳ ଗଲା ଆଜ୍ଞାମାଳ

ଓଡ଼ଗାଁ,୨୦।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରୁ କନ୍ଧମାଳ ଜିଲ୍ଲା ଜି ଉଦୟଗିରି କକଟି ପଦା ଗ୍ରାମରେ ନୂତନ ଶ୍ରୀରାମମନ୍ଦିର ନିର୍ମାଣ ନିମନ୍ତେ ଶୁକ୍ରବାର ଦିନ ସକାଳେ ଆଜ୍ଞାମାଳ ଗଲା। କକଟିପଦା ଗ୍ରାମବାସୀଙ୍କ ତରଫରୁ ଅନିଲ ପଟ୍ଟନାୟକ ସ୍ମିତା ପଟ୍ଟନାୟକ ଦମ୍ପତିଙ୍କ ସହିତ କେତେକ ଗ୍ରାମବାସୀ ଆଜ୍ଞାମାଳ ନେବା ପାଇଁ ପ୍ରଭୁ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ସୂଚନା ଥାଉକି, ନୟାଗଡ଼ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ରଘୁନାଥଜୀଉଙ୍କ ଗାରିମା ଥିବା ବେଳେ ବିଶେଷ କରି ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାରେ ଏହାର ବହୁଳ ପ୍ରଭାବ ଦେଖା ଯାଇଥାଏ। ସାଧାରଣତଃ ଏହି ଦୁଇଟି ଜିଲ୍ଲାରେ ମନ୍ଦିର ନିର୍ମାଣ ସମୟରେ ପ୍ରଭୁ ଶ୍ରୀରଘୁନାଥଙ୍କ ଆଜ୍ଞାମାଳ ନେବାର ପ୍ରଥା ରହିଆସିଛି।

# ପଦ୍ମାବତୀ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଭାପୁର,୨୦।୬(ସମିସ):

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଦ୍ମାବତୀ ଗ୍ରାମବାସୀଙ୍କ ଆର୍ଥିକ ସହାୟତାରେ ନିର୍ମାଣ ହୋଇଛି ବୃହତ ଜଗନ୍ନାଥ ମନ୍ଦିର। ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀମାନଙ୍କ ସହଯୋଗରେ ପାଞ୍ଚ ବର୍ଷ ହେଲା ରଥଯାତ୍ରା ହେଉଛି। ଏବର୍ଷ ରଥଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ମନ୍ଦିର କମିଟି, ଗ୍ରାମବାସୀ ଓ ବୁଦ୍ଧିଜୀବୀଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବାଙ୍କନିଧି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବିରଞ୍ଚି ନାରାୟଣ ମଲ୍ଲିକ, ସରପଞ୍ଚ ଆଜୟ ମଲ୍ଲିକ, ଦୁଇ ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ସାହୁ ଓ ଅଜୟ ସାହୁ, ତପନ ସାହୁ, ରଥଯାତ୍ରା ପରିଚାଳନା କମିଟିର ସଭାପତି ଚାପଧାରୀ ସାହୁ, ପଦ୍ମାବତୀ ଯୁବ ଏକତା ସଂଘ ସଭାପତି ସୌମ୍ୟରଞ୍ଜନ ସାହୁ, ଅମିତ ବେହେରା, ଜଗା ଚାକର ସଂଘର ସନାତନ ପରିଡ଼ା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ନିଷ୍ପତ୍ତି ଅନୁଯାୟୀ ପୁଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ଡାକ୍ତରଖାନା, ଅଗ୍ନିଶମ ବିଭାଗର ସହଯୋଗ କାମନା କରାଯିବାକୁ ନିବେଦନ କରାଯିବ।

# ପର୍ଯ୍ୟଟନ କ୍ଷେତ୍ରରେ ଆଗେଇଛି ନୟାଗଡ଼

ନୟାଗଡ଼,୨୦।୬(ସମିସ):





- ଆଧ୍ୟାତ୍ମିକତା ପ୍ରଦାନ କରୁଛି ଶ୍ରୀରାମ ମନ୍ଦିର
- ବୈଷ୍ଣୋ ଦେବୀ ମନ୍ଦିର ପାଲଟିଛି ଆକର୍ଷଣ
- ଆକର୍ଷିତ କରୁଛି ବଲାଙ୍ଗୀ ପାର୍କ, ବରକନ୍ୟା

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ନୂତନ ଭାବେ ଯୋଡ଼ି ହୋଇଥିବା ନୟାଗଡ଼ ଜିଲ୍ଲାର ୪ଟି ସ୍ଥାନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକଙ୍କ ଗହଳି ଲାଗୁଛି। ଫତେଗଡ ଶ୍ରୀରାମ ମନ୍ଦିର, ଓଡ଼ଗାଁ ଅଞ୍ଚଳରେ ରହିଥିବା ବରକନ୍ୟା ଝରଣା, ଜାମୁକୋଣରେ ନିର୍ମାଣ ହୋଇଥିବା ବୈଷ୍ଣୋଦେବୀ ମନ୍ଦିର ଏବଂ ନୟାଗଡ଼ ସହରରେ ନିର୍ମିତ ବଲାଙ୍ଗୀ ପାର୍କ। ସାଧାରଣ ଛୁଟିଦିନ ପଡ଼ିଲେ ଏହି ୪ଟି ସ୍ଥାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ପର୍ବପର୍ବାଣୀରେ ଉକ୍ତ ସ୍ଥାନରେ ପହଞ୍ଚିବା ପାଇଁ ଟ୍ରାଫିକ ଜାମ ପରିସ୍ଥିତିକୁ ପର୍ଯ୍ୟଟକଙ୍କୁ ସାମ୍ନା କରିବାକୁ ପଡୁଛି। ଫତେଗଡ଼ ଶ୍ରୀରାମ ମନ୍ଦିର ଓ ବୈଷ୍ଣୋଦେବୀ ମନ୍ଦିର ଆଧ୍ୟାମିକ ପରିବେଶ ଦୃଷ୍ଟି କୋଣରୁ ବେଶ ଆଗରେ ରହିଛି। ପୂର୍ବରୁ ରହିଥିବା ବଡମୂଳ, ଓଡଗାଁର ରଘୁନାଥ ମନ୍ଦିର, ଜାମୁପାଟଣାର ଦୂତିକେଶ୍ୱର ମନ୍ଦିର, କଣ୍ଟିଲୋ ନୀଳମାଧବ, କୁଡୁରୀ ଡାକବଙ୍ଗଳା, କୁଆଁରିଆ, ନୟାଗଡ ଜଗନ୍ନାଥ ମନ୍ଦିର, ରଣପୁର ଜଗନ୍ନାଥ ମନ୍ଦିର ଓ ମଣିନାଗ ମନ୍ଦିର, ଶରଣକୁଳ ଲଡୁବାବା ମନ୍ଦିର, ନୀଳକନ୍ଦର ଉଷ୍ମ ପ୍ରସବଣ, ଉଦୟପୁରର ଦାଣିଆ ଅଜା ପୀଠ, ସିଧାମୁଳା ଗୋକୁଳାନନ୍ଦ, ଗଣିଆର ପଞ୍ଚୁପଲ୍ଲୀ ପ୍ରାଙ୍ଗଣ, ଯୋଗୀ ଯୋଗିଆଣୀ ପୀଠ ପ୍ରଭୃତିକୁ ପର୍ଯ୍ୟଟନ କ୍ଷେତ୍ରର ସ୍ୱୀକୃତି ମିଳିଛି। ଜିଲ୍ଲାରେ ଖଣ୍ଡପଡା ସୁନାମୁହିଁ ଡ୍ୟାମ, ବୁଢ଼ାବୁଢ଼ୀଆଣି ଡ୍ୟାମ, ଦଶପଲ୍ଲାର ଭୀମରାପାହାଡ, ଶିମିଳି ଝରଣା, ରାଜଗିରି, ଲଳିତ ମାଧବ ପୀଠ, ସାଧୁସଙ୍ଗ ମଠ ଭଳି ଅନେକ ସୌନ୍ଦର୍ଯ୍ୟମୟ ସ୍ଥାନ ଏବେବି ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ଅପେକ୍ଷାରେ ରହିଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ଏବଂ ନିର୍ବାଚିତ ଜନପ୍ରତିନିଧିମାନେ ଜିଲ୍ଲାର ବିକାଶ ପାଇଁ ନିକଟରେ କରିଥିବା ବିକଶିତ କର୍ମଶାଳାରେ ପର୍ଯ୍ୟଟନ ଶିଳ୍ପକୁ କିଭଳି ଆଗକୁ ନିଆଯାଇପାରିବ ବୋଲି ଚିନ୍ତା ପ୍ରକଟ କରିଛନ୍ତି।

ଶିଳ୍ପବିହୀନ ନୟାଗଡ଼ ଜିଲ୍ଲାରେ ପର୍ଯ୍ୟଟନ ବିକାଶ କରାଗଲେ ଜିଲ୍ଲାର ଆର୍ଥିକ ବିକାଶ ଘଟିବ ବୋଲି ଆଶା ରଖାଯାଇଛି। ନୟାଗଡ ଜିଲ୍ଲା ପୁରୀ ଜିଲ୍ଲାରୁ ଭାଗ ହୋଇ ଗଠନ ହୋଇଥିବା ବେଳେ ପରିବେଶ ଦୃଷ୍ଟିରୁ ଏକ ଭିନ୍ନ ଜିଲ୍ଲା ଭାବେ ପରିଗଣିତ। ଏଠାକାର ବାୟୁମଣ୍ଡଳ ସ୍ୱଚ୍ଛ ଓ ନିର୍ମଳ ବୋଲି ନିକଟରେ ଦେଶରେ ୧୦ଟି ଜିଲ୍ଲା ମଧ୍ୟରେ ସ୍ଥାନ ପାଇଛି। ନୟାଗଡର ଘଞ୍ଚ ଜଙ୍ଗଲ ଓ ପାହାଡ ପର୍ବତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଅନ୍ୟତମ ଦିଗ। ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଆଗେଇବାକୁ ହେଲେ ନୂତନ ଭାବେ ଗଢ଼ି ଉଠିଥିବା ୪ଟି ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ଏହାର ପାରିପାର୍ଶ୍ୱିକ ବିକାଶ ନିହାତି ଆବଶ୍ୟକ ହୋଇପଡ଼ିଛି। ଉକ୍ତ ପର୍ଯ୍ୟଟନସ୍ଥଳୀକୁ ରାସ୍ତା, ଆଲୋକ ବ୍ୟବସ୍ଥା, ପାନୀୟଜଳ ସୁବିଧା ସହ ପୁଲିସ ସୁରକ୍ଷା ବ୍ୟବସ୍ଥା ପାଇଁ ନିହାତି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ସ୍ଥାନରେ ପୁଲିସ ବିଟ୍ ହାଉସ କିମ୍ବା ଫାଣ୍ଡି ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି। ଜିଲ୍ଲା ପ୍ରଶାସନ ଏହି ପର୍ଯ୍ୟଟନସ୍ଥଳୀକୁ ଗୁରୁତ୍ୱ ଦେଲେ ନିହାତି ଭାବେ ପର୍ଯ୍ୟଟକମାନେ ସୁବିଧା ପାଇପାରିବେ ବୋଲି ମତ ପ୍ରକାଶ ପାଇଛି।

# ମଙ୍ଗଳାଯୋଡ଼ି ବିକାଶ ପାଇଁ ଅଧିକାରୀଙ୍କ ଗସ୍ତ



ଟାଙ୍ଗୀ,୨୦।୬(ସମିସ): ବନ ବିଭାଗର ଆଞ୍ଚଳିକ ମୁଖ୍ୟବନ ସଂରକ୍ଷକ ଯୋଗ ଦୟାନନ୍ଦ ଦିନିକିଆ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡ଼ି ଗସ୍ତରେ ଆସି ନୌବିହାର ସ୍ଥଳ, ପାର୍କିଙ୍ଗସ୍ଥଳ ବିହଙ୍ଗ ଭବନ ଏବଂ ପ୍ରକୃତି ନିବାସ ପରିଦର୍ଶନ କରିଥିବା ଜଣାପଡିଛି। ପର୍ଯ୍ୟଟନ ଶିଳ୍ପ ସହ ଜଡିତ ବିଭିନ୍ନ ଟ୍ରଷ୍ଟିର ପ୍ରତିନିଧିଙ୍କୁ ଏବଂ ପକ୍ଷୀ ସୁରକ୍ଷା ସମିତି ସଭ୍ୟଙ୍କୁ ଏକତ୍ରିତ କରି ମଙ୍ଗଳାଯୋଡି ପର୍ଯ୍ୟଟନ କେନ୍ଦ୍ରର ଉନ୍ନତି ପାଇଁ ବିଭିନ୍ନ ସଦସ୍ୟମାନେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଚିଲିକା ଜେଟିର ନୌବିହାର ସ୍ଥଳଠାରେ ଏକ ଅତ୍ୟାଧୁନିକ ଜୈବ ଶୈଚାଗାର ନିର୍ମାଣ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ଏକ ଇଣ୍ଟରପ୍ରିଟେସନ କେନ୍ଦ୍ର ଖୋଲିବାକୁ ମଙ୍ଗଳାଯୋଡି ପକ୍ଷୀ ସୁରକ୍ଷା ଭିତରୁ ରିସଟ ଟ୍ରଷ୍ଟି ମାନସ ପ୍ରଧାନ ଦୃଷ୍ଟି ଆକର୍ଷଣ କରିଥିଲେ। ପାର୍କିଙ୍ଗସ୍ଥଳର ସଂପ୍ରସାରଣ, ଜେଟିର କଳେବର ବୃଦ୍ଧି ରାସ୍ତାର ତୁରନ୍ତ ମରାମତି ଆଦି କରିବା ପାଇଁ ସଦସ୍ୟ ସଦସ୍ୟାମାନେ ଅନୁରୋଧ କରିଥିଲେ। ସମସ୍ତ ଆଲୋଚନାର ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପଠାଇବାର ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ଟାଙ୍ଗୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିରାଜ ଦାଶ, ମୁକ୍ତେଶ୍ୱର ବନପାଳ ମିନା କୁମାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏକ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ଏହି ଅଚାନକ ଗସ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ସର୍ବନିମ୍ନ ଆବଶ୍ୟକତା ଉପଲବ୍ଧ ହେଉ ନଥିବାରୁ ଏହି ପର୍ଯ୍ୟଟନ କ୍ଷେତ୍ରର କଳେବର ପରିବର୍ତ୍ତନ ପାଇଁ ମଙ୍ଗଳାଯୋଡି ସରପଞ୍ଚ ମାନସ ରଂଜନ ସାମନ୍ତରାୟ, ପରିବେଶବିତ ମାନସ ପ୍ରଧାନଙ୍କ ନେତୃତ୍ୱରେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ ପରେ ଏହି ପଦକ୍ଷେପ ନିଆଯାଇଛି।

# ବ୍ରାଉନସୁଗର ଜବତ; ୫ଗିରଫ
# ୪ ବାଇକ୍, ୫ ମୋବାଇଲ ଓ ନଗଦ ଟଙ୍କା ଜବତ

ଖୋର୍ଦ୍ଧା,୨୦।୬(ସମିସ)

ଖୋର୍ଦ୍ଧାରେ ବେଳକୁ ବେଳ ବ୍ରାଉନଦସୁଗର ମାଡ଼ି ଚାଲିଛି। କିଛି ଦିନର ବ୍ୟବଧାନରେ ପୁଣି ଆଦର୍ଶ ଥାନା ପୁଲିସ ଗତକାଲି ବିଳମ୍ବିତ ରାତିରେ ହାବେଲୀ ପଡିଆଠାରୁ ୫ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ଶ୍ରୀବିହାରର ଗଣେଶ ପ୍ରଧାନ ଓରଫ୍ ବୁବୁ(୩୫), ଚନ୍ଦକା ଥାନା ମେଣ୍ଢାଶାଳ ହରିଡାମଡ଼ାର ବିକାଶ ବେହେରା ଓରଫ୍ ବିକି (୨୫), ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ଜେନାସାହିର ନବଘନ ଜେନା (୪୧) ଓ ମୁସଲିମ୍ ସାହିର ମାହାରୁଦ୍ଦିନ ଖାନ୍ ଓରଫ ମୁନା (୪୫) ଏବଂ ଗଡଖୋର୍ଦ୍ଧା ସଡକ ସାହିର ସର୍ବେଶ୍ୱର ଶ୍ରୀଚନ୍ଦନ ଓରଫ୍ ମଗୁ (୨୯)। ପୁଲିସ ତାଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗର ସମେତ ନଗଦ ୧୩ଶହ ଟଙ୍କା, ୫ଟି ମୋବାଇଲ ଫୋନ୍ ଏବଂ ୩ଟି ସ୍କୁଟି ସମେତ ଗୋଟିଏ ବାଇକକୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି।



ଗତକାଲି ବିଳମ୍ବିତ ରାତିରେ ହାବେଲୀପଡିଆଠାରେ କିଛି ଯୁବକ ଏକାଠି ହୋଇ ବ୍ରାଉନସୁଗର ବେପାର କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ରାତିରେ ସେଠାରେ ଚଢ଼ଉ କରିଥିଲେ। ଖସିବାକୁ ଅଭିଯୁକ୍ତମାନେ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ପୁଲିସ କାବୁ କରିଥିଲା। ତାଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ସେମାନେ କାହାଠାରୁ ମାଲ୍ ଆଣୁଥିଲେ ପୁଲିସ ତାର ତଦନ୍ତ କରୁଛି। ଏନେଇ ଏସ୍‌ଆଇ ସସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରିଛି। ଏହାର ତଦନ୍ତକାରୀ ଅଧିକାରୀ ସ୍ୱାଗତିକା ଦାସ ରହିଛନ୍ତି।

ପ୍ରକାଶ ଥାଉକି, ଗତ ୧୦ତାରିଖରେ ଗଡଖୋର୍ଦ୍ଧା କୁଞ୍ଜବିହାରୀ ମନ୍ଦିର ସମ୍ମୁଖରୁ ଜବରଦସ୍ତପୁର ସ୍ୱପ୍ନେଶ୍ୱର ସାହିରେ ରହୁଥିବା ମନୋରମା ନାୟକକୁ ଗିରଫ କରିଥିଲା। ତାଙ୍କଠାରୁ ୩୫.୨୫ଗ୍ରାମ ବ୍ରାଉନସୁଗର ସମେତ ନଗଦ ୭୨୦୦ ଟଙ୍କାକୁ ପୁଲିସ ଜବତ କରିଥିଲା। ସେହିପରି ସଦରଥାନା ପୁଲିସ୍ ଗଡ଼ଗୁଡ୍ରୁମ ପାଣିଟାଙ୍କି ନିକଟରେ ଚଢଉ କରି ଭାଲିଆବାଡି ହାତିଆଶୁଣିସାହିର ଅତନୁ ଖାନକୁ ଗିରଫ କରି ତା'ଠାରୁ ୨୩.୪୩ ଗ୍ରାମ ବ୍ରାଉନସୁଗର ଓ ନଗଦ ୧୫ଶହ ଟଙ୍କାକୁ ଜବତ କରଥିଲା। ଏଥିସହ ଆଦର୍ଶଥାନା ପୁଲିସ ଭାଲିଆବାଡି ଅଞ୍ଚଳରେ ଚଢଉ କରି ସତ୍ୟନାରାୟଣ ସାହୁ (୩୯) ଓ ତାଙ୍କ ସ୍ତ୍ରୀ ନିବାସିନୀ ସାହୁ ଓରଫ ଆସେଇ (୩୬), ତରତୁଆର କରିମ୍ ଖାନ୍ (୨୯)କୁ ଗିରଫ କରଥିଲା। ସେମାନଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗର ସମେତ ୩୪ଶହ ଟଙ୍କା ସମେତ ୩ଟି ମୋବାଇଲ୍ ଥାନା ଓ ୪ଟି ମୋଟରସାଇକଲ ଜବତ କରିଥିଲା। ସେହିପରି ଗତ ୧୩ ତାରିଖରେ ନୂଆ ବସଷ୍ଟାଣ୍ଡରୁ ଅବକାରୀ ପୁଲିସ ୪୬ଗ୍ରାମ ଜବତ କରିବା ସହ ପଟିଆ ଦୋଳମଣ୍ଡପସାହିର ଇନ୍ଦ୍ରଜିତ୍ ସାହୁ (୩୪)କୁ ଗିରଫ କରିଥିଲା।

**ନିଶାଡ଼ିଙ୍କ ବେପାରସ୍ଥଳ ପାଲଟିଛି ଖୋର୍ଦ୍ଧା**

ଅନ୍ୟପକ୍ଷରେ କମ୍ ସମୟରେ ଅଧିକ ରୋଜଗାର ନିଶାରେ ବହୁ ଯୁବକ ଓ ମହିଳା ଏଥିରେ ସାମିଲ ହେଉଛନ୍ତି। ଖୋର୍ଦ୍ଧା ବରୁଣେଇସାହି ଗୁଣ୍ଡିଚାନଗରର ଜଣେ ମହିଳା ମଧ୍ୟ ଏହି ବେପାରକୁ ସହରର ନିଛାଟିଆ ସ୍ଥାନ, ନୂଆ ପରିବା ବଜାର ଏବଂ ଉପକଣ୍ଠର ବିଭିନ୍ନ ଛକ ସ୍ଥାନରେ ସ୍କୁଟିରେ ଯାଇ ସକାଳ ଓ ସନ୍ଧ୍ୟାରେ ଗ୍ରାହକଙ୍କୁ ଯୋଗାଉଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ପୁଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଡାକସେବା ସଚେତନତା



ଜଟଣୀ, ୨୦।୬(ସମିସ): ଜଟଣୀ ବ୍ଲକ୍ ଅନ୍ତର୍ଗତ ବଡ଼ତୋଟାଠାରେ ଡାକ ମେଳା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶାଖା ପୋଷ୍ଟ କାର୍ଯ୍ୟାଳୟର ଅଧିକାରୀ ବାସୁଦେବ ଦାସ ଯୋଗଦେଇ ଭାରତୀୟ ଡାକସେବା ଓ ଏହାର ଉପକାରିତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ପଦନପୁର ସରପଞ୍ଚ ଅହଲ୍ୟା ନାୟକ, ନାଏବ ସରପଞ୍ଚ ସଞ୍ଜୟ ରାଉତରାୟ, ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷକ ତାରିଣୀ ଚରଣ ପାଢ଼ୀ, ଭୁବନେଶ୍ୱର ପୋଷ୍ଟାଲ ଇନ୍ସପେକ୍ଟର ଅମିତ ରଣା, ପିଏଲଆଇ ଅଧିକାରୀ, ଗ୍ରାମୀଣ ପୋଷ୍ଟାଲ ଅଧିକାରୀ ଉପସ୍ଥିତ ରହିଥିଲେ। ପୋଷ୍ଟାଲ୍ ଓଭରସିୟର ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବେଦ ପାଠଶାଳା ପକ୍ଷରୁ ଯୋଗ ସଚେତନତା

ନିରାକାରପୁର, ୨୦।୬(ସମିସ): ନିରାକାରପୁର ନିକଟସ୍ଥ ବେଦ ପାଠଶାଳା ଦ୍ୱାରା ଶନିବାର ପାଳନ ହେବାକୁ ଥିବା ଏକାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଜନସଚେତନତା ପାଇଁ ଶୋଭାଯାତ୍ରା ଆରାଧ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠାରୁ ନିରାକାରପୁର ଥାନା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପାଠଶାଳାର ପ୍ରଧାନ ଆଚାର୍ଯ୍ୟ ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ଚନ୍ଦନ ଦାଶ, ପଣ୍ଡିତ ବସନ୍ତ ପଣ୍ଡା ଓ ବିଦ୍ୟାର୍ଥୀଙ୍କ ସହ ଯୋଗଗୁରୁ କୃଷ୍ଣକେଶବ ମହାପାତ. ସ୍ଥାନୀୟ ସାମ୍ବାଦିକ ମାନସ ପଟ୍ଟନାୟକ, ହିମାଂଶୁ ଚମ୍ପତିରାୟ, ଉମେଶ ପଟ୍ଟନାୟକ, ଦୀପକ ପ୍ରଧାନ, ବିକ୍ରମ କେଶରୀ ସାହୁ, ବାଲୁଙ୍କେଶ୍ୱର ବେହେରା, ଯୁବ ଯୋଗପ୍ରେମୀ, ସମାଜସେବୀ ଅଶୋକ ପରିଡ଼ା, ଶଙ୍କର୍ଷଣ ପ୍ରଧାନ, ଅଶୋକ ବ୍ରହ୍ମା ଓ ଭରତ ବେହେରା ପରିଚାଳନା କରିଥିଲେ।

# ବିଦ୍ୟୁତ୍ ସରବରାହରେ କେବୁଲ୍ ସଂଯୋଗ ଦାବି

ବେଗୁନିଆ,୨୦।୬(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ବଜାରର ମଧ୍ୟବର୍ତ୍ତୀ ସ୍ଥାନରେ ସ୍ପେସାଲ ଫିଡର ଯୋଗେ ୧୧ କେଭି ବିଦ୍ୟୁତ୍ ସରବରାହ ପାଇଁ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବିପଦସଙ୍କୁଳ ରହିଛି।



ଏହି ୧୧ କେଭି ବିଦ୍ୟୁତ୍ ସରବରାହ ପାଇଁ ବ୍ୟବହୃତ ହୋଇଥିବା ତାର ବଦଳରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କେବୁଲ ବିଛାଇବାକୁ ସମାଜସେବୀ ସନ୍ତୋଷ ପଣ୍ଡା ଶକ୍ତି ବିଭାଗ ଶାସନ ସଚିବ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯାହାକି ୧୧ କେଭି ବିଦ୍ୟୁତ୍ ସରବରାହ କେତେବେଳେ ଆକସ୍ମିକ ଭାବେ ୫୭ ନଂ ଜାତୀୟ ରାଜପଥ ଯାତାୟାତ କରୁଥିବା ମୋଟର ଯାନ ଓ ପଥଚାରୀ ମାନଙ୍କ ଧନ ଜୀବନ ନଷ୍ଟ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ସମସ୍ୟାକୁ ତୁରନ୍ତ ଅନୁଧ୍ୟାନ କରିବା ସହ ବିଭାଗୀୟ ଅଧିକାରୀ ଓ ପ୍ରଶାସନ କାର୍ଯ୍ୟକାରୀ କରିବା ପାଇଁ ସଚେତନ ନାଗରିକ ଦାବି କରିଛନ୍ତି।



● ଶ୍ରମିକ କଂଗ୍ରେସ କର୍ମକର୍ତ୍ତା ନିର୍ବାଚନ

# ସମ୍ପାଦକ ଭାବେ ପୁନଃନିର୍ବାଚିତ ହେଲେ ଏଲ୍‌ଡି ମହାନ୍ତି

ଜଟଣୀ, ୨୦।୬ (ସମିସ): ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଅନ୍ତର୍ଗତ ବିଜେବି ରେଳ ଇନ୍‌ଷ୍ଟିଚ୍ୟୁଟଠାରେ ଶୁକ୍ରବାର ଶ୍ରମିକ କଂଗ୍ରେସ ଓପେନ ଲାଇନ ଶାଖା କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ପ୍ରମୋଦ ସାହାଣୀ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ, ଶରତ ପଣ୍ଡା, ସୁବ୍ରତ ପଣ୍ଡା, ବିଜୟଲକ୍ଷ୍ମୀ ଦାସ, ଅମିତ କୁମାର ଏବଂ ମହେନ୍ଦ୍ର ମହାନ୍ତି ଅନ୍ୟାନ୍ୟ ଅତିଥିଭାବେ ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଏଲଡ଼ି ମହାନ୍ତି ସମ୍ପାଦକୀୟ ପାଠକରିଥିବା ବେଳେ କୋଷାଧକ୍ଷ ଅକ୍ଷୟ ପ୍ରଧାନ ଆୟବ୍ୟୟର ହିସାବ ରଖିଥିଲେ। ପରେ ସାଧାରଣ ସମ୍ପାଦକ ଶ୍ରୀ ସାହୁ ଶାଖା ପରିଷଦକୁ ଭଙ୍ଗ ଘୋଷଣା କରିଥିଲେ। ନିର୍ବାଚନ ଅଧିକାରୀ ସୁନୀଲ ଭଞ୍ଜ ନୂତନ ପରିଷଦ ପାଇଁ ଭୋଟ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ମଧ୍ୟାହ୍ନରେ ଫଳାଫଳ ଘୋଷଣା ହୋଇଥିଲା। ନୂତନ ସଭାପତି ଭାବେ ମହମ୍ମଦ ମୁସ୍ତାକ ଅଲ୍ଲୀ, କାର୍ଯ୍ୟକାରୀ ସଭାପତି ପି ରାଜା ରାଓ, ଉପସଭାପତି ଫକୀର ଚରଣ ନାୟକ, ଜି ରାମମୋହନ ରାଓ, ସମ୍ପାଦକ ଭାବେ ଏଲଡ଼ି ମହାନ୍ତି ପୁନଃ ନିର୍ବାଚିତ ହୋଇଥିବା ବେଳେ ସହସମ୍ପାଦକ ଭାବେ ସାମୁଏଲ ପ୍ରଧାନ, ରାକେଶ ଘଡେଇ, ପ୍ରଦୀପ ସୁନ୍ଦରାୟ (ଓଡ଼ି), ତ୍ରିଲୋଚନ ବେହେରା, କାର୍ଯ୍ୟକାରୀ ସମ୍ପାଦକ ସୁନୀଲ ପରିଡା, ବି ଟି ରାଓ, କୋଷାଧକ୍ଷ ଭାବେ ପ୍ରଦୀପ ପଣ୍ଡା ଓ ମୁଖ୍ୟ ଉପଦେଷ୍ଟା ଭାବେ ସତ୍ୟରଞ୍ଜନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ଯୁବ ବାହିନୀ ସଂଯୋଜକ ଭାବେ ସନ୍ତୋଷ ଖଟେଇ, ସହସଂଯୋଜକ ଭାବେ ଅଶୋକ ଭୋଳ, କ୍ୱାର୍ଟର କମିଟି ସଦସ୍ୟ ଭାବେ ବାଣିଜ୍ୟ ବିଭାଗ ନେତ୍ରାନନ୍ଦ ପଣ୍ଡା, ଅପରେଟିଙ୍ଗ ବିକ୍ରମ ସାହୁ, ଇଲେକ୍ଟ୍ରିକାଲ ଜି ନରେନ୍ଦ୍ର ଦାସ, ସିଗନାଲ ପି ଶିବକୁମାର ରେଡି, ମେକାନିକାଲ ଏସକେ ଦଳାଇ, ଇଲେକ୍ଟ୍ରିକାଲ ଓପି (ନନରନିଙ୍ଗ) ଅକ୍ଷୟ ପ୍ରଧାନ ଓ ଟିଆରଡ଼ି ବିଭାଗ ପାଇଁ ତ୍ରିଲୋଚନ ମହାନ୍ତି ନିର୍ବାଚିତ ହୋଉଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

ବେଗୁନିଆ,୨୦।୬(ସମିସ): ବେଗୁନିଆ ଥାନା ରାଧାକାନ୍ତପୁର ଗ୍ରାମର ଜଣେ ଯୁବକ ପୋଖରୀକୁ ଗାଧୋଇବାକୁ ଯାଇ ପ୍ରାଣ ହରାଇଛନ୍ତି। ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, ରାଧାକାନ୍ତପୁର ଗ୍ରାମର ସ୍ୱର୍ଗତ ଶରତଚନ୍ଦ୍ର ସେଠୀଙ୍କ ପୁଅ ସମୀର (୨୩) ଶୁକ୍ରବାର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜିଥିଲେ। ପରେ ସ୍ଥାନୀୟ ପୋଖରୀ ନିକଟରୁ ତାଙ୍କର ଚପଲ ପଡିଥିବାର ଦେଖି ସନ୍ଦେହ ଜାତ ହେବାରୁ ସ୍ଥାନୀୟ ଲୋକମାନେ ପାଣି ଭିତରେ ବୁଡ଼ି ଶବକୁ ଉଦ୍ଧାର କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

# ପୁଲିସ ବିଟ୍ ହାଉସ ଖୋଲିବାକୁ ଦାବି

ବେଗୁନିଆ, ୨୦।୬(ସମିସ): ଜନସାଧାରଣଙ୍କ ସୁରକ୍ଷା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ବିଟ ହାଉସ ଖୋଲିବାକୁ ନେଇ ଗତବର୍ଷ ନଭେମ୍ବରରେ ସ୍ୱରାଷ୍ଟ୍ର ସଚିବ ଓ ଗତ ମେ ମାସରେ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ସମାଜସେବୀ ଜୟକୃଷ୍ଣ ସାହୁ ଲିଖିତ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ସଦର ଥାନା ଅଧୀନରେ ଥିବା କୁଞ୍ଜୁରୀ ପଞ୍ଚାୟତ ସହ ନିକଟରେ ଥିବା ଗ୍ରାମ ୧୬ କିମି ଉର୍ଦ୍ଧ୍ୱରେ ଥିବା ମଶାଣିଆ ଗ୍ରାମଟି ମଧ୍ୟବର୍ତ୍ତୀ ସ୍ଥାନରେ ରହିଥିବାରୁ ପୁଲିସ ବିଟ ହାଉସ ପାଇଁ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସ୍ଥାନ ବୋଲି କହିଛନ୍ତି। ଯାହା କି ପୂର୍ବରୁ କୁଞ୍ଜରି ପଞ୍ଚାୟତଟି ବାଘମାରି ଥାନା ଅଧୀନରେ ଥିବା ବେଳେ ଦୂରତ୍ୱ ଦୃଷ୍ଟିରୁ ଦେଖିବାକୁ ଗଲେ ମାତ୍ର ୭ କିମି ରହିଥିଲା। ଏହାଦ୍ୱାରା ପୁଲିସ ପାଟ୍ରୋଲିଙ୍ଗ ଅଭାବରୁ ଦିନ ଦ୍ୱିପ୍ରହର ସମୟରେ ବାଇକ ଚାଳକଙ୍କୁ ଅଟକାଇ ଲୁଟପାଟ କରିବା ସହିତ ମରଣାନ୍ତକ ଆକ୍ରମଣ କରାଯାଉଥିବା ବେଳେ ଥାନାର ଦୂରତ୍ୱ ଅଧିକ ଥିବାରୁ ପାରିବାରିକ ହିଂସା,ଲୁଟପାଟ,ରାହାଜାନି ଓ ଡକାୟତି ଭଳି ଘଟଣାରେ ଅପରାଧୀମାନେ ଫେରାର ହୋଇ ଯିବାକୁ ସୁଯୋଗ ପାଉଛନ୍ତି। ଏହି ଦୃଷ୍ଟିରୁ ପୁଲିସ ବିଟ ହାଉସ ଖୋଲିବା ପାଇଁ ଅଭିଯୋଗକାରୀ ଶ୍ରୀ ସାହୁ ଦାବି କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ

ବାଲୁଗାଁ, ୨୦।୬ (ସମିସ): ଚିଲିକା ବ୍ଲକ ସିଙ୍ଗେଶ୍ୱର ପଞ୍ଚାୟତ ଧୂଆଁଳ ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରମେଶଚନ୍ଦ୍ର ସାମାନ୍ତରାୟଙ୍କ ସଭାପତିତ୍ୱରେ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପରିଚାଳନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଶିଙ୍ଗେଶ୍ୱର ସରପଞ୍ଚ ସ୍ନେହଲତା ସେଠୀ, ମତ୍ସ୍ୟ ଅଧିକାରୀ ଆଲୋକ ସେଠୀ, ଏନଏସିର ଜେ.ଇ ବିମଳ ମିଶ୍ର ଓ ବାଲୁଗାଁ ଅଗ୍ନିଶମ ବିଭାଗର ରତ୍ନାକର ବାରିକ ଓ ରାଜେଶ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତାଲିମପ୍ରାପ୍ତ ସଂଗଠକ ସତ୍ୟନାରାୟଣ ସାହୁ ଉପସ୍ଥିତ ଧୂଆଁଳ ଗ୍ରାମ ସହ ଆଖପାଖ ଗ୍ରାମର ଯୁବଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ, ମହିଳା, ପୁରୁଷଙ୍କ ସମେତ ଜନସାଧାରଣଙ୍କୁ ତାଲିମ ଦେଇଥିଲେ। ବାଲୁଗାଁ ଅଗ୍ନିଶମ ବାହିନୀ ତରଫରୁ ବିଭିନ୍ନ କୌଶଳମାନ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ବିଶ୍ୱଜିତ ଦାଶ ସହଯୋଗ କରିଥିଲେ।

# ଜାତୀୟ ଜୁନିୟର କରାଟେରେ ରୋହନଙ୍କୁ କାଂସ୍ୟ

ବାଲୁଁଗା, ୨୦।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଅନୁଷ୍ଠିତ ୪ର୍ଥ (କିଓ) ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତା ଚଳିତ ମାସରେ ୪ ଦିନ ଧରି ଚାଲିଥିବା ବେଳେ ବର୍ତ୍ତମାନ ଉଦଯାପିତ ହୋଇଯାଇଛି।



ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାରୁ ୫ଜଣ ପ୍ରତିଯୋଗୀ ଓଡ଼ିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିଥିବା ବେଳେ ବାଲୁଁଗା ଉତ୍କଳ କରାଟେ ସ୍କୁଲର କରାଟେକା ରୋହନ ସ୍ୱାଇଁ (୧୩) +୬୫ କେଜି ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କାଂସ୍ୟ ପଦକ ହାସଲ କରିବାରେ ସଫଳତା ଅର୍ଜନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା କରାଟେ ସଂଘର ସମ୍ପାଦକ ତଥା କୋଚ ଦୀପକ କୁମାର ସାମନ୍ତରାଙ୍କ ନିକଟରେ ରୋହନ କରାଟେ ପ୍ରଶିକ୍ଷଣ ନେଉଥିବା ବେଳେ ଏହି ପ୍ରତିଯୋଗିତା ରୋହନଙ୍କର ପ୍ରଥମ ଜାତୀୟ ପ୍ରତିଯୋଗିତା ଥିଲା। ଯେଉଁଥିରେ ସେ ଏଭଳି ସଫଳତା ପାଇଛନ୍ତି। ତେବେ ଆଗକୁ ଆହୁରି ନୂତନ ପ୍ରକାରର ପ୍ରଣାଳୀରେ ଟ୍ରେନିଂ କରାଇ ଆଗାମୀ ଦିନରେ ହେବାକୁ ଥିବା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି କୋଚ ଦୀପକ କହିଛନ୍ତି। ରୋହନଙ୍କ ଏହି ସଫଳତା ପାଇଁ ରାଜ୍ୟ କରାଟେ ସଂଘର ଅଧକ୍ଷ ହାନସି ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, ପରିବାର ବର୍ଗ, ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ଅଞ୍ଚଳର କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ

ଜଟଣୀ,୨୦।୬(ସମିସ): ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ମେମୋରିଆଲ୍ ପୁରସ୍କାର ପ୍ରଦାନ ଉତ୍ସବ ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଡ. ରାଜୀବ କୁମାର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୩-୨୪ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ରାଜନୀତି ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ରାକେଶ ବେହେରା, ପ୍ରଥମ, ପୁଜାଲିନ୍ ବାରିକ ଦ୍ୱିତୀୟ ଏବଂ ମନସ୍ମିତା ଦଳସିଂହ ତୃତୀୟଙ୍କୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ମେମୋରିଆଲ୍ ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ଜୁନିଅର ଆସିଷ୍ଟାଣ୍ଟ ପଦ ପାଇଁ ମନୋନୀତ ହୋଇଥିବା ରାଜନୀତି ବିଜ୍ଞାନ ବିଭାଗର ୨୦୧୮-୧୯ ଶିକ୍ଷାବର୍ଷର ପ୍ରାକ୍ତନ ଛାତ୍ର ଶ୍ରୀମାନ୍ କବିରାଜ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ବିଭାଗୀୟ ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ, ଶାନ୍ତିଲତା ସାହୁ ଓ ଦୀପସୁନ୍ଦର ବେହେରା ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସଙ୍କ ଭାରତୀୟ ତଥା ଓଡ଼ିଶା ରାଜନୀତି ବିଜ୍ଞାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ସେମିନାର ସେକ୍‌ରେଟାରୀ କୌଶଲ୍ୟା ପାହାଳ, ରାଜୀବ ସାହୁ, ଅର୍ଚ୍ଚିତା ସିଂହ ଏବଂ ଅଭୟ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଦୀପସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଈଗୋରୁଙ୍କ କବ୍‌ଜାରେ ନୂଆ ଜଗନ୍ନାଥ ସଡ଼କ; ଯାତ୍ରୀ ହନ୍ତସନ୍ତ

ନିରାକାରପୁର, ୨୦।୬(ସମିସ): ନୟାଗଡ଼ଠାରୁ ପୁରୀ ଆଡ଼କୁ ଯାଉଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ବର୍ତ୍ତମାନ ପଲ ପଲ ଗାଈଗୋରୁ; ଯାହା ଯାତ୍ରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି।



ରାସ୍ତା ଉପରେ ଗାଈଗୁହାଳ ସୃଷ୍ଟି ହୋଇଥିବାରୁ ଜଗନ୍ନାଥ ସଡ଼କ ଯାତ୍ରୀଙ୍କୁ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେବାକୁ ପଡୁଛି। କିଛି କିଛି ଏମିତି ଜାଗା ନୂଆ ଜଗନ୍ନାଥ ସଡ଼କରେ ରହିଛି, ବର୍ଷ ସାରା ଅଞ୍ଚଳର ବହୁ ସଂଖ୍ୟାରେ ଗାଈଗୋରୁ ଶୋଇ ରହି ପୁରୀ ନୂଆ ଜଗନ୍ନାଥ ସଡ଼କ ଯାତାୟାତ କରୁଥିବା ଯାନବାହାନ ଓ ଯାତ୍ରୀ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ଅନ୍ଧାରରେ ଗାଈଗୋରୁ ଶୋଇ ବିଭିନ୍ନ ସମୟରେ ଛୋଟମୋଟ ଦୁର୍ଘଟଣାର ସୂତ୍ରପାତ ମୁଖ୍ୟ କାରଣ ହେଉଛି। ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥଙ୍କ ରଥ ଯାତ୍ରା ଆଉ ମାତ୍ର ୬ ଦିନ ଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତ ଯାତ୍ରୀ ମାନଙ୍କ ଟୁରିଷ୍ଟ ଗାଡିମଟର ଶହ ଶହ ସଂଖ୍ୟାରେ ଏହି ରାସ୍ତା ଦେଇ ପୁରୀ ଯାଉଥିବାବେଳେ ଗାଈଗୋରୁଙ୍କ ରାସ୍ତା ଅବରୋଧ କାରଣରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋରୁ ମାଲିକମାନେ ଗାଈଗୋରୁ ରାସ୍ତା ଉପରକୁ ଛାଡ଼ି ଆରାମରେ ଘରେ ଶୋଉଥିବାବେଳେ ଏମାନେ ନିଜ ପାଇଁ ଓ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ରତାମାଟି ଛକ ଫୁଟ୍ ଓଭର୍‌ବ୍ରିଜ୍ କାହା ସ୍ୱାର୍ଥରେ?
# ଖର୍ଚ୍ଚ ହେବ, କାମରେ ଲାଗିବନି!

ନିରାକାରପୁର,୨୦।୬(ସମିସ): ଖୋର୍ଦ୍ଧା ଜିଲ୍ଲା ୧୬ନଂ ଜାତୀୟ ରାଜପଥ ରତାମାଟି ଛକରେ ବାରମ୍ବାର ଅଣ୍ଡରପାସ ନିର୍ମାଣ କରିବାକୁ ଦାବି କରାଯାଉଥିବାବେଳେ ଏବେ ଉକ୍ତ ସ୍ଥାନରେ ଫୁଟ ଓଭରବ୍ରିଜ ନିର୍ମାଣ ଆରମ୍ଭ କରାଯାଇଛି। ପାଖାପାଖି ପଞ୍ଚାୟତର ଲୋକେ ଅସନ୍ତୋଷ ପ୍ରକାଶ କରି ଏହାକୁ ବନ୍ଦ କରି ଅଣ୍ଡରପାସ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି।



ଏହି ରାଜପଥ କଲିକତାରୁ ଚେନ୍ନାଇକୁ ସଂଯୋଗ କରୁଛି। ଧୀରେ ଧୀରେ ଯାନବାହନ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ରାସ୍ତା ପରିବହନ ମନ୍ତ୍ରାଳୟ ତରଫରୁ ଏହାକୁ ୬ ଲାଇନ ବିଶିଷ୍ଟ ରାସ୍ତା କରିବା ସହିତ ପ୍ରାୟ ଜନଗହଳିପୂର୍ଣ୍ଣ ଛକଗୁଡିକରେ ଓଭରବ୍ରିଜ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ବିଭାଗ ତରଫରୁ କାର୍ଯ୍ୟକୁ ପ୍ରଦାନ କରାଯାଇଥିବା ଠିକା ସଂସ୍ଥା ତାର କାର୍ଯ୍ୟ ଆରମ୍ଭ କରିବା ସହିତ ବିଭିନ୍ନ ଛକ ଜାଗାରେ ଏଷ୍ଟିମେଣ୍ଟ ଅନୁଯାୟୀ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ପୂର୍ବରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ବିଭିନ୍ନ ଛକ ଜାଗାରୁ ନିଜ ନିଜ ଗ୍ରାମକୁ ଯାତାୟାତ ପାଇଁ କୌଣସି ପ୍ରତିବନ୍ଧକ ନ ଥିଲା। ବଡ଼ ବଡ ଛକଗୁଡିକରେ ଓଭରବ୍ରିଜ ନିର୍ମାଣ କରାଗଲା ଉକ୍ତ ଓଭରବ୍ରିଜଠାରୁ ଦେଢ଼ କିଲୋମିଟର ମଧ୍ୟରେ ଥିବା ସମସ୍ତ ଡିଭାଇଡର ରାସ୍ତାକୁ ମଝିରେ ସିମେଣ୍ଟ କଂକ୍ରିଟ ଦ୍ୱାରା ବନ୍ଦ କରାଯାଇଥିଲା। ଉକ୍ତ ସମୟରେ ବିଭିନ୍ନ ଗ୍ରାମବାସୀ ଏହାର ଘୋର ବିରୋଧ କରିଥିଲେ। ଏମିତି କି କିଛି ସ୍ଥାନରେ ଲୋକେ ରାଜନୈତିକ ଚାପ ସୃଷ୍ଟି କରି କେତେକ ସ୍ଥାନରେ ନିଜ ନିଜ ଛକରେ ନୂତନ ଓଭରବ୍ରିଜ ଓ ଅଣ୍ଡରପାସ ନିର୍ମାଣ କରିବାରେ ସଫଳ ହୋଇଥିଲେ। ଏମିତି କିଛି ଛୋଟ ଛୋଟ ଗୁରୁତ୍ୱପୂର୍ଣ୍ଣ ଛକ ରହିଗଲା ସେମାନେ ବର୍ତ୍ତମାନ ରାସ୍ତା ଅତିକ୍ରମ କରିବାକୁ ଅଣ୍ଡରପାସ ରାସ୍ତା ଅଧିକ ବାଟ ଓ ସମୟ ଅପଚୟ ହେଉଥିବା ସହ ବିପଦପୂର୍ଣ୍ଣ ଭାବେ ଗ୍ରାମ ନିକଟ ଛକ ଜାତୀୟ ରାଜପଥକୁ ଅତିକ୍ରମ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ଏହିପରି ବିପଦଜ୍ଜନକ ଭାବେ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅଧୀନସ୍ଥ ସରପାରୀ, ଅଚ୍ୟୁତପୁର, କମାଗୁରୁ ଓ ଟାଙ୍କଲ ୪ଟି ପଞ୍ଚାୟତବସୀ ରାସ୍ତା ପାଖ ହେଉଥିବା କାରଣରୁ ରାମେଶ୍ୱର ଅଣ୍ଡରପାସ ଉପରେ ନିର୍ଭର ନ କରି ଜାତୀୟ ରାଜପଥ ଅତିକ୍ରମ କରି ଗ୍ରାମକୁ ଯାତାୟାତ କରୁଛନ୍ତି। ସେମାନେ ବିପଦକୁ ଖାତିର ନକରି ନିଜ ନିଜର ସାଇକଲ, ମଟର ସାଇକଲକୁ ବନ୍ଦ ଡିଭାଇଡର ଉପରେ ଚଢ଼ାଇ ରାସ୍ତା ଅତିକ୍ରମ କରୁଛନ୍ତି ତ ଅନେକ ଲୋକ ଗ୍ରାମକୁ ଯିବାଆସିବା ରଙ୍ଗରୁଟରେ ଯାଉଛନ୍ତି। ଏହି ସବୁ ଛକ ଜାଗାରେ ନୂତନ ଅଣ୍ଡର ପାସ ନିର୍ମାଣ କରିବାକୁ ଦାବି କରୁଥିବାବେଳେ ଏବେ ନିର୍ମାଣ ହେଉଥିବା ଫୁଟ ବ୍ରିଜରେ କିପରି ଯାନବାହନ ନେଇ ଗ୍ରାମକୁ ଯାତାୟତ କରିବେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏଣେ ଧୀରେ ଧୀରେ ଫୁଟ ଓଭର ବ୍ରିଜ କାମ ଚାଲୁ ରହିଥିବାବେଳେ ଲୋକେ କହୁଛନ୍ତି ଟଙ୍କା ଖର୍ଚ୍ଚ ହୋଇ ଫୁଟଓଭର ବ୍ରିଜ ନିର୍ମାଣ ହେବ ସତ କିନ୍ତୁ କାର୍ଯ୍ୟରେ ସେମିତି ବେଶୀ କିଛି ବ୍ୟବହାର ହେବନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୬୬୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ କ୍ରିପ୍ଟୋ ଏକ୍ସଚେଞ୍ଜରେ ଇସ୍ରାଏଲ୍‌ର ସାଇବର ଆକ୍ରମଣ

# ଗୋଟିଏ ଝଟ୍‌କାରେ ୭୮୧ କୋଟି ଗାଏବ୍

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି)

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା କମିବାର ନାମ ନେଉନାହିଁ। ଦୁଇ ଦେଶ ମଧ୍ୟରେ ଦ୍ରୁତ ଆକ୍ରମଣ ଜାରି ରହିଛି। ଏହି ସମୟରେ ଇସ୍ରାଏଲ ଇରାନକୁ ଏପରି ଏକ ଝଟ୍‌କା ଦେଇଛି, ଯାହାର କଳ୍ପନା ମଧ୍ୟ କରିପାରିବନାହିଁ। ଏଥିରେ ଇରାନର ପ୍ରାୟ ୭୮୧ କୋଟି ଟଙ୍କା ଗୋଟିଏ ମୁହୂର୍ତ୍ତରେ ଗାଏବ ହୋଇଯାଇଛି।

ବାସ୍ତବରେ ଇସ୍ରାଏଲର ହ୍ୟାକରମାନଙ୍କର ଏକ ଗୋଷ୍ଠୀ ଇରାନର କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରୁ ୯ କୋଟି ଡଲାର ବା ପ୍ରାୟ ୭୮୧ କୋଟି ଟଙ୍କା ଉଡାଇ ନେଇଛନ୍ତି। ବ୍ଲକଚେନ୍ ବିଶ୍ଳେଷକ ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଇସ୍ରାଏଲ ସହିତ ଜଡିତ ଜଣେ ହ୍ୟାକର ଇରାନର ସବୁଠାରୁ ବଡ଼ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ 'ନୋବିଟେକ୍ସ'ରୁ ୯ କୋଟି ଡଲାରରୁ ଅଧିକ




ଅର୍ଥ ଚୋରି କରିନେଇଛି। ହ୍ୟାକିଂ ଘଟଣାକୁ ସ୍ୱୀକାର କରିଥିବା ଏକ ଗୋଷ୍ଠୀ ଗୁରୁବାର ନୋବିଟେକ୍ସର ସମ୍ପୂର୍ଣ୍ଣ ସୋର୍ସ କୋଡ୍ ପ୍ରକାଶ କରିଛି। ଗୋଷ୍ଠୀ ତାର ଟେଲିଗ୍ରାମ ଆକାଉଣ୍ଟରେ ଲେଖିଛି, ନୋବିଟେକ୍ସରେ ଥିବା ସମ୍ପତ୍ତି ଏବେ ସମ୍ପୂର୍ଣ୍ଣ ସାର୍ବଜନୀନ। ଗତ ସପ୍ତାହରୁ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ସାଇବର ଆକ୍ରମଣ ହୋଇଛି। ବ୍ଲକଚେନ୍ ବିଶ୍ଳେଷକ ଫାର୍ମ ଏଲିପ୍ଟିକ୍ ଏକ ବ୍ଲଗରେ କହିଛି ଯେ ନୋବିଟେକ୍ସରୁ ଚୋରି ହୋଇଥିବା ଟଙ୍କା ଇରାନର ରିଭଲ୍ୟୁସନରୀ ଗାର୍ଡକୁ ସମାଲୋଚନା କରୁଥିବା ମେସେଜ୍ ସହିତ ଜଡିତ ଠିକଣାଗୁଡ଼ିକୁ ପଠାଯାଇଥିଲା।

ଏଲିପ୍ଟିକ୍ କହିଛି ଯେ ଏହି ସାଇବର ଆକ୍ରମଣ ସମ୍ଭବତଃ ଆର୍ଥିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ଏକ ରାଜନୈତିକ ବାର୍ତ୍ତା ପଠାଇବାର ପ୍ରୟାସ ଥିଲା। ପ୍ରକୃତରେ, ହ୍ୟାକର୍ସମାନେ ଯେଉଁ ଆକାଉଣ୍ଟଗୁଡ଼ିକୁ ଟଙ୍କା ପଠାଇଥିଲେ ସେମାନେ ନୋବିଟେକ୍ସକୁ ଏକ ରାଜନୈତିକ ମେସେଜ୍ ପଠାଇବା ପାଇଁ ଏହି କ୍ରିପ୍ଟୋକରେନ୍ସିକୁ ସମ୍ପୂର୍ଣ୍ଣ ଭାବରେ ପ୍ରଚଳନରୁ ହଟାଇ ଦେଇଛନ୍ତି। ହ୍ୟାକର ଗୋଷ୍ଠୀ 'ଗୋଞ୍ଜେସ୍କେ ଦାରାଣ୍ଡେ' ଏକ୍ସ'ରେ ଏକ ପୋଷ୍ଟରେ ଏହି ଆକ୍ରମଣ ନେଇ ଦାବି କରିଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି ଯେ, ଏହାର ଆପ୍ ଏବଂ ୱେବସାଇଟ୍ କାମ କରୁନାହିଁ କାରଣ ଏହା ଏହାର ସିଷ୍ଟମରେ ଅନଧିକୃତ ପ୍ରବେଶ ହୋଇଛି। ଚୈନାଲିସିସ୍ ଫାର୍ମର ଜାତୀୟ ସୁରକ୍ଷା ଗୁପ୍ତଚର ମୁଖ୍ୟ ଆଣ୍ଡ୍ରୁ ଫର୍ମାନ୍ କହିଛନ୍ତି ଯେ ନୋବିଟେକ୍ସ ଏକ୍ସଚେଞ୍ଜରେ ଥିବା ବିଟ୍ କଏନ୍, ଇଥେରିୟମ୍, ଡୋଗେକଏନ୍ ଏବଂ ଅନ୍ୟାନ୍ୟ ଅନେକ କ୍ରିପ୍ଟୋକରେନ୍ସି ଏହି ସାଇବର ଆକ୍ରମଣର ଶିକାର ହୋଇଛି। ସେ କହିଛନ୍ତି ଯେ ଇରାନର କ୍ରିପ୍ଟୋକରେନ୍ସି ବଜାରର ତୁଳନାତ୍ମକ ଭାବରେ ଛୋଟ ଆକାରକୁ ଦୃଷ୍ଟିରେ ରଖି ଏହି ଉଲ୍ଲଂଘନ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଏଲିପ୍ଟିକ୍ ଦାବି କରିଛି ଯେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ସମ୍ପର୍କୀୟମାନେ ଏହି କ୍ରିପ୍ଟୋ ଏକ୍ସଚେଞ୍ଜ ସହିତ ଜଡିତ ଥିଲେ ଏବଂ ନିଷିଦ୍ଧ ରିଭୋଲ୍ୟୁସନାରୀ ଗାର୍ଡର ଲୋକମାନେ ମଧ୍ୟ ନୋବିଟେକ୍ସ ବ୍ୟବହାର କରିଥିଲେ।

■ ଅହମଦାବାଦ ବିମାନ ଦୁର୍ଘଟଣା ପରେ

## ଏୟାର ଇଣ୍ଡିଆ ଟିକଟ ବୁକିଂ ୨୦% ହ୍ରାସ

ମୁମ୍ବଇ,୨୦।୬(ଏଜେନ୍ସି): ଗୁଜରାଟର ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସ ପ୍ରତି ଯାତ୍ରୀଙ୍କ ଆସ୍ଥା ତୁଟିଯାଇଛି। ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଘରୋଇ ଓ ଅନ୍ତର୍ଜାତୀୟ ଉଡାଣ ବୁକିଂରେ ୨୦% ହ୍ରାସ ଘଟିଛି। ଇଣ୍ଡିଆନ ଆସୋସିଏସନ ଅଫ ଟୁର ଅପରେଟର୍ସ (ଆଇଏଟିଓ) ପକ୍ଷରୁ ଏହା କୁହାଯାଇଛି। ଏମିତିକି




ଏହି ଘଟଣା ପରେ ଅନ୍ତର୍ଜାତୀୟ ରୁଟରେ ୧୮-୨୨% ଓ ଘରୋଇ ମାର୍ଗରେ ୧୦-୧୨% କମ୍ପାନୀର ବୁକିଂ ହ୍ରାସ ପାଇଛି। ଏହି ହ୍ରାସ ସ୍ୱଳ୍ପ କାଳୀନ ଓ ମନୋବୈଜ୍ଞାନିକ କାରଣରୁ ବୋଲି ଅନୁମାନ କରାଯାଉଛି। ତେବେ ଏହାର ପ୍ରଭାବ ଏୟାରଲାଇନ୍ସର ଛବି ଓ ରାଜସ୍ୱ ଉପରେ ପଡୁଛି।

ଟିକଟ ବୁକିଂରେ ଏପରି ହ୍ରାସ ଦେଖି ଏୟାର ଇଣ୍ଡିଆ ଏହାର ମୁଖ୍ୟ ରୁଟ୍‌ଗୁଡିକରେ ଭଡ଼ା ହ୍ରାସ କରିଛି। ଆଇଏଟିଓ ଅନୁସାରେ ଘରୋଇ ରୁଟ୍‌ରେ ହାରାହାରି ୮-୧୨% ଓ ଦକ୍ଷିଣ-ପୂର୍ବ ଏସିଆ ଭଳି ଅନ୍ତର୍ଜାତୀୟ ରୁଟ୍ ନିମନ୍ତେ ୧୦-୧୫% ପର୍ଯ୍ୟନ୍ତ ଭଡ଼ା ହ୍ରାସ କରାଯାଇଛି। ଘରୋଇ କ୍ଷେତ୍ରରେ ଏୟାର ଇଣ୍ଡିଆର ବ୍ୟବସାୟିକ ପ୍ରତିଯୋଗିତା ଇଣ୍ଡିଗୋ ଓ ଆକାସା ଏୟାର ଲାଇନ୍ସ ଭଳି ଶସ୍ତା ବିମାନ କମ୍ପାନୀଙ୍କ ସହ ରହିଛି। ଏଣୁ ଭଡ଼ା ହ୍ରାସକୁ ଯାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ବୋଲି ଅନୁମାନ କରାଯାଉଛି। ତେବେ ଏୟାର ଇଣ୍ଡିଆର କେବଳ ଟିକେଟ ବୁକିଂ ହ୍ରାସ ହୋଇ ନାହିଁ, ଟିକେଟ୍ ନେବା ପରେ ଲୋକେ ରଦ୍ଦ କରିବା ମଧ୍ୟ ବଢାଇ ଦେଇଛନ୍ତି। ବିଶେଷ କରି କର୍ପୋରେଟ ଯାତ୍ରୀ ଓ ପ୍ରିମିୟମ ସେଗମେଣ୍ଟ ଯାତ୍ରୀ ବିକଳ୍ପ ଏୟାରଲାଇନ ବାଛୁଛନ୍ତି। ଆଇଏଟିଓ ଅନୁସାରେ ଅନ୍ତର୍ଜାତୀୟ ଟିକେଟ୍ ରଦ୍ଦ ହେବା ମାମଲା ୧୫-୧୮% ବୃଦ୍ଧି ହୋଇଛି।

## ମାଲାବାର ଗୋଲ୍ଡରେ 'ଆର୍ଟିଷ୍ଟ୍ରୀ ସୋ'ର ଶୁଭାରମ୍ଭ



ସମ୍ବଲପୁର,୨୦।୬(ସମିସ): ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ସମ୍ବଲପୁରରେ ଶୁକ୍ରବାର 'ଆର୍ଟିଷ୍ଟ୍ରୀ ସୋ'ର ଶୁଭାରମ୍ଭ କରାଯାଇଛି। ସମ୍ବଲପୁର ଶୋ'ରୁମ୍‌ରେ ଚଳିତମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ବିଭିନ୍ନ ଡିଜାଇନର କଳା ପ୍ରଦର୍ଶିତ ହେବ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ଏକ ବ୍ୟାପକ ପରିସର ସହିତ ହସ୍ତଶିଳ୍ପ ଅଳଙ୍କାରକୁ ଅଧିକ ଗୁରୁତ୍ୱ ଦିଆଯିବ। ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର ସରୋଜିନୀ ପ୍ରସନ କୁଲ୍ଲୁ ଏବଂ ଶାଖାର କର୍ମଚାରୀଙ୍କ ଦ୍ୱାରା ପ୍ରଦର୍ଶନୀ ଶୁଭାରମ୍ଭ ହୋଇଥିଲା। ଏହି 'ଆର୍ଟିଷ୍ଟ୍ରୀ ସୋ'ରେ ଏରା ଅନକଟ୍ ହୀରା, ଜେମ୍‌ସ ଷ୍ଟୋନ ଅଳଙ୍କାର, ଏଥ୍‌ନିକ୍ସକ୍ ହ୍ୟାଣ୍ଡିକ୍ରାଫ୍ଟ ଅଳଙ୍କାର, ଭିରାଜ ରୟାଲ୍ ପୋଲ୍‌କି ଅଳଙ୍କାର ଇତ୍ୟାଦି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏଥିରେ ଗ୍ରାହକଙ୍କ ସର୍ବୋଚ୍ଚ ଗୁଣବତ୍ତା, ପବିତ୍ରତା ଏବଂ ଉଚିତ ମୂଲ୍ୟର ନିଶ୍ଚିତତା ଉପରେ ଗୁରୁତ୍ୱ ଦିଆଯାଉଥିବା ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି। ମାଲାବାର ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରସିଦ୍ଧ।


## ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୦।୬(ଏଜେନ୍ସି)

**୨୦୨୬ରୁ ହେବ ଲାଗୁ**

ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ଅନୁଯାୟୀ, ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀରୁ ଦେଶରେ ସବୁ ନବ ନିର୍ମିତ ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ (ଏବିଏସ୍)କୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ସ୍କୁଟର, ମୋଟରସାଇକେଲ ଓ ବାଇକ୍ ସାମିଲ ହେବ। ଏହାବ୍ୟତୀତ, ମନ୍ତ୍ରଣାଳୟ ଏକ ନିୟମ ଲାଗୁ କରିବାକୁ ପ୍ରସ୍ତୁତି କରୁଛି, ଯାହା ଅନୁସାରେ ସବୁ ଟୁ-ହ୍ୱିଲର ନିର୍ମାତା ଓ ଡିଲରସିପ୍‌କୁ ପ୍ରତି ନୂଆ ଗାଡ଼ି ସହ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ଦ୍ୱାରା ପ୍ରମାଣିତ ଦୁଇ ହେଲମେଟ୍ ଉପଲବ୍ଧ କରାଇବାକୁ ହେବ।

ସରକାରୀ ଅଧିକାରୀଙ୍କ କହିବାନୁସାରେ, ଏହି ପ୍ରୟାସ ଭାରତରେ ସଡ଼କ ଦୁର୍ଘଟଣା ଗୁଡ଼ିକରେ ହେବାକୁ ଥିବା ମୃତ୍ୟୁ ସଂଖ୍ୟାକୁ କମ୍ କରିବାରେ ମହତ୍ୱପୂର୍ଣ୍ଣ ହେବ। ନ୍ୟୁଜ୍ ୱେବସାଇଟ୍ ବିଜନେସ୍ ଟୁଡେରେ ପ୍ରକାଶିତ ଏକ ଖବର ଅନୁସାରେ, ଟୁ-ହ୍ୱିଲର ଚାଳକଙ୍କ ସଡ଼କ ଦୁର୍ଘଟଣାରେ ହେବାକୁ ଥିବା ମୃତ୍ୟୁରେ ପାଖାପାଖି ୪୪ ପ୍ରତିଶତ ପାର୍ଟନରସିପ୍ ରହିଛି। ଏଥିରୁ ଅଧିକାଂଶ ମୃତ୍ୟୁ ମୁଣ୍ଡର ସୁରକ୍ଷାର ଅଭାବରେ ହେବାକୁ ଥିବା ଗୁରୁତର ଆଘାତ ସହ ଜଡ଼ିତ। ପରିବହନ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ ଏବିଏସ କେବଳ ୧୨୫ ସିସିରୁ ଉପରେ ବାଇକ୍‌ରେ ବାଧ୍ୟତାମୂଳକ ହେବ। ଏଥିରୁ ଅଧିକାଂଶ ଯାନ ୭୦ କି.ମି / 




ଘଣ୍ଟାରୁ ଅଧିକ ଗତିରେ ଯାତ୍ରା କରି ପାରିବେ , ଏହା ସୁନିଶ୍ଚିତ କରିବା ମହତ୍ତ୍ୱପୂର୍ଣ୍ଣ ଯେ, ସ୍କିଡିଂ ଓ ଦୁର୍ଘଟଣାକୁ ରୋକିବା ପାଇଁ ଭଲ ବ୍ରେକିଂ ସିଷ୍ଟମ ରହିଥିବ। ଏବିଏସକୁ ଜରୁରିକାଳୀନ ବ୍ରେକିଂ ସ୍ଥିତି ବେଳେ ହ୍ୱିଲ୍ ଲକ୍-ଅପ୍‌କୁ ରୋକିବା ପାଇଁ ଡିଜାଇନ କରାଯାଇଛି। ବିଶେଷକରି ଓଦା ବା ଅସମାନ ରାସ୍ତାରେ ଏହାର ମହତ୍ତ୍ୱ ଖୁବ୍ ବଢାଯାଏ। ଅନେକ ଅଧ୍ୟୟନରୁ ସଙ୍କେତ ମିଳିଥାଏ ଯେ, ଏବିଏସ ଦୁର୍ଘଟଣାର ବିପଦକୁ ୩୫-୪୫ ପ୍ରତିଶତ ଯାଏ ହ୍ରାସ କରି ପାରେ। ନୂଆ ନିୟମକୁ ଆଗାମୀ ଦିନରେ ସୂଚିତ କରାଯିବାର ଆଶା ରହିଛି।

## ବଜାଜ୍ ଆଲିଆଞ୍ଜର ନୂଆ ସ୍ୱାସ୍ଥ୍ୟ ବୀମା 'ଆପଣଙ୍କ ପାଇଁ'ର ଶୁଭାରମ୍ଭ

ମୁମ୍ବଇ,୨୦।୬: ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ ଆପଣଙ୍କ ପାଇଁ ନାମକ ଏକ ନୂଆ ହେଲ୍ଥ ଇନସ୍ୟୁରାନ୍ସ ପ୍ରୋଡକ୍ଟ ପ୍ରସ୍ତୁତ କରିଛି। ଏହା ଓଡ଼ିଶାର ଲୋକମାନଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଆହ୍ୱାନ, ଖର୍ଚ୍ଚ ଏବଂ ଚିକିତ୍ସାର ଉପଲବ୍ଧତା ବିଭିନ୍ନ କ୍ଷେତ୍ରରେ ପୃଥକ୍ ହୋଇଥାଏ, ଏହି ବିଷୟକୁ ବୁଝି ବଜାଜ୍ ଆଲିଆଞ୍ଜ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରକାରର ପ୍ଲାନ୍ ବଦଳରେ ପର୍ସନାଲାଇଜଡ୍ କଭରେଜ୍ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି। ଏହି ପ୍ଲାନ୍ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଡାକ୍ତରଖାନାର ଭିତିଭୂମି ଓ ସୁଲଭତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୁଲଭତା ଏବଂ ଆକ୍ସେସିବିଲିଟି କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଆପଣଙ୍କ ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବିଶେଷ ଭାବରେ କଷ୍ଟମାଇଜ୍ ହୋଇଥିବା ପ୍ରିମିୟମ ସହିତ ବ୍ୟାପକ କଭରେଜ୍ ପ୍ରଦାନ କରିଥାଏ। ଏହି ପଲିସି ଉଭୟ ବ୍ୟକ୍ତିଗତ ଏବଂ ଫ୍ଲୋଟର ପ୍ରକାରରେ ଉପଲବ୍ଧ ରହିଛି, ଯାହା ଏହାକୁ ବ୍ୟକ୍ତିଗତ ବ୍ୟବହାର ଓ ପରିବାର ପାଇଁ ଏକ ଆଦର୍ଶ ସମାଧାନ କରିଥାଏ। ଏଥିରେ ୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ ଚୟନ କରିବାର ବିକଳ୍ପ ରହିଛି, ଯାହାଫଳରେ ଯୁବ ପ୍ରୋଫେସନାଲଙ୍କ ଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ହେଲ୍ଥ କଭର୍ ପ୍ରାପ୍ତ କରିପାରିବେ।

● ବିଶ୍ୱ ସଙ୍ଗୀତ ଦିବସ

## ଆମାଜନ୍‌ର ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୦।୬

ଚଳିତ ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତପ୍ରେମୀଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ନେଇ ଆସିଛି ଆମାଜନ। ଏହି ଅଫର ସମୟରେ ଗ୍ରାହକମାନେ ଆମାଜନ.ଇନରେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ଶ୍ରେଷ୍ଠ ଡିଲ୍‌ର ଲାଭ ଉଠାଇପାରିବେ। ଗ୍ରାହକମାନେ ବୋଟ୍, ଜେବିଏଲ୍, ନଏଜ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡର ହେଡଫୋନ୍, ସ୍ପିକର, ସାଉଣ୍ଡବାର୍ ଏବଂ ସଙ୍ଗୀତ ଉପକରଣ ସମେତ ବିଭିନ୍ନ ଉତ୍ପାଦ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏହା ସହିତ ଗ୍ରାହକମାନେ ଏସବିଆଇ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ସର୍ବାଧିକ ୧,୨୫୦ ଟଙ୍କା ସଂଚୟ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ (ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ)। ଏହି ଅଫରଗୁଡ଼ିକ ୨୧ ଜୁନ୍ ୨୦୨୫ରୁ ଆରମ୍ଭ ହେଉଛି।

## ଏସିଆନ୍ ପେଣ୍ଟସ୍‌ର 'ରୋୟାଲ୍ ଗ୍ଲିଟ୍ଜ – ଟ୍ରିବ୍ୟୁଟ୍ ଟୁ ଓଡିଶା' ସ୍ପେସିଆଲ୍ ଏଡିସନ୍ ପ୍ୟାକ୍

ଭୁବନେଶ୍ୱର,୨୦।୬(ଏଜେନ୍ସି): ଓଡିଶାରେ ପାରମ୍ପରିକତା କେବଳ ସଂରକ୍ଷିତ ହୋଇନଥାଏ, ସେହିଟି ଲୋକଙ୍କ ଦୈନନ୍ଦିନ ଜୀବନ, ପାର୍ବଣ, ଓ ଅଭିବ୍ୟକ୍ତିର ଅଂଶ ଅଟୁଟ ଭାବରେ ରହିଛି। ଘୁମୁରା ନୃତ୍ୟର ଗାମ୍ଭୀର୍ଯ୍ୟପୂର୍ଣ୍ଣ ପଦକ୍ଷେପରୁ ଆରମ୍ଭ କରି ପୁରାତନ ମନ୍ଦିରଗୁଡ଼ିକର ଅଦ୍ଭୁତ ସୌନ୍ଦର୍ଯ୍ୟ ଓ ଓଲିଭ୍ ରିଡ୍ଲି କଚ୍ଛପମାନଙ୍କର ସମୁଦ୍ରତଟୀୟ ଆକର୍ଷଣ—ଓଡିଶା ଏପରି ଅନେକ ପ୍ରେରଣାଦାୟକ କଥାରେ ଭରିଛି। ଏହି ବିଶେଷ ସଂସ୍କୃତିକୁ ସମ୍ମାନ ଜଣେଇବା ପାଇଁ, ଭାରତର ଅଗ୍ରଣୀ ପେଣ୍ଟ୍ ଏବଂ ଡେକର୍ ବ୍ରାଣ୍ଡ ଏସିଆନ୍ ପେଣ୍ଟସ୍ ତାଙ୍କର ରୋୟାଲ୍ ଗ୍ଲିଟ୍ଜ ଲକ୍ସୁରୀ ରେଞ୍ଜରେ 'ଟ୍ରିବ୍ୟୁଟ୍ ଟୁ ଓଡିଶା' ନାମକ ଏକ ଆକର୍ଷଣୀୟ ନୂଆ ବିଶେଷ ଏଡିସନ୍ ଉନ୍ମୋଚନ କରିଛି। ଏହି ପ୍ୟାକ୍ ତାହାର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରେ। ଏହି ବିଶେଷ ପ୍ୟାକ୍‌ର ଡିଜାଇନ୍ ଗୁଡିକ ପଟ୍ଟଚିତ୍ରରୁ ପ୍ରେରିତ—ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପ ଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ଚିତ୍ରକଳା ଓଡିଶାର ଅସଲ ଆତ୍ମାକୁ ପ୍ରତିବିମ୍ବିତ କରେ। ଏହି ପ୍ୟାକ୍‌ରେ ଶାଳୀନ ଓଡିଶୀ ନୃତ୍ୟ, ଶକ୍ତିଶାଳୀ ହୀରାକୁଦ୍ ବନ୍ଧ ଓ ପ୍ରସିଦ୍ଧ କୋଣାର୍କ ଚକ୍ର ପରି ଅନେକ ଉଲ୍ଲେଖନୀୟ ଅଂଶ ସାମିଲ୍ ଅଛି। ପ୍ରତ୍ୟେକ ପ୍ରତୀକ ଓଡିଶାର ଓ ଅବିନାଶୀ ଆତ୍ମା ପାଇଁ ଏକ ଅର୍ଥପୂର୍ଣ୍ଣ ସମ୍ମାନ। ଏହି ଲଞ୍ଚ ଏସିୟାନ୍ ପେଣ୍ଟସ୍‌ର ସେଇ ଚେଷ୍ଟାର ଅଂଶ ଯାହା ଭାରତର ପ୍ରତ୍ୟେକ ଅଞ୍ଚଳର ସଂସ୍କୃତିକୁ ଉତ୍ସବରେ ପରିଣତ କରିବା ଓ ଗ୍ରାହକଙ୍କ ସହିତ ଭାବନାଗତ ସମ୍ପର୍କ ଗଢ଼ିବାର ଉଦ୍ଦେଶ୍ୟ ରଖେ। ଓଡିଶା ଏହି ଉଦ୍ୟମ ପାଇଁ ସର୍ବୋତ୍ତମ ପସନ୍ଦ, କାରଣ ଏଠାରେ ସମୃଦ୍ଧ ପାରମ୍ପରିକତା, ଆଧୁନିକ ଚିନ୍ତାଧାରା ଓ ଲକ୍ଷ୍ୟଣୀୟ ଭାବେ ବୃଦ୍ଧି ପାଉଥିବା ଆଲଙ୍କାରିକ ଡିଜାଇନ୍ ପ୍ରତି ଆଗ୍ରହ ଅଛି। "ଏସିୟାନ୍ ପେଣ୍ଟସ୍ ରେ ଆମେ ଏହି ବିଶ୍ୱାସ କରୁଛୁ ଯେ ପ୍ରତ୍ୟେକ ରାଜ୍ୟ କେବଳ ଏକ ବଜାର ନୁହେଁ, ଏହା ଏକ ଜୀବନ୍ତ କାହାଣୀ। ଆମର 'ରୋୟାଲ୍ ଗ୍ଲିଟ୍ଜ - ଟ୍ରିବ୍ୟୁଟ୍ ଟୁ ଓଡିଶା' ପ୍ୟାକ୍ ହେଉଛି ଓଡିଶାର କଳା, ଆଧ୍ୟାତ୍ମିକ ଶକ୍ତି ଓ ସଂସ୍କୃତିର ଏକ ଉତ୍ସବ।

## ବିକାଶରେ ଅଧ୍ୟାପକ ବିକାଶ କର୍ମଶାଳା 'ଏଡୁକନ୍-୨୦୨୫' ଉଦ୍‌ଯାପିତ




ବରଗଡ଼,୨୦।୬(ସମିସ)

ବିକାଶ ହାୟର୍ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଦୁଇଦିନ ବ୍ୟାପି ଚାଲିଥିବା ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ' ଏଡୁକନ୍ ୨୦୨୫' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ ଭବାନୀପାଟଣା, ବିଦ୍ୟା ବିକାଶ ଗ୍ରୁପ୍ ସମ୍ବଲପୁର ଏବଂ ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ, ବରଗଡ଼ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ଅଧ୍ୟାପକ ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାର ଲକ୍ଷ୍ୟ ଉଚ୍ଚ ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଅଧ୍ୟାପକ-ଅଧ୍ୟାପିକାଙ୍କ ପାଇଁ ଅଭିନବ କୌଶଳ ଏବଂ ଶିକ୍ଷାଶୈଳୀ ଉପରେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରିବା। ବିକାଶ ବରଗଡ଼, ଭବାନୀପାଟଣା ଏବଂ ସମ୍ବଲପୁର କ୍ୟାମ୍ପସ୍‌ରୁ ୧୫୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରିଥିବା ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ର. ଡ. ମଧୁମିତା ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ର. ଡ. ଭିକାରୀ ଚରଣ ଗୁରୁ ଏବଂ ଏ.ଆଇ. ପି.ଏଚ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ର. ଡ. ଜ୍ୟୋତିର୍ମୟ ମହାପାତ୍ର ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷାନୀତି, ଗୁରୁ-ଶିଷ୍ୟ-ଅଭିଭାବକଙ୍କ ତ୍ରୈକୋଣୀୟ ମାନବୀୟ ସମ୍ବନ୍ଧ, ଅଭିନବ ଶିକ୍ଷା ପଦ୍ଧତି ତଥା ଗୁଣାତ୍ମକ ଉଚ୍ଚଶିକ୍ଷା କିପରି ବିକାଶୋନ୍ମୁଖୀ ହୋଇପାରିବ ତାହା ଏଡୁକନ୍-୨୦୨୫ ପ୍ରଥମ ଦିବସର ବିଷୟବସ୍ତୁ ଥିଲା। ଉଦ୍‌ଯାପନୀ ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ନାଗେଶ୍ୱରରାଓ, ବିଦ୍ୟା ବିକାଶ ଗ୍ରୁପ୍‌ର ସିଏମ୍‌ଡି ଜି. ଭାସ୍କରରାଓ, ଲକ୍ଷ୍ମୀ ବିକାଶ ଭବାନୀପାଟଣା ଡାଇରେକ୍ଟର ଦାସରୀ ଶ୍ୟାମ, ଦାସରୀରାମ, ଦାସରୀ ପଦ୍ମିନୀ ବିକାଶ କର୍ତ୍ତୃପକ୍ଷ ଭାବେ ଉପସ୍ଥିତ ଥିଲେ। ବିକାଶ ହାୟର୍ ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ସିଇଓ ଇଂ ଅଜୟ ମହାପାତ୍ର ସାଗତ ଭାଷଣ ଦେଇଥିବାବେଳେ ଶ୍ରୀରାଓ ଏବଂ ଡି.ରାମ ଏଡୁକନ୍‌ର ଲକ୍ଷ୍ୟ ଉପରେ ମତ ରଖିଥିଲେ। ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ, ପ୍ର. ସତ୍ୟବ୍ରତ ମିଶ୍ର ଏବଂ ଡ. ଆଦିତ୍ୟ ପଟ୍ଟନାୟକ ପ୍ରଥମ ଦିବସରେ ଅତିଥି ପରିଚୟ ପ୍ରଦାନ କରିଥିଲେ।

■ ସେୟାର ବଜାରକୁ ଫେରିଲା ଉତ୍ସାହ

## ଦିନକରେ ୧୦୦୦ ପଏଣ୍ଟ ଉଠିଲା ସେନ୍‌ସେକ୍ସ

ମୁମ୍ବଇ,୨୦।୬(ଏଜେନ୍ସି)

କେତେକ ବୈଶ୍ୱିକ କାରଣ ଯୋଗୁ ମାନ୍ଦାବସ୍ଥାର କଳା ବାଦଲ ଘୋଟିଯାଇଥିବା ଘରୋଇ ସେୟାର ବଜାରରେ ଆଜି ଉତ୍ସାହ ଫେରିଆସିଛି। ଫଳସ୍ୱରୂପ ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୦୦୦ ପଏଣ୍ଟରୁ ଅଧିକ ବୃଦ୍ଧି ଘଟିଛି। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ସହ କେତେକ ଘରୋଇ କାରଣ ଯୋଗୁ ସେନ୍‌ସେକ୍ସରେ ଏଭଳି ହ୍ରାସ ଦେଖିବାକୁ ମିଳିଛି।

ଶୁକ୍ରବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୦୪୬ (୧୦୪୬.୩୦) ପଏଣ୍ଟ ବା ୧.୨୯ ପ୍ରତିଶତ ବୃଦ୍ଧି ଘଟି ୮୨,୪୦୮.୧୭ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୩୧୯ (୩୧୯.୧୫) ପଏଣ୍ଟ ବା ୧.୨୯ ପ୍ରତିଶତ ବୃଦ୍ଧି ଘଟି ୨୫,୧୧୨.୪୦ ପଏଣ୍ଟରେ କାରବାର ଶେଷ ହୋଇ ୨୫,୧୦୦ ପଏଣ୍ଟ ଉପରକୁ ଉଠି ରେକର୍ଡ କରିଛି। ଇରାନ୍-ଇସ୍ରାଏଲ୍ ଯୁଦ୍ଧରେ ଆମେରିକା ସପ୍ରତ୍ୟେକ୍ଷ ଭାବେ ସାମିଲ ହେବେ କି ନାହିଁ ସେଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇ ସପ୍ତାହ ସମୟ ନେବା ସମ୍ପର୍କିତ ଖବର ନିବେଶକମାନଙ୍କୁ ଆଶ୍ୱସ୍ତ କରିଥିଲା। ଶୁକ୍ରବାର କାରବାରରେ ବ୍ୟାଙ୍କିଙ୍ଗ୍, ରିଅଲ୍ଟି, ମେଟାଲ ଏବଂ ଆର୍ଥିକ ସେବା ଆଦି କ୍ଷେତ୍ରର ସେୟାର ମୂଲ୍ୟରେ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୯-ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ସ୍ଥାପନା କରାଗଲା।
- ୧୯୭୫- ୱେଷ୍ଟଇଣ୍ଡିଜ୍ ପ୍ରଥମ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।
- ୧୯୯୧-ପି.ଭି ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୨- ୟୁରୋପୀୟ ୟୁନିଅନ୍‌ର ୧୫ଜଣ ରାଷ୍ଟ୍ରାଧ୍ୟକ୍ଷଙ୍କୁ ନେଇ ସ୍ପେନ୍‌ରେ ବୈଠକ ଆରମ୍ଭ ହେଲା।
- ୨୦୦୯ - ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ୍ ‘ସୁପର୍ ସିରିଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ’ ଜିତିଲେ।



# ସଙ୍ଗୀତକୁ ସମର୍ପିତ ଦିନଟିଏ

ମଣିଷ ଜୀବନ ପାଇଁ ସଙ୍ଗୀତ ଈଶ୍ୱରଙ୍କ ପ୍ରଦତ୍ତ ଏକ ସୁନ୍ଦର ଉପହାର। ଏହା ମଣିଷର ସୁଖଦୁଃଖର ଚିରସହଚର। ସଙ୍ଗୀତ ହେଉଛି ଜୀବନ ଆଉ ସାଧନ। ସେଥିପାଇଁ କୁହାଯାଏ, ସାତ ସୂରେ ବନ୍ଧା ଏ ଜୀବନ। ସଙ୍ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ମଣିଷର ସୃଜନୀ ଶକ୍ତିର ବିକାଶ ସହ ସମାଜରେ ଶାନ୍ତି ଓ ମୈତ୍ରୀ ଚେତନାର ପ୍ରସାର ଦିଗରେ ଅନେକ ଭାବରେ ସହଯୋଗ କରେ। ବିଭିନ୍ନ କାଳ୍ପନିକ କଥା ତଥା ଭାବନାକୁ ଶବ୍ଦରେ ପରିଣତ କରି ପରିବେଷଣ କରାଯାଉଥିବା ସଙ୍ଗୀତ ସବୁ ସମୟରେ ମନକୁ ଆନନ୍ଦ ଦିଏ। ସଙ୍ଗୀତର ଗୁରୁତ୍ୱ ବାବଦରେ ଲୋକଙ୍କୁ ଅବଗତ କରାଇବା ତଥା ସଙ୍ଗୀତଜ୍ଞଙ୍କୁ ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ‘ବିଶ୍ୱ ସଙ୍ଗୀତ ଦିବସ’ ଭାବେ ପାଳନ କରାଯାଏ। ସେହିପରି ମ୍ୟୁଜିକ୍ ଥେରାପି ମନୁଷ୍ୟର ମାନସିକ ଦୁଃଶ୍ଚିନ୍ତା, ଅବସାଦ ତଥା ସୁସ୍ଥ ଶରୀର ଲାଗି ଖୁବ୍ ଉପଯୋଗୀ। ସଙ୍ଗୀତ ଦିବସର ପ୍ରାରମ୍ଭ ୧୯୮୨ରେ ଫ୍ରାନ୍ସରେ ହୋଇଥିଲା। ଆଉ ଏହାର ଶ୍ରେୟ ସେଠାକାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲେଙ୍ଗ୍‌କୁ ଦିଆଯାଏ। ଅନ୍ୟପଟେ ଏହି ଦିବସ ‘ଫେଟେ ଡି ଲା ମ୍ୟୁଜିକ୍’ ବା ‘ମେକ୍ ମ୍ୟୁଜିକ୍ ଡେ’ ନାଁରେ ମଧ୍ୟ ପରିଚିତ। ପ୍ରଥମ ସଙ୍ଗୀତ ଦିବସ ପାଳନ ଅବସରରେ ଫ୍ରାନ୍ସ ସମେତ ୩୨ରୁ ଅଧିକ ଦେଶ ସାମିଲ ହୋଇଥିଲେ। ଏବେ ଏହି ଦିବସକୁ ଭାରତ, ଇଟାଲୀ, ଗ୍ରୀସ୍, ରୁଷ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡୋର୍, ମେକ୍ସିକୋ, କାନାଡ଼ା, ଆମେରିକା, ବ୍ରିଟେନ, ଜାପାନ, ଚୀନ୍, ମଲେସିଆ ସମେତ ଆହୁରି ଅନେକ ଦେଶ ପାଳନ କରୁଛନ୍ତି। ଏହି ଅବସରରେ ସଙ୍ଗୀତପ୍ରେମୀମାନେ ବିଭିନ୍ନ ସ୍ଥାନରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହାବାଦ୍ ଏହି ଅବସରରେ ସଙ୍ଗୀତକାର ତଥା କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଏ।

# ଯୋଗ: ଏଚ୍‌ଆଇଭି ଯୋଦ୍ଧାମାନଙ୍କ ପାଇଁ ଦୈନିକ ସୁସ୍ଥ ରହିବାର ସଞ୍ଜୀବନୀ ସ୍ପର୍ଶ

**ସ୍ମୃତି ସାଗରିକା କାନୁନଗୋ**

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**

ଜୁନ୍ ୨୧ ତାରିଖ ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ - ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ। ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ, ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି। ଯୋଗ ସାର୍ବଜନୀନ ସୁସ୍ଥତା ପାଇଁ ମଧ୍ୟ ଏକ ଧାରାବାହିକ ଅଭ୍ୟାସ। ଯୋଗର ଜନ୍ମଭୂମି ଭାରତ। ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏହା ଶାରୀରିକ ଆସନ (ଆସନ), ଶ୍ୱାସକୌଶଳ (ପ୍ରାଣାୟମ) ଏବଂ ଧ୍ୟାନ(ଧ୍ୟାନ) ର ମିଶ୍ରଣ ମାଧ୍ୟମରେ ଶରୀର, ମନ ଏବଂ ଆତ୍ମାକୁ ସମନ୍ୱିତ କରେ। ନିୟମିତ ଯୋଗାଭ୍ୟାସ ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ସୁନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ। ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ ଏଚ୍‌ଆଇଭି ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ - ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କିଛି ଯୌଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ନିୟମିତ ଯୋଗାଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ,ଅବସାଦର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏହା ବୟସ, ଲିଙ୍ଗ, ଧର୍ମ, ଆର୍ଥିକ ସ୍ଥିତି ସମସ୍ତଙ୍କ ପାଇଁ ଯୋଗର ବାର୍ତ୍ତା ସାର୍ବଜନୀନ। ଏଚ୍‌ଆଇଭି/ ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ, ଏହା ମର୍ଯ୍ୟାଦା, ସଶକ୍ତିକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ‘ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ ଆମକୁ ମନେ ପକାଇ ଦେଉଛି ଯେ,ସ୍ୱାସ୍ଥ୍ୟ ପାଇଁ ଯୋଗ ଏକ ସାମୂହିକ ଯାତ୍ରା। ଆବାଳବୃଦ୍ଧବନିତା ହୁଅନ୍ତୁ ବା ଦୀର୍ଘକାଳୀନ ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗ ଶରୀରକୁ ସୁସ୍ଥତା ପ୍ରଦାନ ପାଇଁ ରହିଛି। ଆସନ୍ତୁ ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।



# ହାଇଦ୍ରାବାଦରେ ବନାରସ ସେଟ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ ‘ଏସ୍‌ଏସ୍‌ଏମ୍‌ବି୨୯’ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ମହେଶ ବାବୁ, ପୃଥ୍ୱୀରାଜ ସୁକୁମାରନ୍, ପ୍ରିୟାଙ୍କ ଚୋପ୍ରା ଜୋନାସ ଲିଡ୍ ରୋଲରେ ନଜର ଆସିବେ। ବନାରସ ସହରକୁ ଏହି ଫିଲ୍ମରେ ଦର୍ଶାଯିବ। ରାଜମୌଳି ବନାରସରେ ଫିଲ୍ମର ସୁଟିଂ ନ କରି ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ ଏହାକୁ ରିକ୍ରିଏଟ୍ କରିଛନ୍ତି। ଏହି ସେଟ୍ ତିଆରି ପାଇଁ ପାଖାପାଖି ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। ତେବେ ଏହି ସେଟ୍‌ରେ ମହେଶବାବୁଙ୍କର କିଛି ଜବରଦସ୍ତ ଆକ୍ସନ୍ ସିନ୍ ସୁଟ୍ ହେବ। ସେହିଭଳି ଆସନ୍ତା ଜୁଲାଇ ମାସରୁ ପ୍ରିୟଙ୍କା ଓ ମହେଶ ବାବୁ କେନିଆରେ ସୁଟିଂ ଆରମ୍ଭ କରିବେ। ଏହି ଫିଲ୍ମ ମାଧ୍ୟମରେ ପ୍ରିୟଙ୍କା ଦୀର୍ଘ ଛଅ ବର୍ଷର ଅନ୍ତରାଳ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ପ୍ରିୟଙ୍କା ଶେଷ ଥର ପାଇଁ ‘ଦ ସ୍କାଏ ଇଜ୍ ପିଙ୍କ୍’ ଫିଲ୍ମରେ ଦେଖାଯାଇଥିଲେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୯

(୧) ଇଣ୍ଡୋନେସିଆର ରାଜଧାନୀର ନାମ କ’ଣ?
ଉତ୍ତର: ________

(୨) ସୌରମଣ୍ଡଳର ସବୁଠୁ ଉତ୍ତପ୍ତ ଗ୍ରହର ନାମ କ’ଣ?
ଉତ୍ତର: ________

(୩) ଓଡ଼ିଶାର କେଉଁ ସ୍ଥାନରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି?
ଉତ୍ତର: ________

(୪) ପ୍ରଧାନପାଟ ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର: ________

(୫) ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀଙ୍କ ନାମ କ’ଣ?
ଉତ୍ତର: ________

**ଗତ ସପ୍ତାହର କୁଇଜ୍ ବିଜେତା**
- ପର୍ଶୁରାମ ମଲ୍ଲିକ୍, ନିମାପଡ଼ା
- ସୋମ୍ୟା ସୁଚରିତା ସାହୁ, କପ୍ତିପଦା, ମୟୂରଭଞ୍ଜ
- ରଜତ କୁମାର ନାୟକ, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## ରଥଯାତ୍ରା





ରଥ ଯାଆ ଗଡ଼ି ଯା, ଚକ ଗଡ଼ି ଯାରେ
ଆଷାଢ଼େ ଗୁଣ୍ଡିଚା ଯାତ, ବୁଲିଯିବେ ପ୍ରଭୁ ଜଗନ୍ନାଥ
ସଜ ହୋଇଲାଣି ନନ୍ଦିଘୋଷ, ଆସ ପ୍ରଭୁ ବେଗେ ଆସ
ଶରଧା ବାଲିରେ ଗଡ଼ି, ରଥ ଯିବ ଆମ ଗଡ଼ି
ରଥ ଯା, ଗଡ଼ି ଯା...
ଆଗେ ବଳରାମ ଭାଇ, ମଝିରେ ହଳଦୀ ମୁହିଁ
ମାଉସୀ ବସିଛି ଚାହିଁ, ପୋଡ଼ପିଠା ଦେବ ଖୋଇ
ଭକତ ତୋ ଆଗେ ପଛେ, ଜୟ ଜଗନ୍ନାଥ କହି
ରଥ ଯା ଗଡ଼ି ଯା...
ଜନମ ବେଦୀରେ ଚାହିଁ ବସିଛି, ତୋହରି ଗୁଣ୍ଡିଚା ମାଆ
ଖୁଆଇ ଦେବ ସର ଲବଣୀ, ବେଗି ବେଗି ତୁ ଆ
ରଥ ଯା ଗଡ଼ି ଯା..
ନଅ ଦିନ ଯାଏ ମାଆ କୋଳେ ବସି ଖାଇବୁ ବଗଡ଼ା ଅନ୍ନ
ଭକତ ଭିଡ଼ରେ ଖୁସି ହେଉଥିବୁ, ଭକତ ଜୀବ ଜୀବନ
ରଥ ଯା ଗଡ଼ି ଯା ....




ପୁଷ୍ପଲତା ସାହୁ
ଝାରସୁଗୁଡ଼ା
ମୋ-୬୩୭୧୪୧୫୨୪୧




# ବାଘର ମାଉସୀ ବିଲେଇ





ସୁଧାଂଶୁ ଶେଖର ଦ୍ୱିବେଦୀ


ବିଲେଇଟିଏ ଥିଲା। ବୁଲାବୁଲି କରିବାରେ ତା’ର ଭାରି ସଉକ। ଦିନ ଆରମ୍ଭ ହେବାମାତ୍ରେ ବୁଲିବାକୁ ବାହାରି ପଡ଼େ। ପୂରା ଦିନ ଖାଲି ବୁଲିବ। ଥରେ ବୁଲୁବୁଲୁ ସେ ଘୋର ଜଙ୍ଗଲ ମଧ୍ୟରେ ପହଞ୍ଚିଗଲା। ରାସ୍ତା ମଝିରେ ବେଧଡ଼କ ଚାଲିଥାଏ। ହଠାତ୍ ତାକୁ ଗୋଟେ ଠେକୁଆ ବାଟ ଓଗାଳି କହିଲା- ଆରେ ତୁ କିଏ ? ତୋତେ ତ ଏ ଜଙ୍ଗଲରେ କେବେ ଦେଖିନାହିଁ। ତୁ ଯିଏ ବି ହେଇଥା ହେଲେ ମଝି ରାସ୍ତାରୁ ହଟିଯା। ଏବେ ଜଙ୍ଗଲର ରାଜା ମହାବଳ ବାଘ ଭ୍ରମଣ କରିବାକୁ ବାହାରିବେ। ସେ ତୋତେ ରାସ୍ତା ମଝିରେ ଚାଲୁଥିବା ଦେଖିଲେ କଞ୍ଚା ଚୋବେଇଦେବେ। ବିଲେଇ କିନ୍ତୁ ଛାଡ଼ିବା ଜନ୍ତୁ ନୁହେଁ। ଅତି ନିର୍ଭୟରେ କହିଲା- ହେ, ମୁଁ ସେ ବାଘ-ଫାଘ କାହାକୁ ଡରେ ନାହିଁ। ଏହା କହିବା ସହିତ ସେ ଆଗକୁ ବଢ଼ିଲା। କିଛି ଦୂର ସେ ଯାଇଛି ଦୁଇ ଶୃଗାଳ ସୈନିକ କୁଦାମାରି ତା’ ପାଖରେ ପହଞ୍ଚି କହିଲେ- ତୋର ତ ବହୁତ ସାହସ ! ତୁ କିଏ ରେ ? ରାଜା ଏବେ ଭ୍ରମଣ ନିମନ୍ତେ ବାହାରିଛନ୍ତି। ତୋତେ ମଝି ରାସ୍ତାରେ ଦେଖିଲେ ଶୂନ୍ୟ ହେଇଯିବୁ। ଶୀଘ୍ର ପଳା। ବିଲେଇ ମୁଣ୍ଡ ଟେକି ନିଶକୁ ଫୁଲେଇ କହିଲା-ବାଘ ରାଜା ହୋଇଥିବ ତୁମର। ମୁଁ ତାକୁ ଡରେନି କି ଖାତିର୍ କରେନି। ଠିକ୍ ସେତିକିବେଳେ ବାଘ ହେଣ୍ଟାଳ ରଡ଼ି ଛାଡ଼ି ସେଠି ପହଞ୍ଚିଲା। ଦୁଇ ସୈନିକ ଶୃଗାଳ ଭୟରେ ଥରୁଥାନ୍ତି। ବିଲେଇ କିନ୍ତୁ ପୂର୍ବପରି ନିର୍ଭୀକ ଭାବେ ଛିଡ଼ା ହୋଇ ରହିଲା। ବାଘ ଗର୍ଜନ କରି ପଚାରିଲା- ତୁ କିଏରେ? ଦୁଇ ଶୃଗାଳ ସୈନିକ କହିଲେ- ମହାରାଜ ! ଇଏ କହୁଛି ଆପଣଙ୍କୁ ଡରେ ନାହିଁ କି ଖାତିର୍ କରେନାହିଁ। ବାଘର ମଗଜ ଗରମ ହେଇଗଲା। ଡେମା ଡେମା ଆଖି ବାହାର କରି କହିଲା- ତୁ କ’ଣ ମୋତେ ଭୟ କରୁନାହୁଁ। ଜାଣୁ ମୁଁ ଏ ଜଙ୍ଗଲର ରାଜା। ବିଲେଇ ନିଶକୁ ସାଉଁଳି କହିଲା-ତୁ ରାଜା ହେଲେ ହେଇଥା ! ମୁଁ କୋଉ ଏ ଜଙ୍ଗଲରେ ରହୁଛି ଯେ ତୋତେ ରାଜା ବୋଲି ଖାତିର୍ କରିବି। ତୁ ଭୁଲିଯାଇଛୁ ମୁଁ ତୋ ପରିବାର ସଦସ୍ୟ। ମୋ ପରିବାର ସଦସ୍ୟ ! ବାଘ ଆଶ୍ଚର୍ଯ୍ୟ ହୋଇ ପଚାରିଲା। ବିଲେଇ ମୁହଁ ହଲେଇ କହିଲା-ଆରେ ତୋତେ ଏତିକି ଜଣାନାହିଁ ତୋ ମା’ ଆଉ ମୁଁ ଦୁଇ ଭଉଣୀ। ବାଘ ଚକିତ ହୋଇ ବିଲେଇର ମୁହଁକୁ କିଛି କ୍ଷଣ ଦେଖି କହିଲା-ତୁ ମିଛ କହୁଛୁ। ମୋ ଠାରୁ ଜୀବନ ବଞ୍ଚେଇବାକୁ ବାହାନା କରୁଛୁ। କାହିଁ ମୋ ଶକ୍ତିଶାଳୀ ମା’ କାହିଁ ତୋ ଭଳି ଗୋଟେ ଛୋଟିଆ ଜୀବ ! ତୁ ଯାହା କହୁଛୁ ଠିକ୍ ହେଲେ ଆମେ ଦୁହେଁ ଦୁଇ ଭଉଣୀ। ତୋ ମା’ର ଶରୀର ଶକ୍ତିଶାଳୀ ହେବାରେ ଗୋଟେ କାହାଣୀ ଅଛି। ବିଲେଇ କଥା ଶୁଣି ବାଘ ଉତ୍କଣ୍ଠାରେ ପଚାରିଲା-କୋଉ କାହାଣୀ? ବିଲେଇ ମନଗଢ଼ା କାହାଣୀ ଶୁଣେଇଲା- ମୁଁ ଓ ତୋ ମା’ ଗୋଟେ ମା’ର ପିଲା। ତୋ ମା’ ବଡ଼ ମୁଁ ସାନ। ତୋ ମା’ ବଡ଼ ହେବାପରେ ଜଙ୍ଗଲକୁ ଚାଲିଗଲା। ଗୁମ୍ଫାରେ ରହିଲା। ଜଙ୍ଗଲର ନିରୀହ ପଶୁଙ୍କୁ ଶିକାର କରି ଖାଇଲା। ଧୀରେ ଧୀରେ ତା’ ଶରୀର ବଢ଼ିବାକୁ ଲାଗିଲା। ସେତେବେଳେ ମୁଁ କୁନି ଛୁଆଟେ ଥିଲି। ତୋ ମା’କୁ ଖୋଜିବା ଲାଗି ଜଙ୍ଗଲ ଭିତରକୁ ଯିବାବଳେ ରାସ୍ତା ଭୁଲିଗଲି। ସେଇଠୁ ଗୋଟେ ଗାଁରେ ଯାଇ ପହଞ୍ଚିଲି। ତୋ ମା’କୁ ନ ପାଇ ପୁଣି ରାସ୍ତା ଭୁଲି କାନ୍ଦିବାକୁ ଲାଗିଲି। ସେ ଗାଁର ଜଣେ ଲୋକ ଆସି ମୋ ଲୁହ ପୋଛି ଆଉଁଶି ଦେଲା। ତା’ ଘରକୁ ନେଇ ରଖିଲା। ସେ ଯାହା ଖାଏ ମୋତେ ବି ଖାଇବାକୁ ଦିଏ। ଘର ଖାଦ୍ୟ ଖାଇ ମୋ ଶରୀର ବଳିଷ୍ଠ ହେଲା ନାହିଁ। ସେଇଦିନରୁ ମୁଁ ଛୋଟ ହୋଇ ରହିଗଲି। ବାଘ ରାଜା ଓ ଦୁଇ ଶୃଗାଳ ସୈନିକ ବିଲେଇର କାହାଣୀକୁ ସତ ଭାବିଲେ। ବାଘ ଖୁସିରେ ଉଲ୍ଲସିତ ହୋଇ ବିଲେଇକୁ କହିଲା-ମୋ ମା’ ତ ଆଉ ଦୁନିଆରେ ନାହିଁ। ତୁ ମୋ ମାଉସୀ। ଏବେଠୁ ତୁ ଏ ଜଙ୍ଗଲରେ ରହିବୁ। ବିଲେଇ ମୁହଁ ଛିଞ୍ଚାଡ଼ି କହିଲା-ନା ବାବା ନା-ମୋ ବିନା ମୋ ମାଲିକ ରହିପାରିବ ନାହିଁ। ସେ ମୋତେ ଚାରିଆଡ଼େ ଖୋଜୁଥିବ। ମୁଁ ଗାଁକୁ ଯାଉଛି। ବାଘ ତା’ ପଞ୍ଝାରେ ବିଲେଇ ମୁଣ୍ଡକୁ ଆଉଁସି କହିଲା-ହଉ ତୋ ଇଚ୍ଛା ଯାହା କରୁଛୁ କର। ହେଲେ ଯେବେବି ତୋର ମନ ହେବ ଜଙ୍ଗଲକୁ ବୁଲାବୁଲି କରିବାକୁ ଆସିବୁ। ବିଲେଇ ଗାଁ ପଟକୁ ଗୋଡ଼ ବଢ଼ାଇଲା। ରାସ୍ତାସାରା ସେ ମନ ଖୁସିରେ ଡିଆଁମାରି କହି ହେଉ ଥାଏ- ମୁଁ ତ ବାଘର ମାଉସୀ... ମୁଁ ତ ବାଘର ମାଉସୀ... ।


ବିସି-୭୪,ସଲ୍ଟ ଲେକ୍,କୋଲକାତା
ମୋ-୯୬୮୧୩୭୩୫୧୨


## ତୁଳି ଓ ରଙ୍ଗ



ଗୌରବ ଦାସ
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ସାଇ ଆଦିତ୍ୟ ପ୍ରଧାନ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ସତ୍ୟବାଦୀ





ପ୍ରତୀକ ଅଦାବର
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର





ବିଭାବରୀ ଦତ୍ତ
ତୃତୀୟ ଶ୍ରେଣୀ
କୋହେନ ଇଣ୍ଟରନ୍ୟାସନାଲ ସ୍କୁଲ
ଭୁବନେଶ୍ୱର



## ପ୍ରହେଳିକା

- ବର୍ଷରେ ଥରୁଟେ ଏହି ଯାତରା
  ହୁରି ପଡ଼ୁଥାଏ ଦୁନିଆଁ ସାରା
  ଦେଶ ବିଦେଶରୁ ଆସନ୍ତି ଧାଇଁ
  ପ୍ରଭୁ ଦରଶନ କରିବା ପାଇଁ
  ମନ୍ଦିର ଛାଡ଼ି ପ୍ରଭୁ ବାହାର ଆସି
  ଭକ୍ତଙ୍କ ମେଳରେ ହୁଅନ୍ତି ଖୁସି
  ବୁଲୁଥାନ୍ତି ପ୍ରଭୁ ରଥରେ ଚଢ଼ି
  ଆନନ୍ଦରେ ଭକ୍ତ ନିଅନ୍ତି ଭିଡ଼ି
  ଆଷାଢ଼ ମାସରେ ଯାତରା ହୁଏ
  ନାମଟି ତାହାର କହିବ କିଏ ?
  ଉ-ରଥଯାତରା
- କରିବା ପାଇଁକି ପ୍ରଭୁ ଭ୍ରମଣ
  ନୂତନ କାଠରେ ହୁଏ ନିର୍ମାଣ
  ବର୍ଷରେ ଥରୁଟେ ପ୍ରସ୍ତୁତି ତାର
  ଯିବାପାଇଁ ପ୍ରଭୁ ମାଉସୀ ଘର
  ପ୍ରଭୁଙ୍କର ଏକ ବାହନ ସିଏ
  ନାମଟି ତାହାର କହିବ କିଏ ?
  ଉ-ରଥ


ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଦମ୍‌ଦାର ଖେଳରୁ ଭାରତର ଇଂଲଣ୍ଡ ଟୁର୍ ଆରମ୍ଭ

# ପ୍ରଥମ ଦିନରେ ଗିଲ୍, ଜୟସ୍ୱାଲଙ୍କ ଶତକ

ଲିଡ୍ସ,୨୦।୬ (ଏଜେନ୍ସି)

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ର ପ୍ରଥମ ଦିନରେ ଦମ୍ ଦେଖାଇଛନ୍ତି ଭାରତୀୟ ବ୍ୟାଟର। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୧୦୧) ଓ ଯୁବ ଅଧିନାୟକ ଶୁବମନ ଗିଲ୍ (୧୭୫ ବଲ୍‌ରେ ୧୨୭*ରନ୍) ଶତକ ହାସଲ କରିଛନ୍ତି। ଏମାନଙ୍କ ଶତକ ବଳରେ ଭାରତ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୩୫୯ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଗିଲ ୧୨୭ ଓ ପନ୍ତ ୬୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ ୪୨ ଓ ଟେଷ୍ଟ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଖାତା ଖୋଲିବାରେ ସମର୍ଥ ହୋଇ ପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଜଣ ଓ ବ୍ରାଇଡନ କାର୍ସ ଜଣେ ଲେଖାଏଁ ଭାରତୀୟ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସଫଳ ହୋଇଥିଲେ। ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଭାରତର ୩୭ତମ ତଥା ପଞ୍ଜାବ ରାଜ୍ୟର ପ୍ରଥମ ଟେଷ୍ଟ ଅଧିନାୟକ ଭାବେ ପଦାର୍ପଣ କରିଛନ୍ତି।

ଏହି ଟେଷ୍ଟରେ ଭାରତ ଲାଗି ପ୍ରଥମଥର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ପ୍ରଥମ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲେ। ଏଠିକାର ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା କଷ୍ଟକର ହୋଇଥାଏ। କିନ୍ତୁ ଦୁଇ ଓପନର ଅଭିଜ୍ଞ ରାହୁଲ ଓ ପ୍ରତିଭାବାନ ଜୟସ୍ୱାଲ ଅତ୍ୟନ୍ତ ଧୈର୍ଯ୍ୟ, ସଂଯମ ଓ ଏକାଗ୍ରତାର ସହ ଘରୋଇ ଫାଷ୍ଟ ବୋଲରଙ୍କୁ ମୁକାବିଲା କରିଥିଲେ। ଯାହା ଫଳରେ ଏମାନେ ଆଉଟ ହେବାର ଗୋଟିଏ ହେଲେ ସୁଯୋଗ ଦେଇ ନ ଥିଲେ।





ଏହା ଛଡ଼ା ପ୍ରଥମ ଦିନରେ ୩ଟି ପାର୍ଟନରସିପ୍ ଭାରତକୁ ଫାଇଦାରେ ରଖିଥିଲା। ପ୍ରଥମେ ଜୟସ୍ୱାଲ ପ୍ରଥମ ୱିକେଟରେ ଲୋକେଶ ରାହୁଲଙ୍କ ସହ ୧୫୧ ବଲ୍‌ରୁ ୯୧ ରନ୍, ତୃତୀୟ ୱିକେଟରେ ଜୟସ୍ୱାଲ ଓ ଗିଲ୍ ୧୬୪ ବଲ୍‌ରୁ ୧୨୯ ରନ୍ ଏବଂ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରେ ଗିଲ୍ ଓ ପନ୍ତ ୧୯୮ ବଲ୍‌ରୁ ୧୩୮ ରନ୍ ଉଠାଇ ଖେଳକୁ ନିଜ କବ୍‌ଜାରେ ରଖିଥିଲେ। ଲଞ୍ଚ୍ ପୂର୍ବରୁ ରାହୁଲ ୪୨ ଓ ସୁଦର୍ଶନ ଖାତା ଖୋଲିବା ପୂର୍ବରୁ ଆଉଟ ହେବା ସମୟ କେବଳ ଇଂଲଣ୍ଡ ନିୟନ୍ତ୍ରଣରେ ରହିଥିଲା।

ଟେଷ୍ଟ କ୍ୟାରିୟରର ୫ମ ଶତକ ହାସଲ କରିଥିବା ଜୟସ୍ୱାଲ ୧୫୯ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହ ୧୦୧ ରନ୍ କରିଥିଲେ। ଗିଲ ୧୭୫ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହ ୧୨୭ ଓ ପନ୍ତ ୧୦୨ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୬୫ ରନ୍‌ରେ ଅପରାଜିତ ରହିଥିଲେ। ପ୍ରଥମ ଦିନ ଲଞ୍ଚ୍ ବେଳକୁ ଭାରତ ୨ ୱିକେଟରେ ୯୨, ଚା' ପାନ ବିରତି ବେଳକୁ ୨ ୱିକେଟରେ ୨୧୫ ରନ୍ କରିଥିଲା। ଦ୍ୱିତୀୟ ସେସନରେ ଭାରତ ଆଦୌ ୱିକେଟ ହରାଇ ନ ଥିଲା। ତୃତୀୟ ସେସନରେ କେବଳ ଜୟସ୍ୱାଲ ଆଉଟ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୩୫୯/୩, ୮୫ ଓଭର (ଶୁବମନ ଗିଲ୍-୧୨୭*, ଋଷଭ ପନ୍ତ-୬୫*, ଯଶସ୍ୱୀ ଜୟସ୍ୱାଲ-୧୦୧, ଲୋକେଶ ରାହୁଲ-୪୨, ବେନ୍ ଷ୍ଟୋକ୍ସ-୨/୪୩, ବ୍ରାଉଡନ କାର୍ସ- ୧/୭୦)।

### ଲିଡ୍ସରେ ପ୍ରଥମ ଦିନ ରେକର୍ଡ

- ଏଠାରେ ଓପନର ଯଶସ୍ୱୀ ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୫ମ ତଥା ଇଂଲଣ୍ଡ ମାଟିରେ ପ୍ରଥମ ଶତକ ହାସଲ କରିଛନ୍ତି।
- ଜୟସ୍ୱାଲ ୫ଟି ବିଭିନ୍ନ ଦେଶରେ ଖେଳିଥିବା ପ୍ରଥମ ଟେଷ୍ଟରେ ୪ଟି ଦେଶରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଛନ୍ତି।
- ଏହା ମଧ୍ୟରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୭୧, ଅଷ୍ଟ୍ରେଲିଆ ବିପକ୍ଷରେ ୧୬୧ ଓ ଇଂଲଣ୍ଡ ବିପକ୍ଷରେ ୧୦୧ ରନ୍ କରିଛନ୍ତି।
- ଇଂଲଣ୍ଡରେ ଖେଳିଥିବା ପ୍ରଥମ ଇନିଂସରେ ଶତକ ହାସଲ କରିବାରେ ବିଜୟ ମଞ୍ଜରେକର, ସନ୍ଦୀପ ପାଟିଲ, ସୌରଭ ଗାଙ୍ଗୁଲି, ମୁରଲୀ ବିଜୟଙ୍କ ପରେ ୫ମ ବ୍ୟାଟର।
- ଜୟସ୍ୱାଲ ଓ ରାହୁଲ ଏଠାରେ ପ୍ରଥମ ୱିକେଟରୁ ୯୧ ରନ୍ ଉଠାଇଛନ୍ତି। ୨୦୦୨ ପରେ ଏଠାରେ ଓପନିଂ ୱିକେଟରେ ଏହା ହେଉଛି ଦ୍ୱିତୀୟ ଅର୍ଦ୍ଧଶତକୀୟ ଭାଗୀଦାରି।
- ଏହି ଟେଷ୍ଟରେ ଅଧିନାୟକ ଭାବେ ପଦାର୍ପଣ କରିଥିବା ଶୁବମନ ଗିଲ୍ ଶତକ ହାସଲ କରିଛନ୍ତି।
- ଏହି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ୨୩ତମ ତଥା ଭାରତର ୫ମ ଖେଳାଳି।
- ଗିଲ୍‌ଙ୍କ ପୂର୍ବରୁ ବିଜୟ ହଜାରେ, ସୁନିଲ ଗାଭାସ୍କର, ବିରାଟ କୋହଲି, ଦିଲୀପ ଭେଙ୍ଗସରକାର ଅଧିନାୟକ ଭାବେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିଲେ।
- ଟେଷ୍ଟ କ୍ୟାରିୟରରେ ଏହା ଜୟସ୍ୱାଲଙ୍କ ୫ମ ଓ ଗିଲ୍‌ଙ୍କର ୬ଷ୍ଠ ଶତକ।
- ଅର୍ଦ୍ଧଶତକ ସହ ଉପଅଧିନାୟକ ପନ୍ତ ଟେଷ୍ଟ କ୍ରିକେଟରେ ୩,୦୦୦ ରନ୍ ପୂରଣ କରିଛନ୍ତି।
- ବିଦେଶରେ ତୃତୀୟଥର ସକାଶେ ଭାରତର ୨ଜଣ ବ୍ୟାଟର ଗୋଟିଏ ଦିନରେ ଶତକ ହାସଲ କରିଛନ୍ତି।
- ବିଦେଶ ଟୁର୍‌ର ପ୍ରଥମ ଦିନରେ ଭାରତ ସଂଗ୍ରହ କରିଥିବା ୩ ୱିକେଟରେ ୩୫୯ ରନ୍ ତୃତୀୟ ସର୍ବାଧିକ।

## ୮ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ନାୟାର

ଲିଡ୍ସ,୨୦।୬ (ଏଜେନ୍ସି): ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ଚୂଡ଼ାନ୍ତ ଏକାଦଶରେ ଖେଳିବାର ସ୍ଥାନ ପାଇଛନ୍ତି କରୁଣ ନାୟାର।



ଏଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟ ଖେଳି ଦ୍ୱିଶତକ (୨୦୪) ହାସଲ କରିବା ପରେ କରୁଣଙ୍କୁ ପ୍ରଥମ ଟେଷ୍ଟ ଖେଳିବା ସୁଯୋଗ ମିଳିଛି। ଏହା ଫଳରେ ସେ ଦୀର୍ଘ ୮ ବର୍ଷ ପରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ସୁଯୋଗ ପାଇଛନ୍ତି। ୨୦୧୬ରେ ସେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତର ଦ୍ୱିତୀୟ ଖେଳାଳିଭାବେ ଟେଷ୍ଟରେ ତ୍ରିଶତକ କରିଥିଲେ। ଏହା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ୮ ବର୍ଷ ପରେ ଜାତୀୟ ଦଳକୁ ଫେରିଛନ୍ତି।

## ଡେବ୍ୟୁରେ ସୁଦର୍ଶନ 'ଶୂନ'

ଲିଡ୍ସ,୨୦।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସର୍ବାଧିକ ରନ୍ କରି ସମସ୍ତଙ୍କ ନଜରକୁ ଆସିଥିବା ଗୁଜରାଟ ଟାଇଟାନ୍ସ ତଥା ତାମିଲନାଡୁ ବ୍ୟାଟର ସାଇ ସୁଦର୍ଶନ ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ ଡେବ୍ୟୁ କରିଛନ୍ତି। ଭାରତର ପ୍ରସିଦ୍ଧ ବ୍ୟାଟର ଚେତେଶ୍ୱର ପୂଜାରା ତାଙ୍କୁ ଟସ୍ ପୂର୍ବରୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ଜଣେ ପ୍ରତିଭାବାନ ଖେଳାଳି ଭାବେ ୩ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏହା ଫଳରେ ସେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଡେବ୍ୟୁରେ ସେ ୪ଟି ବଲ୍‌ର ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିବାରେ ସମର୍ଥ ହୋଇପାରି ନ ଥିଲେ। ସୁଦର୍ଶନ ଡେବ୍ୟୁ କରିବା ଅର୍ଥ ଗତ ୮ ବର୍ଷ ଧରି ଟେଷ୍ଟ ଖେଳିବାକୁ ଅପେକ୍ଷା କରିଥିବା ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନ ନିରାଶ ହୋଇଛନ୍ତି। ଅଭିମନ୍ୟୁ ୧୦୦ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବା ସହ ଗତ ୨ ବର୍ଷ ଧରି ଭାରତ-ଏ'ର ନେତୃତ୍ୱ ନେଇଆସୁଛନ୍ତି। ସୁଦର୍ଶନ ଏହିପରି ପ୍ରଦର୍ଶନ କଲେ ତୃତୀୟ କିମ୍ବା ଚତୁର୍ଥ ଟେଷ୍ଟରେ ଅଭିମନ୍ୟୁ ଡେବ୍ୟୁ କରିବାର ସମ୍ଭାବନା ସୃଷ୍ଟି ହୋଇପାରେ।

● ଘରୋଇ କ୍ରିକେଟରେ ବୟସ ଜାଲିଆତି

## ଦ୍ୱିତୀୟ ବୋନ୍ ଟେଷ୍ଟ ଲାଗି ବିସିସିଆଇର ଅନୁମତି

ନୂଆଦିଲ୍ଲୀ,୨୦।୬ (ଏଜେନ୍ସି): ଭାରତର ଘରୋଇ କ୍ରିକେଟରେ ବୟସ ଜାଲିଆତି ବନ୍ଦ କରିବା ଲାଗି ଅନେକ ପ୍ରକାର ପଦକ୍ଷେପ ନିଆଯାଉଛି। ଏହା ଫଳରେ ଅଧିକ ବୟସର ଖେଳାଳିମାନେ ଯେପରି କମ ବୟସ ଗ୍ରୁପ୍‌ରେ ଖେଳି ନ ପାରିବେ, ସେଥିଲାଗି ଦେଶର ସର୍ବୋଚ୍ଚ କ୍ରିକେଟ ସଂସ୍ଥା ବିସିସିଆଇ ନିକଟରେ ଖେଳାଳିମାନଙ୍କର ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦେଇଛି। ଏହା ଫଳରେ ବୟସ ଜାଲିଆତି କରୁଥିବା ଯୁବ ଖେଳାଳିମାନେ ଧରାପଡ଼ିବେ। ଏବେ ବିସିସିଆଇ ପକ୍ଷରୁ କରାଯାଉଥିବା ବୋନ୍ ଟେଷ୍ଟରେ ଯେତିକି ବୟସ ଜଣାଯିବ, ସେଥିରେ ବିସିସିଆଇ ଗୋଟିଏ ବର୍ଷ ଅଧିକ ଯୋଡି ଏହାକୁ ଚୂଡ଼ାନ୍ତ କରୁଥିଲା। ଫଳରେ ଅନେକ ଖେଳାଳି କ୍ଷତିଗ୍ରସ୍ତ ହେଉଥିଲେ। ଏବେ ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦିଆଯିବା ପରେ ଏଭଳି ସ୍ଥିତି ଆଉ ଉପୁଜିବ ନାହିଁ ବୋଲି କୁହାଯାଉଛି।

## ନଇମ୍, ହାସନଙ୍କ ଚମତ୍କାର ବୋଲିଂ

# ଶ୍ରୀଲଙ୍କା ବିପକ୍ଷରେ ବାଂଲା ପ୍ରଥମ ଇନିଂସ ଅଗ୍ରଣୀ

ଗଲ୍, ୨୦।୬ (ଏଜେନ୍ସି): ଅଫ୍ ସ୍ପିନର ନଇମ୍ ହସନ ଓ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ପ୍ରଥମ ଇନିଂସରେ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ୍ ନିଶାଙ୍କାଙ୍କ ୧୮୭ ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ୮୭ ରନ୍ ସତ୍ତ୍ୱେ ଘରୋଇ ଦଳ ୪୮୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ନଇମ୍ ହସନ ୫ଟି ଓ ହାସନ ମାମୁଦ ୩ଟି ୱିକେଟ ନେଇ ବାଂଲାଦେଶକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ୧୦ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୩ ୱିକେଟରେ ୧୭୭ ରନ୍ କରିଛି। ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଭ୍ରମଣକାରୀ ବାଂଲାଦେଶ ହାତରେ ୭ ୱିକେଟ ବାକି ରଖି ମୋଟ ୧୮୭ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୫୬ ଓ ମୁସ୍‌ଫିକର ରହିମ ୨୨ ରନ୍‌ରେ ବ୍ୟାଟିଂ କରୁଥିଲେ। କିନ୍ତୁ ଓପନର ସଦ୍‌ମାନ ଇସ୍‌ଲାମ ୭୬ ରନ୍ କରି



ବାଂଲାକୁ ବିପଦରୁ ଉଦ୍ଧାର କରିଥିଲେ। ପୂର୍ବରୁ ଦଳ ୬୦ ରନ୍‌ରେ ୨ଟି ଓ ୧୨୮ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ସାଣ୍ଟୋ ଓ ମୁସ୍‌ଫିକର ଅବିଭକ୍ତ ଚତୁର୍ଥ ୱିକେଟରେ ପୁଣିଥରେ ଦମ୍‌ଦାର ବ୍ୟାଟିଂ କରି ୪୯ ରନ୍ ଉଠାଇଥିଲେ।

### ଏକା ଲଢ଼ିଲେ କାମିନ୍ଦୁ

ଗତକାଲି ଶ୍ରୀଲଙ୍କା ଦଳର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୩୬୮ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦଳ ନିକଟରେ ଦୁଇ ଶ୍ରେଷ୍ଠ ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ଓ ଧନଞ୍ଜୟ ଡି ସିଲଭା କ୍ରିଜ୍‌ରେ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ ଦଳ ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୧୭ ରନ୍ କରିପାରି ଥିଲା। ଏମାନଙ୍କ ମଧ୍ୟରେ କେବଳ କାମିନ୍ଦୁ ମେଣ୍ଡିସ୍ ୮୭ ରନ୍



କରି ବାଂଲା ବୋଲରଙ୍କୁ ଉଚିତ ମୁକାବିଲା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲନ ପ୍ରିୟନାଥ ରତନାୟକେ ୩୯ ଓ ଧନଞ୍ଜୟ ୧୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ବାଂଲା ପକ୍ଷରୁ ଅଫ୍ ସ୍ପିନର ନଇମ୍ ହାସନ ସର୍ବାଧିକ ୫ଟି ୱିକେଟ ନେଇ ବାଂଲାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଫାଷ୍ଟ ବୋଲର ହାସନ ମାମୁଦ ୩ଜଣ ଖେଳାଳିଙ୍କୁ ଆଉଟ କରି ଉପଯୁକ୍ତ ସହାୟତା ଦେଇଥିଲେ। ପୂର୍ବରୁ ଘରୋଇ ମାଟିରେ ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କା ଓପନର ପାଥୁମ ନିଶାଙ୍କା ୧୮୭ ରନ୍‌ର ମାରାଥନ ପାଳି ଖେଳିଥିଲେ।

## ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

# ସେମିରେ କଟକ-ଭୁବନେଶ୍ୱର ମୁକାବିଲା

କଟକ,୨୦।୬(ସମିସ)

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ଯାକ ସେମି ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମି ମୁକାବିଲାରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ ଏବଂ ରେଭେନ୍ସା ଗ୍ରାଉଣ୍ଡ-୨ରେ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର-ବି ଏବଂ କଟକ-ଏ ସାମ୍ନାସାମ୍ନି ହେବେ। ଭୁବନେଶ୍ୱରର ଉଭୟ ଦଳ ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ବରିଷ୍ଠ ବର୍ଗରେ ପ୍ରଥମ ଥର ଟାଇଟଲ ଜିତିଥିବା ସୁନ୍ଦରଗଡର କନିଷ୍ଠ ଦଳ ମଧ୍ୟ ଫାଇନାଲ ଦୌଡ଼ରେ ରହିଛି।

ଆଜି ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ ୧୦ ୱିକେଟରେ ଝାରସୁଗୁଡାକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୫୮ ରନରେ ଅଲଆଉଟ ହୋଇଥିଲା। ଭୁବନେଶ୍ୱର-ଏର ପ୍ରଜ୍ଞା କୁମାର ପତ୍ରୀ ଏବଂ ଚନ୍ଦ୍ରାଂଶୁ ବାଘେଲ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଦୁଇ ଓପନର ଆୟୁଷ ଚାନ୍ଦ(୩୨ରନ) ଏବଂ ଶ୍ରେୟାଂଶୁ ପଟ୍ଟନାୟକ(୨୩ରନ) ୧୪.୫ ଓଭରରେ ଦଳକୁ ଜିତାଇଥିଲେ। ଚନ୍ଦ୍ରାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ



ଚନ୍ଦ୍ରାଂଶୁ ବାଘେଲ



ପ୍ରିୟାଂଶୁ ମହାନ୍ତି



ଶୁଭାଶିଷ ମଲ୍ଲିକ




କିଶାନ ଆହିର

ଭୁବନେଶ୍ୱର-ବି ୪ ୱିକେଟରେ କଟକ-ବିକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମି ରାଉଣ୍ଡରେ ପ୍ରବେଶ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ୯ ୱିକେଟ ହରାଇ ୨୬୯ ରନ ସଂଗ୍ରହ କରିଥିଲା। ବାଦଲ ମଲ୍ଲିକ ସର୍ବାଧିକ ୭୨ରନ କରିଥିଲେ। ଭୁବନେଶ୍ୱର-ବି ତରଫରୁ ଶୁଭ୍ରକାନ୍ତ ପରିଡ଼ା ୪ଟି ୱିକେଟ ଦଖଲ କରିଥିଲେ। ଶୁଭାଶିଷ ମଲ୍ଲିକଙ୍କ ୧୨୭ରନ ସହାୟତାରେ ଭୁବନେଶ୍ୱର-ବି ବିଜୟ ହାସଲ କରିଥିଲା। ଶତକୀୟ ପାଳି ଖେଳିଥିବା ଶୁଭାଶିଷ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ କଟକ-ଏ ୭ ୱିକେଟରେ ଖୋର୍ଦ୍ଧାକୁ ହରାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ୪୫ରନ ସତ୍ତ୍ୱେ ଖୋର୍ଦ୍ଧାର ଇନିଂସ ୭୮ ରନରେ ସୀମିତ ରହିଥିଲା। କଟକ-ଏର ପ୍ରିୟାଂଶୁ ମହାନ୍ତିଙ୍କୁ ୩ଟି ୱିକେଟ ମିଳିଥିଲା। ୧୬.୩ ଓଭରରେ କଟକ-ଏ ବିଜୟୀ ହୋଇଥିବା ବେଳେ ଅବଦୁଲ ଲତିଫ ଅପରାଜିତ ୩୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ପ୍ରିୟାଂଶୁଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖୋର୍ଦ୍ଧାର ବିଜେବି ମିନି ଷ୍ଟାଡିୟମରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ଭିତରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। କିଶାନ ଆହିରଙ୍କ ଅପରାଜିତ ୬୩ରନ ବଳରେ ସୁନ୍ଦରଗଡ ୮ ୱିକେଟ ବିନିମୟରେ ୧୭୮ରନ କରିଥିଲା। କେନ୍ଦ୍ରାପଡାର କୁବେର ସାହୁ ଏବଂ ଇଶାନ ପାତ୍ର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୭୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କେନ୍ଦ୍ରାପଡା ୮୬ରନରେ ଅଲଆଉଟ ହୋଇଥିଲା। କିଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ବିଶ୍ୱ ପାରା ଆଥ୍‌ଲେଟିକ୍ ଚାମ୍ପିଅନସିପ୍

# ମାସ୍କଟ, ଲୋଗୋ ଉନ୍ମୋଚିତ



ଭୁବନେଶ୍ୱର,୨୦।୬ (ସମିସ): ଆଜିଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଆରମ୍ଭ ହେବ ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିଅନସିପ୍। ଏଥିଲାଗି ଆୟୋଜକ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀରେ ଆଜି ଲୋଗୋ ଓ ମାସ୍କଟ ଉନ୍ମୋଚନ ହୋଇଯାଇଛି। ଏହି ମାସ୍କଟର ନାମ ରଖାଯାଇଛି ବିରାଟ। ଏକ ଛୋଟିଆ ହାତୀ ଛୁଅକୁ ମାସ୍କଟ ଭାବେ ଗ୍ରହଣ କରାଯାଇଛି। ଏହା ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କ ବଳ ଓ ଦକ୍ଷତାକୁ ଦର୍ଶାଇଛି। ସେହିପରି ଭାରତର ସଂସ୍କୃତି ଓ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଛି ଲୋଗୋ। ଲୋଗୋ ଓ ମାସ୍କଟ ଉନ୍ମୋଚନ ଉତ୍ସବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଓ ସାଂସଦ କଙ୍ଗନା ରାଣାୱତ, ବିଶ୍ୱ ପାରାଆଥଲେଟିକ୍‌ସର ସଭାପତି ପଲ୍ ଫିଜଗେରାଲ୍ଡ ଓ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

# ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲେ ରାକେଶ

ଭୁବନେଶ୍ୱର,୨୦।୬ (ସମିସ): ରାଜ୍ୟର ଏକ ନମ୍ବର ତଥା ବରିଷ୍ଠ ଖେଳାଳି ସୁବ୍ରତ ଦାସଙ୍କୁ ହରାଇ ଯୁବ ଖେଳାଳି ରାକେଶ ମହାନ୍ତି ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ରାକେଶ ଏତିକିରେ ସନ୍ତୁଷ୍ଟ ନ ହୋଇ ଦ୍ୱିତୀୟ ରାଉଣ୍ଡରେ ଅନ୍ୟତମ ପୁରୁଖା ଖେଳାଳି ଜିତେନ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି। ରାକେଶ ଗୋଟିଏ ଦିନରେ ଦୁଇ ଜଣ ବଡ଼ ଖେଳାଳିଙ୍କୁ ହରାଇ ତାଙ୍କ ପ୍ରତିଭାର



ପରିଚୟ ଦେଇଛନ୍ତି। କିନ୍ତୁ ରାଜ୍ୟର ବିଶିଷ୍ଟ ଖେଳାଳି ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ନିଶାନ୍ତ ବିଶ୍ୱାଳ, ଅଲତାଫ୍ ଅଲି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଶେଷରେ ଜ୍ଞାନରଞ୍ଜନ ଦାସ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା ଚାଲିଛି। ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆସନ୍ତା ୨୨ ତାରିଖଯାଏ ଚାଲିବ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS